

ନିରପେକ୍ଷ ଦୈନିକ ସମ୍ବାଦପତ୍ର

ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

ଯା ଦେବୀ ସର୍ବଭୂତେଷୁ ।।।

website : wwwödhwanipratidhwaniönet

email: pratidhwaniödhwani@gmailöcom

ବାଲେଶ୍ୱର ❑ ବୁଧବାର ୦୪ ନଭେମ୍ବର ୨୦୨୬ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ WEDNESDAY 04 November 2026

Vol No 36 ■ No 288 ■ Price :Rs. 2.00 (8 pages) ■ RNI Registered No. 52528/91 ■ Postal Registered No. Balasore (Odisha)/005/2019

ପ୍ରକାଶ ପାଇଛି ପୂଜାସଂଖ୍ୟା ସାଗରିକା

ଡିଜିଟାଲ୍ ଫର୍ମାଟରେ ମଧ୍ୟ ଉପଲବ୍ଧ ।।।



ପ୍ରାପ୍ତିସ୍ଥାନ: ନଲେଜ ସେଣ୍ଟର, ବସଷ୍ଟାଣ୍ଡ ସାମ୍ନା, ବାଲେଶ୍ୱର

website : sagarikaöinönet

ଓଡ଼ିଶାରେ ବାତ୍ୟା 'ମୁରାସୁ' ପ୍ରଭାବହୀନ: 'ଅର୍ଣ୍ଣବ' ପୁନରୁଦ୍ଧାର ପାଇଁ ୪ ଆଇଏଏସଙ୍କୁ ସ୍ୱତନ୍ତ୍ର କ୍ଷମତା, ଗିଡ଼ିପାବାଲିରେ ଏବେବି ୧୧ ନିଖୋଜ



ଭୁବନେଶ୍ୱର, ୦୩/୧୧ (ନି.ପ୍ର): ଆନ୍ଧ୍ରପ୍ରଦେଶ ଉପକୂଳ ଦେଇ ଆଜି ସ୍ଥଳଭାଗ ଛୁଇଁଥିବା ଭୀଷଣ ବାତ୍ୟା 'ମୁରାସୁ' ଓଡ଼ିଶାରେ ପ୍ରଭାବହୀନ ରହିଛି । ଆଉ ଏପଟେ ବାତ୍ୟା 'ଅର୍ଣ୍ଣବ' ଓ ପରବର୍ତ୍ତୀ ପ୍ରଳୟଙ୍କରୀ ବନ୍ୟା ଯୋଗୁଁ କ୍ଷତିଗ୍ରସ୍ତ ଅଂଚଳଗୁଡ଼ିକରେ ପୁନରୁଦ୍ଧାର କାର୍ଯ୍ୟ ଜୋରଦାର କରିବା ନିମନ୍ତେ ରାଜ୍ୟ ସରକାର ୪ଜଣ ଆଇଏଏସଙ୍କୁ 'ଅତିରିକ୍ତ ସ୍ୱତନ୍ତ୍ର ରିଲିଫ କମିଶନର'ଙ୍କ କ୍ଷମତା ଦେଇ ୩ଟି ପ୍ରଭାବିତ ଜିଲ୍ଲାରେ ମୁତୟନ କରିଛନ୍ତି । କେନ୍ଦ୍ରୀୟ ଟିମ୍ ଆଜି ପ୍ରଭାବିତ ଗଞ୍ଜାମ ଓ ଗଜପତି ଜିଲ୍ଲା ଗସ୍ତ କରି କ୍ଷୟକ୍ଷତି ଆକଳନ କରୁଥିବାବେଳେ ଗିଡ଼ିପାବାଲିରେ ମାଟି ଅତଡ଼ା ସହ ପାହାଡ଼ ଧସି ନିଖୋଜ ଥିବା ୧୧ ଜଣଙ୍କୁ ଉଦ୍ଧାର କରିବା ନିମନ୍ତେ ଅଗ୍ନିଶମ ବାହିନୀ ଓ ପ୍ରଶାସନ ପକ୍ଷରୁ ଜାରି ଅପରେସନ୍ ଆଜି ଚତୁର୍ଥ ଦିନ ପାଇଁ ମଧ୍ୟ ଜାରି ରହିଛି । ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ନିର୍ଦ୍ଦେଶିକା ମନୋରମା ମହାନ୍ତିଙ୍କ ସୂଚନା ଅନୁଯାୟୀ, ଭୀଷଣ ବାତ୍ୟା 'ମୁରାସୁ' ଭୋର ପ୍ରାୟ ସାଢ଼େ ୩ଟାରୁ ସାଢ଼େ ୫ଟା ମଧ୍ୟରେ ଆନ୍ଧ୍ରପ୍ରଦେଶର ନେଲୋର ଓ ନରସାପୁର ମଧ୍ୟବର୍ତ୍ତୀ ଅଂଚଳ ଦେଇ ସ୍ଥଳଭାଗ ଅତିକ୍ରମ କରିଛି । ସ୍ଥଳଭାଗ ଛୁଇଁବାବେଳେ ପବନର ବେଗ ଘଣ୍ଟାପ୍ରତି ୧୦୦ରୁ ୧୧୦ କିମି ଥିବାବେଳେ ଝଟକା ପବନର ବେଗ ସର୍ବାଧିକ ୧୨୦ କିମି ପର୍ଯ୍ୟନ୍ତ ରହିଥିଲା । ତେବେ ଲ୍ୟାଣ୍ଡଫଲ୍ ପରେ ଏହା କ୍ରମଶଃ ଦୁର୍ବଳ ହୋଇ ଅପରାହ୍ନ ସୁଦ୍ଧା ସାଧାରଣ ବାତ୍ୟା ଓ ମଧ୍ୟରାତ୍ରି ସୁଦ୍ଧା ଅତି ଗଭୀର ଅବପାତରେ ପରିଣତ ହେବ । ଏହାର ପ୍ରଭାବରେ ଓଡ଼ିଶାରେ ବଡ଼ ବିପଦ ନଥିଲେ ମଧ୍ୟ ଆକାଶ ଆଂଶିକ ମେଘୁଆ ରହିବ ଓ କିଛି ସ୍ଥାନରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ହେବ । ମାଲକାନଗିରି ଓ କୋରାପୁଟ ଜିଲ୍ଲାର ଗୋଟିଏଦୁଇଟି ସ୍ଥାନରେ ପ୍ରବଳ ବର୍ଷା ହୋଇପାରେ । ଗତ ୨୪ ଘଣ୍ଟାରେ ଗଞ୍ଜାମ ଜିଲ୍ଲାର ପାତ୍ରପୁରରେ ସର୍ବାଧିକ ୪୩ ମିଲିମିଟର ବର୍ଷା ରେକର୍ଡ ହୋଇଛି । ଆସନ୍ତା ୫ଦାରିଖରୁ ବର୍ଷା ଯଥେଷ୍ଟ କମିବା ସହ

◆◆ପୃଷ୍ଠା ୭

ଶେଷ ଦର୍ଶନ ପାଇଁ ଚାହିଁ ବସିଛନ୍ତି ଆତ୍ମୀୟସ୍ୱଜନ: ଆଜି ସ୍ୱର୍ଗଦ୍ୱାରରେ ହେବ ଶେଷକୃତ୍ୟ



ଭୁବନେଶ୍ୱର, ୦୩/୧୧ (ନି.ପ୍ର): ଓଡ଼ିଶା ପାଇଁ ଅପୂରଣୀୟ କ୍ଷତି, ଚିକିତ୍ସାଜଗତରେ ବିରାଟ ଶୂନ୍ୟସ୍ଥାନ । ଅନେକଙ୍କୁ ସ୍ତବ୍ଧ କରିଦେଇଛି, ବିଶିଷ୍ଟ ସ୍ନାୟୁଶଲ୍ୟ ବିଶେଷଜ୍ଞ ଡାକ୍ତର ଅଶୋକ ମହାପାତ୍ରଙ୍କ ଅକାଳ ବିୟୋଗ । ଅଗଣିତ ରୋଗୀଙ୍କ ମସ୍ତିଷ୍କର ଅସ୍ତ୍ରୋପଚାର କରି ନୂଆ ଜୀବନ ଦେଇଥିବା ଡାକ୍ତର ଯେ ନିଜେ ଦିନେ ମସ୍ତିଷ୍କାଘାତରେ ଆଖି ବୁଜିବେ, ଏକଥାକୁ ସହଜରେ ଗ୍ରହଣ କରିପାରୁନାହାନ୍ତି ଲୋକେ । ଏପଟେ ତାଙ୍କ ଶେଷଦର୍ଶନକୁ ଚାହିଁବସିଛି ଓଡ଼ିଶାମାଟି, କୋଳରେ ଚିରଦିନ ପାଇଁ ସ୍ଥାନ ଦେବାକୁ ଅନାଇ ରହିଛି ବୀରଗୋବିନ୍ଦପୁରର ଜନ୍ମମାଟି । ଚିର ନିଦ୍ରାରେ ବିଶିଷ୍ଟ ସ୍ନାୟୁଶଲ୍ୟ ବିଶେଷଜ୍ଞ ଡାକ୍ତର ଅଶୋକ ମହାପାତ୍ର । ଦିଲ୍ଲୀରେ ହୋଇଛି ଶେଷ ଦର୍ଶନ । ଏପଟେ ସୁନାପୁଅକୁ ଝୁରି ଝୁରି ଶୋକରେ ବୁଡ଼ିଛି ଜନ୍ମମାଟି । ପୁରୀ ଜିଲ୍ଲାର ବୀରଗୋବିନ୍ଦପୁର ଗାଁ । ରୋଗୀଙ୍କ ପାଇଁ ସିନା ସେ ଥିଲେ ଦ୍ୱିତୀୟ ଈଶ୍ୱର । ହେଲେ ଗାଁ ଲୋକଙ୍କ ପାଇଁ ଜଣେ ଦରଦୀ ମଣିଷ । ମନଖୋଲା କଥା କହି ମନ ଜିଣିପାରୁଥିବା ଜଣେ ଅମାୟିକ ବ୍ୟକ୍ତିତ୍ୱ । ବହୁ ଗୁରୁଦାୟିତ୍ୱ ଭିତରେ ବି ସେ ଭୁଲି ନଥିଲେ ନିଜ ଭିଟାମାଟିକୁ । ଯେବେ ବି ଆସୁଥିଲେ, ପିଲାଠୁ ବୁଢ଼ାଯାଏଁ ସମସ୍ତଙ୍କ ସହ ମିଶୁଥିଲେ, ହସୁଥିଲେ, ପୂଜାପାଠ ଓ ରୋଗୀସେବା କରୁଥିଲେ । ତାଙ୍କ ବିୟୋଗ ପରେ ସମସ୍ତଙ୍କ ମୁହଁରେ ତାଙ୍କରି ଗୁଣଗାନ, ସ୍ତୁତିଚାରଣ । ପରିବାର, ଆତ୍ମୀୟସ୍ୱଜନ, ଗ୍ରାମବାସୀଙ୍କ କେବଳ ଅପେକ୍ଷା ଶେଷ ଦର୍ଶନକୁ, ମରଶରୀର ଦିଲ୍ଲୀରୁ ଫେରିବାକୁ । ସେ ଥିଲେ ଦିଲ୍ଲୀ ଏମ୍ସର ସ୍ନାୟୁ ବିଭାଗ ମୁଖ୍ୟ, ଡିନ୍ ରିସର୍ଚ୍ଚ । ଭୁବନେଶ୍ୱର ଏମ୍ସର ପ୍ରତିଷ୍ଠାତା ନିର୍ଦ୍ଦେଶକ, ସୋଆ କୁଳପତି, ପଦ୍ମଶ୍ରୀରେ ସମ୍ମାନିତ । କୁହାଯାଏ, ଦେଶର ନୁହେଁ, ସାରା ବିଶ୍ୱର ଶ୍ରେଷ୍ଠ ୫ ଜଣ ସ୍ନାୟୁଶଲ୍ୟ ବିଶେଷଜ୍ଞଙ୍କ ମଧ୍ୟରୁ ସେ ଥିଲେ ଅନ୍ୟତମ । ଏସବୁର ମୁକସାକ୍ଷୀ ଏହି ସବୁ ଅଜସ୍ର ପୁରସ୍କାର, ମାନପତ୍ର ଓ ସ୍ୱୀକୃତି ।

◆◆ପୃଷ୍ଠା ୭

ଏବେ ବି ମାଟିତଳୁ ଚାଲିଛି ଶବ ଖୋଜିବା କାମ



ଭୁବନେଶ୍ୱର, ୦୩/୧୧ (ନି.ପ୍ର): ଗଞ୍ଜାମ ଓ ଗଜପତି ଜିଲ୍ଲାରେ କ୍ଷୟକ୍ଷତିର କ୍ଷତ ଏବେ ବି ତାଜା । ବିପନ୍ନଙ୍କ ଆଖିରେ ଲୁହ, ମନରେ କୋହ । କିଏ ଘର ସଜାଡୁଛି, କାହା ଘର ମାଟିରେ ମିଶିଛି । ସେପଟେ ଭଞ୍ଜନଗର ଗିଡ଼ିପାବାଲିରେ ଏବେ ବି ଜାରି ରହିଛି ମାଟି ତଳେ ମଣିଷଙ୍କ ସନ୍ଧାନ । ୧୧ ଜଣ ଏବେ ବି ନିଖୋଜ ଥିବା ବେଳେ, ଉଦ୍ଧାର ୨ ମୃତଦେହର ଶେଷକୃତ୍ୟ ହୋଇଛି । ସରୁନି ମାଟି ତଳୁ ମଣିଷ ଖୋଜା ।

◆◆ପୃଷ୍ଠା ୭

୧୮ଟି ଏମ୍ଓୟୁ ସ୍ୱାକ୍ଷରିତ: ସ୍ୱଚ୍ଛ ଶକ୍ତିରେ ଓଡ଼ିଶାକୁ ଆସିବ ୧.୧୭ ଲକ୍ଷ କୋଟି ଟଙ୍କାର ପୁଞ୍ଜିନିବେଶ



ନୂଆଦିଲ୍ଲୀ/ ଭୁବନେଶ୍ୱର, ୦୩/୧୧ (ନି.ପ୍ର): ନୂଆଦିଲ୍ଲୀର ଭାରତ ମଣ୍ଡପମ୍‌ଠାରେ ଅନୁଷ୍ଠିତ 'ଭାରତ ଅକ୍ଷୟ ଶକ୍ତି ସମ୍ମିଳନୀ ଓ ପ୍ରଦର୍ଶନୀ ୨୦୨୬'ରେ ଓଡ଼ିଶା ୧୮ଟି ବୁଝାମଣାପତ୍ର (ଏମ୍ଓୟୁ) ସ୍ୱାକ୍ଷର କରିବା ସହ ପ୍ରାୟ ୧,୧୭,୫୫୭ କୋଟି ଟଙ୍କାର ପୁଞ୍ଜିନିବେଶ ପ୍ରସ୍ତାବ ହାସଲ କରିଛି । ଏହି ପ୍ରକଳ୍ପଗୁଡ଼ିକ ମାଧ୍ୟମରେ ରାଜ୍ୟର ଅକ୍ଷୟ ଶକ୍ତି କ୍ଷେତ୍ରରେ ପ୍ରାୟ ୧୧,୭୪୨ ମେଗାୱାଟ୍ ବିଦ୍ୟୁତ୍ ଉତ୍ପାଦନ କ୍ଷମତା ଯୋଡ଼ିହେବ। ସ୍ୱଚ୍ଛ ଶକ୍ତି ଉତ୍ପାଦନ କ୍ଷେତ୍ରରେ ଏତେ ବଡ ପୁଞ୍ଜିନିବେଶକୁ ସ୍ୱାଗତ କରି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି ଯେ, ଆଜିର ଦିନଟି ହେଉଛି ସ୍ୱଚ୍ଛ ଶକ୍ତି କ୍ଷେତ୍ରରେ ଓଡିଶା ପାଇଁ ଏକ ଐତିହାସିକ କ୍ଷଣ। ସ୍ୱଚ୍ଛ ଶକ୍ତି କ୍ଷେତ୍ରରେ ଆତ୍ମନିର୍ଭର ହେବା ପାଇଁ ମାନ୍ୟବର ପ୍ରଧାନମନ୍ତ୍ରୀ ଯେଉଁ ଲକ୍ଷ୍ୟ ରଖିଛନ୍ତି ତାହା ପୂରଣ କରିବା ଦିଗରେ ଓଡିଶା ଏକ ମହତ୍ତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିବ। ଏହି ପୁଞ୍ଜିନିବେଶ ମୁଖ୍ୟତଃ ପମ୍ପଡ୍ ଷ୍ଟୋରେଜ୍, ସୌର ଓ ପବନ ଶକ୍ତି, ହାଇବ୍ରିଡ୍ ଅକ୍ଷୟ ଶକ୍ତି, ବ୍ୟାଟେରୀ ଷ୍ଟୋରେଜ୍, ଗ୍ରୀନ୍ ହାଇଡ୍ରୋଜେନ୍, ଗ୍ରୀନ୍ ଡାଟା ସେଣ୍ଟର ଏବଂ ଅନ୍ୟାନ୍ୟ ଉଦୀୟମାନ ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ବିନିଯୋଗ ହେବ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ମିଳିତ ଭାବେ 'ଓଡ଼ିଶା ପାଭିଲିୟନ୍' ଓ 'ନେଦରଲ୍ୟାଣ୍ଡସ ପାଭିଲିୟନ୍'ର ଉଦ୍‌ଘାଟନ କରିବା ପରେ ଏହି ବୁଝାମଣାପତ୍ରଗୁଡ଼ିକ ସ୍ୱାକ୍ଷରିତ ହୋଇଥିଲା। ମୁଖ୍ୟମନ୍ତ୍ରୀ ଓ ଉପମୁଖ୍ୟମନ୍ତ୍ରୀଙ୍କ ଉପସ୍ଥିତିରେ ଗ୍ରିଡ୍‌କୋ ଲିମିଟେଡ୍‌ର ପରିଚାଳନା ନିର୍ଦ୍ଦେଶକ ଡ. ସତ୍ୟପ୍ରିୟ ରଥ ବିଭିନ୍ନ ଶିଳ୍ପ ସଂସ୍ଥାର ପ୍ରତିନିଧିଙ୍କ ସହ ଏହି ଏମ୍ଓୟୁଗୁଡ଼ିକ ଆଦାନପ୍ରଦାନ କରିଥିଲେ। ଏହାପରେ "ଓଡ଼ିଶାରେ ଅକ୍ଷୟ ଶକ୍ତି କ୍ଷେତ୍ରରେ ପୁଞ୍ଜିନିବେଶ ସୁଯୋଗ" ଶୀର୍ଷକ ରାଜ୍ୟସ୍ତରୀୟ ଅଧିବେଶନ ଅନୁଷ୍ଠିତ ହୋଇଥିଲା ।

◆◆ପୃଷ୍ଠା ୭

ମଦ ପିଇ ଗାଡି ଚଲାଇଲେ ହେବ କ୍ରିମନାଲ କେସ

ଭୁବନେଶ୍ୱର, ୦୩/୧୧ (ନି.ପ୍ର): ମଦ ପିଇ ଗାଡି ଚଲାଇଲେ ହେବ କ୍ରିମନାଲ କେସ । ଏନେଇ ଭୁବନେଶ୍ୱର ଡିସିପି ସର୍ବଣା ବିବେକ ଏମ ସୂଚନା ଦେଇଛନ୍ତି । ମଦ ପିଇ ଗାଡି ଚଲାଇଲେ ଜବତ ହେବ ଗାଡି, ଗଣିବେ ମୋଟା ଅଙ୍କର ଫାଇନ । ମଦ ପିଇ ଚାରି ଚକିଆ ଗାଡି ଚଲାଇଲେ ୨୦ହଜାର ଟଙ୍କା ଫାଇନ ଏବଂ ଦୁଇ ଚକିଆ ଗାଡି ଚଲାଇଲେ ୧୦ହଜାର ଟଙ୍କା ଫାଇନ । ଏଥର ସନ୍ଧ୍ୟା ସମୟରେ ବୁକିଂ ଚେକିଂକୁ ଜୋରଦାର କରିଛି କମିସନରେଟ ପୋଲିସ ।

ମହଙ୍ଗା ହେଲା ସୁନା: ରୂପା ମୂଲ୍ୟ ଅପରିବର୍ତ୍ତିତ

ନୂଆଦିଲ୍ଲୀ,୩/୧୧ : ଘରୋଇ ସୁନା ଓ ରୂପା ବଜାରରେ ଆଜି ପ୍ରାରମ୍ଭିକ କାରବାର ସମୟରେ ସୁନା ଦରରେ ବୃଦ୍ଧି ଦେଖିବାକୁ ମିଳିଛି । ଦର ବୃଦ୍ଧି ଯୋଗୁଁ ଦେଶର ଅଧିକାଂଶ ସରାଫା ବଜାରରେ ସୁନା ପ୍ରତି ୧୦ ଗ୍ରାମ ପିଛା ୪୭୦ ଟଙ୍କାରୁ ୫୧୦ ଟଙ୍କା ପର୍ଯ୍ୟନ୍ତ ମହଙ୍ଗା ହୋଇଛି । ଧନତେରସ ଓ ଦୀପାବଳି ପାଇଁ ସୁନା ଦରରେ ଏହି ବୃଦ୍ଧି ଦେଖାଦେଇଥିବା ଅନୁମାନ କରାଯାଉଛି । ଅନ୍ୟପକ୍ଷରେ ଆଜି ରୂପା ଦରରେ କୌଣସି ପରିବର୍ତ୍ତନ ହୋଇନାହିଁ । ପ୍ରାରମ୍ଭିକ କାରବାରରେ ରୂପା ସୋମବାରର ଦରରେ ହିଁ ବିକ୍ରି ହେଉଛି । ଦରରେ ପରିବର୍ତ୍ତନ ଯୋଗୁଁ ଦେଶର ବିଭିନ୍ନ ସରାଫା ବଜାରରେ ଆଜି ୨୪ କ୍ୟାରେଟ୍ ସୁନା ପ୍ରତି ୧୦ ଗ୍ରାମ ପିଛା ୧,୩୯,୩୮୦ ଟଙ୍କାରୁ ୧,୩୯,୫୩୦ ଟଙ୍କା ମଧ୍ୟରେ କାରବାର କରୁଛି । ସେହିପରି ୨୨ କ୍ୟାରେଟ୍ ସୁନା ପ୍ରତି ୧୦ ଗ୍ରାମ ପିଛା ୧,୨୭,୭୬୦ ଟଙ୍କାରୁ ୧,୨୭,୯୧୦ ଟଙ୍କା ମଧ୍ୟରେ ବିକ୍ରି ହେଉଛି ।

କୋଟିଆରେ ଆନ୍ଧ୍ର-ଓଡ଼ିଶା ପୁଲିସ ମୁହାଁମୁହିଁ: ୧୬୩ ଧାରା ଲଗାଇଲା କୋରାପୁଟ ପ୍ରଶାସନ



ଭୁବନେଶ୍ୱର, ୦୩/୧୧ (ନି.ପ୍ର): ଦିନକ ପରେ କୋଟିଆରେ ନିର୍ବାଚନ କରିବାକୁ ପ୍ରସ୍ତୁତ ହେଉଛି ଆନ୍ଧ୍ର । ଆଉ ଏପଟେ ସୀମାନ୍ତ ଅଞ୍ଚଳରେ ସଜାଗ ପୁଲିସ, ପ୍ରଶାସନ ଓ ଜନପ୍ରତିନିଧି । କୋଟିଆକୁ ନେଇ ଏବେ କର ବା ମର ନୀତି ଆପଣାଇଛନ୍ତି ରାଜ୍ୟ ସରକାର । କୌଣସି ବି ପରିସ୍ଥିତିରେ ଆନ୍ଧ୍ର ଅଧିକାରୀକୁ ଓଡ଼ିଶାରେ ପ୍ରବେଶ କରିବାକୁ ଦିଆଯିବ ନାହିଁ ବୋଲି ସବୁ ରଣନୀତି ଆପଣାଉଛନ୍ତି । ଏହାରି ଭିତରେ ମୁହାଁମୁହିଁ ହୋଇଛନ୍ତି ଦୁଇ ରାଜ୍ୟର ପୁଲିସ୍ । ନିର୍ବାଚନ ପୂର୍ବରୁ ବିବାଦୀୟ କୋଟିଆ ଅଞ୍ଚଳରେ ପୁଣିଥରେ ଉତ୍ତେଜନା । ନେରେଡ଼ିବାଲସା ଚେକ୍‌ପୋଷ୍ଟ ଧସେଇ ପଶିବାକୁ ଉଦ୍ୟମବେଳେ ଆନ୍ଧ୍ର ପୁଲିସ୍‌କୁ ଅଟକାଇଥିଲା ଓଡ଼ିଶା ପୁଲିସ୍ । ପ୍ରଥମେ କଥା କଟାକଟି ପରେ ଧସ୍ତାଧସ୍ତି ଭଳି ସ୍ଥିତି ବି ଉପୁଜିଥିଲା । ତାପରେ ଓଡ଼ିଶା ପୁଲିସ ସହ ମିଶି ଆନ୍ଧ୍ର ପୁଲିସକୁ ବିରୋଧ କରିଥିଲେ କୋଟିଆବାସୀ । ଆନ୍ଧ୍ର ପୁଲିସ୍ ଗୋ-ବ୍ୟାକ୍ ନାରାରେ କମ୍ପିଥିଲା ପୁରା ଅଂଚଳ । ଆଇନ ଶୃଙ୍ଖଳା ଦୃଷ୍ଟିରୁ ନେରେଡ଼ିବାଲସାରେ ୧୬୩ ଧାରା ଲାଗୁ କରିଛି କୋରାପୁଟ ପ୍ରଶାସନ । ଆସନ୍ତା ୫ ଓ ୬ ତାରିଖରେ କୋଟିଆରେ ନିର୍ବାଚନ କରିବାକୁ ଅଣ୍ଟା ଭିଡ଼ିଛି ଆନ୍ଧ୍ର ପ୍ରଶାସନ । ହେଲେ ଆନ୍ଧ୍ରକୁ ମାତ ଦେବାକୁ ସବୁ ପ୍ରକାର ପ୍ରସ୍ତୁତି ହୋଇଥିବା କହିଛନ୍ତି କୋରାପୁଟ ଜିଲ୍ଲାପାଳ । କୋଟିଆରେ ୧୬ ପ୍ଲାଟୁନ୍ ପୁଲିସ୍ ଫୋର୍ସ ମୁତୟନ ରହିଛି । ୩ଟି ସିଫ୍ଟରେ ଏଗଜିକ୍ୟୁଟିଭ୍ ମାଜିଷ୍ଟ୍ରେଟ୍ ଉପସ୍ଥିତ ରହୁଛନ୍ତି । ବିଭିନ୍ନ ଗାଁରେ ପ୍ରଶାସନ ତରଫରୁ କ୍ୟାମ୍ପ କରାଯାଇ ଲୋକଙ୍କୁ ସଚେତନ କରାଯାଉଛି । କୋଟିଆକୁ ନେଇ ଓଡ଼ିଶା ଓ ଆନ୍ଧ୍ରମଧ୍ୟରେ ଦୀର୍ଘଦିନ ଧରି ବିବାଦ ଲାଗି ରହିଛି । ସରକାର ବଦଳିବା ପରେ ବି କୋଟିଆକୁ ନେଇ କୌଣସି ସ୍ଥାୟୀ ସମାଧାନ ହୋଇ ପାରୁ ନାହିଁ । ହେଲେ, ଏଥର ଆନ୍ଧ୍ରକୁ ମାତ ଦେବାକୁ ସବୁ ଦଳ ଏକାଠି ହୋଇଛନ୍ତି । ସବୁଦଳର ଜନପ୍ରତିନିଧି,

◆◆ପୃଷ୍ଠା ୭

ରାହୁଲଙ୍କୁ ଅମିତ ଶାହଙ୍କ ଚ୍ୟାଲେଞ୍ଜ: ସଂସଦରେ ଯେକୌଣସି ପ୍ରସଙ୍ଗରେ ଆଲୋଚନା ପାଇଁ ପ୍ରସ୍ତୁତ ସରକାର



ନୂଆଦିଲ୍ଲୀ,୩/୧୧ : ସଂସଦରେ ଯେକୌଣସି ପ୍ରସଙ୍ଗରେ ଆଲୋଚନା ପାଇଁ ପ୍ରସ୍ତୁତ ମୋଦି ସରକାର । ଭୋଟର ତାଲିକାର ସ୍ୱତନ୍ତ୍ର ସଂଶୋଧନ ବା ଏସଓଜ ପ୍ରସଙ୍ଗ ହେଉ କି ଅନ୍ୟ କୌଣସି ପ୍ରସଙ୍ଗ, ସବୁଥିରେ ଆଲୋଚନା ହୋଇପାରିବ ବୋଲି କହିଛନ୍ତି ଗୃହମନ୍ତ୍ରୀ ଅମିତ ଶାହ । ଏଥିସହ ରାହୁଲ ଗାନ୍ଧିଙ୍କୁ ଦେଇଛନ୍ତି ବିତର୍କର ଆହ୍ୱାନ । ଛତିଶଗଡ଼ରେ ଏକ କାର୍ଯ୍ୟକ୍ରମରେ ଯୋଗଦେଇ ନକ୍ସଲବାଦ ପ୍ରସଙ୍ଗରେ କଂଗ୍ରେସକୁ ମଧ୍ୟ ଟାର୍ଗେଟ୍ କରିଛନ୍ତି ଶାହ । ସଂସଦରେ ଆଲୋଚନା ପାଇଁ ମୋଦି ସରକାର ପ୍ରସ୍ତୁତ। ଏସଓଜ ସମେତ ସବୁ ପ୍ରସଙ୍ଗରେ ଆଲୋଚନା କରିବାକୁ ସରକାର ରାଜି ଥିବା କହିଛନ୍ତି କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ। ଏଥିସହ ରାହୁଲ ଗାନ୍ଧିଙ୍କୁ ଦେଇଛନ୍ତି ବିତର୍କର ଚ୍ୟାଲେଞ୍ଜ । ବୁଧବାର ନୂଆ ରାୟପୁର ଅଟଳନଗରର କାୟାବାନ୍ଧାଠାରେ ବିକଶିତ ଭାରତ ସଂକଳ୍ପ ପାର୍କ ପିପଲ ୱାନ୍‌ର ଲୋକାର୍ପଣ କାର୍ଯ୍ୟକ୍ରମରେ ଯୋଗଦେଇ ଏଭଳି କହିଛନ୍ତି ଶାହ। ନକ୍ସଲବାଦ ପ୍ରସଙ୍ଗରେ କଂଗ୍ରେସକୁ ଘେରି ସେ ଅଭିଯୋଗ କରିଛନ୍ତି ଯେ, କଂଗ୍ରେସ ସବୁବେଳେ ଅସାମ୍ବିଧାନିକ ସରକାର ଓ ବ୍ୟବସ୍ଥାକୁ ସମର୍ଥନ କରିଆସିଛି । ମାଓବାଦୀଙ୍କ ତଥାକଥିତ 'ଜନତାର ସରକାର'ରେ ନିଜସ୍ୱ ଗୃହମନ୍ତ୍ରୀ, ମୁଖ୍ୟମନ୍ତ୍ରୀ ଓ ଅର୍ଥମନ୍ତ୍ରୀ ରହୁଥିବା ଅଭିଯୋଗ କରିଛନ୍ତି ଶାହ ।

◆◆ପୃଷ୍ଠା ୭

ମୟୂରଭଞ୍ଜ ବିଜେପି ପକ୍ଷରୁ 'ଗଣତନ୍ତ୍ର ବଞ୍ଚାଅ, ଅରାଜକତା ହଟାଅ' ପଦଯାତ୍ରା ଓ ଜନ ସମାବେଶ



ବାରିପଦା,୩/୧୧ (ନି.ପ୍ର): ବିଜେପି ମୟୂରଭଞ୍ଜ (ପୂର୍ବ) ସାଙ୍ଗଠନିକ ଜିଲ୍ଲା ପକ୍ଷରୁ ସୋମବାର ଦିନ ଏଠାରେ ଏକ ବଡ଼ ଧରଣର 'ଗଣତନ୍ତ୍ର ବଞ୍ଚାଅ, ଅରାଜକତା ହଟାଅ' ପଦଯାତ୍ରା କରାଯିବା ସହ ଏହି ପ୍ରସଙ୍ଗକୁ ନେଇ ଏକ ବିଶାଳ ଜନ ସମାବେଶ ଆୟୋଜିତ ହୋଇଯାଇଛି।

ଜିଲ୍ଲାର ବିଭିନ୍ନ ଭାଗରୁ ଶହ ଶହ ସଂଖ୍ୟାରେ କର୍ମୀ ଆସି ଭାଗ ନେଇଥିବା ଏହି ପଦଯାତ୍ରା ପୂର୍ବାହ୍ନ ଦଶଟାରେ ସ୍ଥାନୀୟ ମଧୁବନ ପଡ଼ିଆରୁ ବାହାରି ସହର ପରିକ୍ରମା କରି ସ୍ଥାନୀୟ ପ୍ୟାରେଡ ପଡ଼ିଆରେ ପହଞ୍ଚିବା ପରେ ସେଠାରେ ଦଳର ଜିଲ୍ଲା ସଭାପତି ନିହାର ରଞ୍ଜନ ମୋଦୀଙ୍କ ଅଧ୍ୟକ୍ଷତାରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଛି।

ସଭାରେ ରାଜ୍ୟ ନଗର ଉନ୍ନୟନ ଓ ଗୃହ ନିର୍ମାଣ ମନ୍ତ୍ରୀ ଡାକ୍ତର କୃଷ୍ଣଚନ୍ଦ୍ର ମହାପାତ୍ର ମୁଖ୍ୟ ଅତିଥି ଭାବେ ଉଦବୋଧନ ଦେଇ 'ବିରୋଧୀ ଦଳମାନେ ପ୍ରଧାନମନ୍ତ୍ରୀ ମୋଦିଙ୍କ ଲୋକପ୍ରିୟତା ଓ ବିକାଶ କାର୍ଯ୍ୟକ୍ରମଚୟକୁ ସହି ନ ପାରି ଦେଶରେ ବିଭ୍ରାନ୍ତି ଓ ଅରାଜକତା ସୃଷ୍ଟି କରୁଛନ୍ତି' ବୋଲି କହିବା ସହ ଜନସାଧାରଣ ଏମାନଙ୍କ ଏ ପ୍ରକାର ଗଣତନ୍ତ୍ର-ବିରୋଧୀ କାର୍ଯ୍ୟକଳାପ ନେଇ ସତର୍କ ରହିବାକୁ ଆହ୍ୱାନ ଦେଇଥିଲେ।

ସମାବେଶରେ ଅନ୍ୟମାନଙ୍କ ମଧ୍ୟରେ ଉଦଳାର ବରିଷ୍ଠ ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ଭାସ୍କର ଚନ୍ଦ୍ର ମଢ଼େଇ, ବାରିପଦା ବିଧାୟକ ପ୍ରକାଶ ଚନ୍ଦ୍ର ସୋରେନ, ବଡ଼ସାହି ବିଧାୟକ ସନାତନ ବିଜୁଳି, ବାଙ୍ଗରିପୋଷୀ ବିଧାୟିକା ସଞ୍ଜଳି ମୁର୍ମୁ, ବିଜେପି ରାଜ୍ୟ ଉପସଭାନେତ୍ରୀ ତଥା ଜିଲ୍ଲା ପ୍ରଭାରୀ ସିପ୍ରା ବାଜପେୟୀ, ମୟୂରଭଞ୍ଜ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ଡାକ୍ତର ବୁଦ୍ଧାନ ମୁର୍ମୁ, ଉପାଧ୍ୟକ୍ଷା କୌଶଲ୍ୟା ନାଏକ, ଉଦଳା ଏନ.ଏ.ସି. ଅଧ୍ୟକ୍ଷା ପ୍ରମିଳା ପଣ୍ଡା, ବିଜେପି ରାଜ୍ୟ ପ୍ରବକ୍ତା କବିବିଷ୍ଣୁ ଶତପଥୀ ପ୍ରମୁଖ ଉପସ୍ଥିତ ରହି ଗଣତନ୍ତ୍ର ଓ ଗାଣତନ୍ତ୍ରିକ ମୂଲ୍ୟବୋଧ ସପକ୍ଷରେ ବକ୍ତବ୍ୟ ରଖିଥିଲେ।

କାର୍ଯ୍ୟକ୍ରମ ପରିଚାଳନାରେ ଦଳର ଜିଲ୍ଲା ସାଧାରଣ ସମ୍ପାଦକ ପ୍ରଦୀପ କୁମାର ମହାନ୍ତି, ପ୍ରବୀଣ କୁମାର ପାତ୍ର ଓ ପ୍ରଣକୃଷ୍ଣ ବେରା ପ୍ରମୁଖ ତତ୍ପର ଥିବା ଲକ୍ଷ୍ୟ କରାଯାଇଥିଲା।

ସମାବେଶ ପୂର୍ବରୁ ସମ୍ପନ୍ନ ପଦଯାତ୍ରାରେ ବିଭିନ୍ନ ପ୍ରକାର ଗଣତନ୍ତ୍ର-ସପକ୍ଷବାଦୀ ପ୍ଲାକାଡ ଧରିଥିବା ଶହ ଶହ କର୍ମୀ 'ଗଣତନ୍ତ୍ର ବଞ୍ଚାଅ, ଅରାଜକତା ହଟାଅ', 'ଜନାଦେଶର ଅପମାନ, ସହିବ ନାହିଁ ହିନ୍ଦୁସ୍ତାନ' ପ୍ରଭୃତି ସ୍ଲୋଗାନମାନ ଦେଉଥିଲେ। ଏହି ବର୍ଣ୍ଣାଢ୍ୟ ପଦଯାତ୍ରାକୁ ସୁଗୁଦା ମୁର୍ମୁ, ସୁକୁଲ ମୁର୍ମୁ, ନରୋତ୍ତମ ପାଣିଗ୍ରାହୀ, ସୁରଜ ଲୋହାର, ସୌମ୍ୟ ରଞ୍ଜନ ମିଶ୍ର, ଦେବବ୍ରତ ସାମଲ, ସଭାବତୀ ଓତା, ଟୁନାରାମ ଥାୟାଲ, କମଳଲୋଚନ ରାୟ, ଏସ୍. କେ. ନାସିରୁଦ୍ଦିନ, ସୁଜାତା ଷଡ଼ଙ୍ଗୀ, ମମତା ସାହୁ, ମମତା ମଣ୍ଡଳ, ଲକ୍ଷ୍ମୀ ସାହୁ, ବ୍ରଜମୋହନ ବେହେରା, ଦଳଗୋବିନ୍ଦ ବେହେରା, ସରୋଜିନୀ କିସ୍କୁ, ପରିକ୍ଷିତ ଦେ, ଜଗନ୍ନାଥ ମଲ୍ଲିକ, ପ୍ରାଚୀ ସୁମନ ମହାନ୍ତି ପ୍ରମୁଖ ପରିଚାଳନା କରୁଥିବା ଦେଖାଯାଇଥିଲା।

ରାଉରକେଲା ଇସ୍ପାତ କାରଖାନାର ଅବସରପ୍ରାପ୍ତ କର୍ମଚାରୀମାନଙ୍କୁ ଭାବବିହ୍ୱଳ ବିଦାୟ ସମ୍ବର୍ଦ୍ଧନା

ରାଉରକେଲା,୩/୧୧ (ନି.ପ୍ର): ସେଲ୍, ରାଉରକେଲା ଇସ୍ପାତ କାରଖାନା (ଆର.ଏସ.ପି) ପକ୍ଷରୁ ଅକ୍ଟୋବର ୩୧ ରେ ଅନୁଷ୍ଠିତ ବିବିଧ ବିଦାୟକାଳୀନ ସମାରୋହରେ କମ୍ପାନୀରେ ସଫଳତାର ସହ ଦୀର୍ଘ ଦିନ କାର୍ଯ୍ୟ କରି ଅବସର ଗ୍ରହଣ କରିଥିବା କର୍ମଚାରୀମାନଙ୍କୁ ସମ୍ମାନଜନକ ଭାବେ ବିଦାୟ ଦିଆଯାଇଛି। ଭାରପ୍ରାପ୍ତ ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟର ମନ୍ଥନ କନ୍‌ଫରେନ୍ସ ହଲ୍‌ରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ନିର୍ବାହୀ ନିର୍ଦ୍ଦେଶକ (ସାମଗ୍ରୀ ପ୍ରବନ୍ଧନ) ଶ୍ରୀ ଅନିଲ କୁମାରଙ୍କୁ ଭାବବିହ୍ୱଳ ବିଦାୟ ଦିଆଯାଇଥିଲା। ଆର.ଏସ.ପି ର ଭାରପ୍ରାପ୍ତ ନିର୍ଦ୍ଦେଶକ ଶ୍ରୀ ଅଲୋକ ବର୍ମା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶ୍ରୀ ଅନିଲ କୁମାରଙ୍କୁ ସେବା ପ୍ରମାଣପତ୍ର ଏବଂ ସ୍ମାରକୀ ଉପହାର ପ୍ରଦାନ କରିଥିଲେ। ଏହି ଅବସରରେ ନିର୍ବାହୀ ନିର୍ଦ୍ଦେଶକ (ଏମ.ଡି.-ସି.ଏମ.ଏଲ.ଓ.) ଶ୍ରୀ ବି. କେ. ଗିରି, ନିର୍ବାହୀ ନିର୍ଦ୍ଦେଶକ (ପ୍ରକଳ୍ପ) ଶ୍ରୀ ଏସ୍. ପାଲ ଚୌଧୁରୀ, ନିର୍ବାହୀ ନିର୍ଦ୍ଦେଶକ (ମାନବ ସମ୍ବଳ)ର ଅତିରିକ୍ତ ଦାୟିତ୍ୱରେ ଥିବା ମୁଖ୍ୟ ମହାପ୍ରବନ୍ଧକ (ଏଚ୍.ଆର.) ଶ୍ରୀ ଏମ୍. ଆର. ରଥ, ନିର୍ବାହୀ ନିର୍ଦ୍ଦେଶକ(ଏଫ୍.ଆଣ୍ଡ୍.ଏ ଏଫ୍)ର ଅତିରିକ୍ତ ଦାୟିତ୍ୱରେ ଥିବା ମୁଖ୍ୟ ମହାପ୍ରବନ୍ଧକ ଭାରପ୍ରାପ୍ତ (ଏଫ୍.ଆଣ୍ଡ୍.ଏ ଏଫ୍) ଶ୍ରୀ ରାଜେଶ ଦାସଗୁପ୍ତା, ବହୁ ମୁଖ୍ୟ ମହାପ୍ରବନ୍ଧକ, ବିଭାଗୀୟ ମୁଖ୍ୟ ଏବଂ ବିଭାଗର ଅନ୍ୟାନ୍ୟ ବରିଷ୍ଠ ଅଧିକାରୀମାନେ ମଧ୍ୟ ଉପସ୍ଥିତ ଥିଲେ। ଉପ ପ୍ରବନ୍ଧକ (ଏଚ୍.ଆର.-ଓ.ଡି.) ଶ୍ରୀ ବିଜ୍ଞାନ ପାତ୍ର କାର୍ଯ୍ୟକ୍ରମଟିକୁ ସଂଯୋଜନା କରିଥିଲେ। ଅକ୍ଟୋବର ୩୧ ତାରିଖ ସନ୍ଧ୍ୟାରେ ଦୀପ୍ତି ହୋଟେଲରେ ଆୟୋଜିତ ଅନ୍ୟ ଏକ ଭବ୍ୟ ସମାରୋହରେ ରାଉରକେଲା ଇସ୍ପାତ କାରଖାନାର ଅଧିକାରୀମାନେ ଶ୍ରୀ ଅନିଲ କୁମାର ଏବଂ ଶ୍ରୀମତୀ ବନ୍ଦନା ସିଂହଙ୍କୁ ଭାବପୂର୍ଣ୍ଣ ବିଦାୟ ଜଣାଇଥିଲେ। ଏହି ଅବସରରେ ଶ୍ରୀ ଅଲୋକ ବର୍ମା, ଦୀପିକା ମହିଳା ସଂଘତିର ସଭାନେତ୍ରୀ ଶ୍ରୀମତୀ ନମ୍ରତା ବର୍ମା, ନିର୍ବାହୀ ନିର୍ଦ୍ଦେଶକଗଣ, ଡି.ଏମ୍.ଏସ୍.ର ଉପସଭାନେତ୍ରୀ ଗଣ ଏବଂ ବହୁ ସଂଖ୍ୟାରେ ଅଧିକାରୀ ତଥା ସେମାନଙ୍କ ଜୀବନସାଥୀମାନେ ଉପସ୍ଥିତ ଥିଲେ। ସଭାକୁ ସମ୍ବୋଧିତ କରି ଶ୍ରୀ ଅଲୋକ ବର୍ମା ସେ ଏବଂ ଶ୍ରୀ ଅନିଲ କୁମାର, ବୋକାରୋ ଇସ୍ପାତ କାରଖାନାରେ ଏକାଠି କାମ କରୁଥିବା ଦିନ ଗୁଡିକୁ ମନେ ପକାଇଥିଲେ। ଶ୍ରୀ ଅନିଲ କୁମାର ତାଙ୍କ ପିତା ତଥା ପ୍ରସିଦ୍ଧ ରାଜନେତା ଡକ୍ଟର ଭୋଳା ସିଂହଙ୍କଠାରୁ ପାଇଥିବା ମହାନ ପରମ୍ପରା, ତାଙ୍କର ଉତ୍କୃଷ୍ଟ ଶିକ୍ଷାଗତ ପୃଷ୍ଠଭୂମି, ଅଦମ୍ୟ ଉତ୍ସାହ ଏବଂ ଶିଖିବାର ଆଗ୍ରହକୁ ସେ ପ୍ରଶଂସା କରିଥିଲେ। ଏହାର ପ୍ରତି ଉତ୍ତର ରେ ଶ୍ରୀ ଅନିଲ କୁମାର ସେଲ୍ ଏବଂ ବୋକାରୋ ତଥା ରାଉରକେଲାର ତାଙ୍କର ବରିଷ୍ଠ, ସହକର୍ମୀ ଏବଂ କନିଷ୍ଠମାନଙ୍କୁ କୃତଜ୍ଞତା ଜଣାଇଥିଲେ, ଯେଉଁମାନେ ତାଙ୍କର ବୃତ୍ତିଗତ ଯାତ୍ରାକୁ ଅତ୍ୟନ୍ତ ଆନନ୍ଦଦାୟକ ଓ ସ୍ମରଣୀୟ କରିପାରିଥିଲେ। ଶ୍ରୀ ବର୍ମା ଶ୍ରୀ ଅନିଲ କୁମାରଙ୍କୁ 'ମାନପତ୍ର' ପ୍ରଦାନ କରିଥିବାବେଳେ ବରିଷ୍ଠ ଅଧିକାରୀ ଏବଂ ସେମାନଙ୍କ ଜୀବନସାଥୀମାନେ ସ୍ମାରକୀ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମ ସମୟରେ ଶ୍ରୀ ଅନିଲ କୁମାରଙ୍କ ବୃତ୍ତିଗତ ଏବଂ ବ୍ୟକ୍ତିଗତ ଜୀବନର ଯାତ୍ରାକୁ ନେଇ ଏକ କ୍ଷୁଦ୍ରଚଳଚ୍ଚିତ୍ର ପ୍ରଦର୍ଶିତ କରାଯାଇଥିଲା, ଯାହାକୁ ସହାୟକ ମହାପ୍ରବନ୍ଧକ (ସାମଗ୍ରୀ ପ୍ରବନ୍ଧନ) ଶ୍ରୀ ବିପିନ ନାରାୟଣ ଏବଂ ବରିଷ୍ଠ ପ୍ରବନ୍ଧକ (ସାମଗ୍ରୀ ପ୍ରବନ୍ଧନ) କୁମାରୀ ସ୍ନେହା ଗିଦ୍ରା ମହାନ୍ତି ସଞ୍ଚାଳନ କରିଥିଲେ। ସେହିଦିନ ଅପରାହ୍ନ ରେ ଏଚ୍.-ଆର. ଇଆର୍ ଆଣ୍ଡ୍ ସି ବିଭାଗ ପକ୍ଷରୁ ସିଭିକ୍ ସେଣ୍ଟରରେ ମଧ୍ୟ ଏକ ବିଦାୟକାଳୀନ ସମାରୋହର ଆୟୋଜନ କରାଯାଇଥିଲା, ଯେଉଁଥିରେ କମ୍ପାନୀର ସେବାରୁ ଅବସର ଗ୍ରହଣ କରୁଥିବା କର୍ମଚାରୀ ଓ ଅଧିକାରୀମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ମହାପ୍ରବନ୍ଧକ (ସୁରକ୍ଷା ଓ ଅଗ୍ନିଶମ ସେବା) ଶ୍ରୀ ହୀରାଲାଲ ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବାବେଳେ ମହାପ୍ରବନ୍ଧକ (ଏଚ୍.ଆର-ନନ୍-ୱାର୍କ୍ସ) ଶ୍ରୀ ଜି. ଆର. ଦାଶ ସମ୍ମାନିତ ଅତିଥି ଥିଲେ। ଉପସ୍ଥିତ ସମସ୍ତଙ୍କୁ ସମ୍ବୋଧିତ କରି ଅତିଥିମାନେ ଅବସରପ୍ରାପ୍ତ କର୍ମଚାରୀମାନଙ୍କ ନିଷ୍ଠାପର ସେବାର ପ୍ରଶଂସା କରିବା ସହ ଆଗାମୀ ଦିନରେ ସେମାନଙ୍କର ଉତ୍ତମ ସ୍ୱାସ୍ଥ୍ୟ, ସୁଖ ଓ ସଫଳତା କାମନା କରିଥିଲେ। ଏହି ଅବସରରେ ମୋଟ ୧୬ ଜଣ ଅବସରପ୍ରାପ୍ତ କର୍ମଚାରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ସହାୟକ ମହାପ୍ରବନ୍ଧକ (ଏଚ୍.ଆର.) ଶ୍ରୀ ଅବିନାଶ, ଉପପ୍ରବନ୍ଧକ (ଏଚ୍.ଆର) ଶ୍ରୀ ଏସ୍. କେ. ନାୟକ, ସହପ୍ରବନ୍ଧକ (ଏଚ୍.ଆର.) ଶ୍ରୀ ଏସ୍. ପି. ମାଝୀ ଏବଂ ଏସ୍.ଏ. (ଲେବର ୱେଲଫେୟାର) ଶ୍ରୀ କେ. କେ. ପରିଡ଼ା ସଂଯୋଜନା କରିଥିଲେ। କମ୍ପାନୀର ଅଭିବୃଦ୍ଧି ଏବଂ ବିକାଶରେ ଅବସରପ୍ରାପ୍ତ କର୍ମଚାରୀମାନଙ୍କ ନିଷ୍ଠାପର ସେବା ଓ ମୂଲ୍ୟବାନ ଅବଦାନକୁ ସ୍ୱୀକୃତି ସ୍ୱରୂପ ସେମାନଙ୍କୁ ସ୍ମାରକୀ ପ୍ରଦାନ ଏବଂ ଶୁଭେଚ୍ଛା ଜ୍ଞାପନ ସହିତ ଏହି କାର୍ଯ୍ୟକ୍ରମର ଶେଷ ହୋଇଥିଲା। ସହକର୍ମୀମାନେ ଅବସରପ୍ରାପ୍ତ କର୍ମଚାରୀମାନଙ୍କୁ ବିଦାୟ ଜଣାଇବା ସହ ସେମାନଙ୍କର ଏକ ସନ୍ତୋଷଜନକ ଅବସରୋତ୍ତର ଜୀବନ କାମନା କରିଥିଲେ ଏବଂ ଏହି ସମଗ୍ର କାର୍ଯ୍ୟକ୍ରମଟି ଉଷ୍ମତା, କୃତଜ୍ଞତା ଓ ମଧୁର ସ୍ମୃତି ଭିତରେ ସମ୍ପନ୍ନ ହୋଇଥିଲା।

ଗଦାଧର ବେହେରା କଳିଙ୍ଗ ସେନା ଜିଲ୍ଲା ସଭାପତି

ଭଦ୍ରକ,୩/୧୧ (ନି.ପ୍ର): ରାଜ୍ୟର ସ୍ୱାର୍ଥ ପାଇଁ ସର୍ବଦା ସ୍ୱର ଉତୋଳନ କରିଆସୁଥିବା କଳିଙ୍ଗ ସେନାର ଭଦ୍ରକ ଜିଲ୍ଲା ସଭାପତି ଭାବେ ବନ୍ତ ବ୍ଲକ ଆଡିଆ ଗ୍ରାମର ଗଦାଧର ବେହେରାଙ୍କୁ ନିଯୁକ୍ତି ମିଳିଛି। ସେନା ସୁପ୍ରିମୋ ହେମନ୍ତ ରଥ ଶ୍ରୀ ବେହେରାଙ୍କୁ ଏହି ପଦବିରେ ନିଯୁକ୍ତ କରିଥିବାରୁ ଜିଲ୍ଲାର କଳିଙ୍ଗ ସୈନିକଙ୍କ ମଧ୍ୟରେ ଉତ୍ସାହ ପରିଲକ୍ଷିତ ହୋଇଛି । ଶ୍ରୀ ବେହେରା ଦୀର୍ଘ ବର୍ଷ ଧରି ସାମାଜିକ କାର୍ଯ୍ୟ କରି ଆସୁଥିବା ବେଳେ ଭାରତୀୟ ଜୀବନ ବୀମା ନିଗମର ସଦସ୍ୟ ଅଟନ୍ତି । ପୂର୍ବରୁ ସେ ଜିଲ୍ଲା ବେସରକାରୀ ସିଟି ବିଇଡି ସଂଘର ସଭାପତି, ବରିଷ୍ଠ ନାଗରିକ ସୁରକ୍ଷା ମଂଚର ସଂଯୋଜକ, ଆଗରପଡା ଉତ୍କଳ କେଶରୀ ମହୋତ୍ସବ କମିଟିର କୋଷାଧ୍ୟକ୍ଷ ପରି ପଦ ପଦବୀର ଗୁରୁ ଦାୟିତ୍ୱକୁ ସୂଚାରୁ ରୂପେ ତୁଲାଇ ଆସୁଛନ୍ତି । ଆଗାମୀ ଦିନରେ କଳିଙ୍ଗ ସେନାକୁ ଜିଲ୍ଲାରେ ସଶକ୍ତ କରାଇବା ସହ ସାଧାରଣ ଲୋକଙ୍କ ସ୍ୱାର୍ଥରେ ଦଳ କାର୍ଯ୍ୟ କରିବ ବୋଲି ସେ ସୂଚନା ଦେଇଛନ୍ତି । ଶ୍ରୀ ବେହେରାଙ୍କୁ ଏହି ଗୁରୁ ଦାୟିତ୍ୱ ପ୍ରଦାନ କରିଥିବାରୁ ସେ ସେନା ସୁପ୍ରିମୋ ଶ୍ରୀ ରଥଙ୍କ ସମେତ ରାଜ୍ୟ ସ୍ତରୀୟ ପଦାଧିକାରୀ ମାନଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି ।

AFFIDAVIT

By virtue of an affidavit sworn before the Executive Magistrate, Basudevpur, dated 09.09.2026, I, Smt. Ratnaprabha Panda, W/o Ramakanta Panda, At- Gud, Po- Gud, Ps- Soro, Dist- Balasore, Odisha, declare that my name is recorded as Ratnaprabha Panda in my Aadhaar Card, whereas Sanjulata Panda is mentioned in my Postal Account Policy. That Ratnaprabha Panda and Sanjulata Panda, W/o Ramakanta Panda, are one and the same person, i.e., myself

ବ୍ରେକ୍ ଥ୍ରୋ ଟ୍ରଷ୍ଟ ପକ୍ଷରୁ ଆର୍ନ୍ତଜାତିକ ବାଳିକା ଦିବସ ପାଳିତ



ଭଦ୍ରକ,୩/୧୧ (ନି.ପ୍ର): ପିଏମ୍‌ଶ୍ରୀ କ୍ଷେତ୍ରବାସୀ ସରକାରୀ ଉଚ୍ଚ ବିଦ୍ୟାଳୟ ପ୍ରାଙ୍ଗଣରେ ଭକ୍ବରବଳକ୍ଷଷକ୍ବକ୍ରୁଙ୍କଶଷ ଟ୍ରଷ୍ଟ ପକ୍ଷରୁ ଭଦ୍ରକ ଜିଲ୍ଲା ପ୍ରକଳ୍ପ ସଂଯୋଜକ ତଥା ଜିଲ୍ଲା ଶିକ୍ଷାଧିକାରୀଙ୍କ ଆନୁକୂଲ୍ୟରେ ଆର୍ନ୍ତଜାତିକ ବାଳିକା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ପ୍ରଧାନଶିକ୍ଷକ ଶ୍ରୀଯୁକ୍ତ ଭୀମ ଚରଣ ପରିଡ଼ାଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ଅତିଥି ଉଡଉ ମୁଖପାତ୍ର ଶ୍ରୀଯୁକ୍ତ ସୁବ୍ରତ ବିଶ୍ୱାଳ, DPC office ଭଦ୍ରକ ରୁ ଏରଉ ଶ୍ରୀମତୀ ଇପ୍ସିତା ଜେନା, ଭଦ୍ରକ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଭଗବାନ ଚନ୍ଦ୍ର ମଲ୍ଲିକ, SOCIAL CHILD LAW OFFICER ସୁବ୍ରତ କୁମାର ଦାସ ଓ ପୋଲିସ ଇନ୍ସପେକ୍ଟର ସଂଗ୍ରାମ କେଶରୀ ପଟ୍ଟନାୟକ ଯୋଗ ଦେଇ ଥିଲେ। ଅଞ୍ଚଳ ର ଅନେକ ବିଦ୍ୟାଳୟରୁ ଛାତ୍ର ଛାତ୍ରୀ ମାନେ ବର୍ଣ୍ଣାଳି କାର୍ଯ୍ୟକ୍ରମ ଆଧାରରେ ନାରୀ ଶିକ୍ଷା ଓ ନାରୀ ସଶକ୍ତିକରଣ ଉପରେ ବକ୍ତୃତା, ରଚନା, ଡ୍ରାମା, ପୋଷ୍ଟର ଓ ସ୍ଲୋଗାନ ଇତ୍ୟାଦି ପ୍ରତିଯୋଗିତା ରେ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ବିଚାରକ ମଣ୍ଡଳୀ ଭାବେ ଶ୍ରୀମତୀ ଇତିଶ୍ରୀ ସାମଲ (ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ),ଶ୍ରୀମତୀ ରଶ୍ମିତା ଦାଶ (ପ୍ରଧାନ ଶିକ୍ଷୟିତ୍ରୀ, ହରି ନାରାୟଣ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ), ଶ୍ରୀମତୀ ଅରୁନ୍ଧତୀ ହୋତା, ଶ୍ରୀମତୀ ଲକ୍ଷ୍ମୀପ୍ରିୟା ସାହୁ (ସହକାରୀ ଶିକ୍ଷୟିତ୍ରୀ, ସାତଭଉଣି ଉଚ୍ଚ ବିଦ୍ୟାପୀଠ), ଶ୍ରୀଯୁକ୍ତ ରାମଚନ୍ଦ୍ର ମିଶ୍ର (ସହକାରୀ ଶିକ୍ଷକ, ଚାନ୍ଦିଆପଦା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ) ଯୋଗଦାନ କରିଥିଲେ । ସଭାର ପରିଚାଳନା ଦାୟିତ୍ୱ ବଳାଜିପୃଡା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଶ୍ରୀମତୀ ରଶ୍ମିରେଖା ପରମାଣିକ ସୁନ୍ଦରଭାବେ ତୁଲାଇଥିଲେ। ସଭାର ଶେଷ ଭାଗରେ ଉକ୍ତ ବିଦ୍ୟାଳୟର ଛାତ୍ରୀ ମାନଙ୍କ ଦ୍ୱାରା 'ମା ଖୋଜେ ମମତା' ଓ ଲିଙ୍ଗଗତ ବୈଷମ୍ୟ ଉପରେ ଦୁଇଟି ସୁନ୍ଦର ନାଟକ ପରିବେଷିତ ହୋଇଥିଲା, ଯାହାକି ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଥିଲା। ପରିଶେଷରେ ବିଭିନ୍ନ ପ୍ରତିଯୋଗିତାରେ କୃତି ହାସଲ କରିଥିବା ପ୍ରତିଯୋଗୀ ମାନଙ୍କୁ ପୁରସ୍କୃତ କରାଯାଇ ସମସ୍ତ ଉପସ୍ଥିତ ଛାତ୍ର ଛାତ୍ରୀ, ଅଭିଭାବକ, ଶିକ୍ଷକ ଶିକ୍ଷୟିତ୍ରୀ ତଥା ଶିକ୍ଷା କର୍ମଚାରୀଙ୍କୁ ସାଧୁବାଦ ଅର୍ପଣ କରାଯାଇଥିଲା । Breakthrough ଟ୍ରଷ୍ଟ, ଭୁବନେଶ୍ୱର ପକ୍ଷରୁ ଉପସ୍ଥିତ ଦୁଇ ଜଣ ସଦସ୍ୟ ଶ୍ରୀମତୀ ପ୍ରଜ୍ଞା ପାରମିତା ବସ୍ତିଆ ଓ ଶ୍ରୀମତୀ ମାନି ଉକ୍ତ ଦିବସଟିକୁ ସଫଳତାର ସହ ପରିଚାଳନା ଓ ସମ୍ପାଦନ କରିବାରେ ମୁଖ୍ୟ ଭୂମିକା ନିର୍ବାହ କରିଥିଲେ।

ସତ୍ୟନିଷ୍ଠା ଓ ସ୍ୱଚ୍ଛତା ଉପରେ ଗୁରୁତ୍ୱ ଦେଇ ରାଉରକେଲା ଇସ୍ପାତ କାରଖାନାରେ ସମାପ୍ତ ହେଲା ସତର୍କତା ସଚେତନତା ସପ୍ତାହ ୨୦୨୬

ରାଉରକେଲା,୩/୧୧ (ନି.ପ୍ର): ସେଲ୍, ରାଉରକେଲା ଇସ୍ପାତ କାରଖାନା (ଆରଏସପି)ରେ ପାଳିତ ସତର୍କତା ସଚେତନତା ସପ୍ତାହ-୨୦୨୬ର ଉଦ୍‌ଯାପନୀ ତଥା ପୁରସ୍କାର ବିତରଣ ସମାରୋହ ଅକ୍ଟୋବର ୩୧ ତାରିଖ ରେ ଗୋପବନ୍ଧୁ ପ୍ରେକ୍ଷାଳୟଠାରେ ଆୟୋଜିତ ହୋଇଥିଲା। "ସମୃଦ୍ଧି ପାଇଁ ସତ୍ୟନିଷ୍ଠା" ଜାତୀୟ ମୁଖ୍ୟ ବିଷୟବସ୍ତୁକୁ ଆଧାର କରି ଆୟୋଜିତ ଏହି ସପ୍ତାହବ୍ୟାପୀ ଅଭିଯାନରେ ସ୍ୱଚ୍ଛତା, ଅଖଣ୍ଡତା ଓ ନୈତିକ କର୍ପୋରେଟ୍ ଶାସନକୁ ଗୁରୁତ୍ୱ ଦେଇ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏହି ଅବସରରେ ନିର୍ବାହୀ ନିର୍ଦ୍ଦେଶକ (ମାଇନ୍ସ ଡେଭଲପମେଣ୍ଟ ଓ ସିଏମଏଲଓ), ଶ୍ରୀ ବିପିନ କୁମାର ଗିରି, ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ବେଳେ ନିର୍ବାହୀ ନିର୍ଦ୍ଦେଶକ (ପ୍ରୋଜେକ୍ଟସ୍) ଶ୍ରୀ ସୁଦୀପ ପାଲଚୌଧୁରୀ, ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଜିଏମ (ଭିଜିଲାନ୍ସ) ଓ ଏସିଭିଓ ଶ୍ରୀ ରଞ୍ଜନ ଭାରତୀ, ମଧ୍ୟ ମଞ୍ଚାସୀନ ଥିଲେ। କାର୍ଯ୍ୟକ୍ରମର ପ୍ରାରମ୍ଭରେ ସେଲ୍‌ର ସିଏମଡି ଡଃ ଏ.କେ. ପଣ୍ଡାଙ୍କ ଏକ ବିଶେଷ ଭିଡିଓ ବାର୍ତ୍ତା ପ୍ରଦର୍ଶିତ ହୋଇଥିଲା। ସଂସ୍କୃତ ଶ୍ଳୋକ ଓ ପ୍ରାଚୀନ ଶାସ୍ତ୍ରର ଶିକ୍ଷା ଉଦ୍ଧୃତ କରି ଶ୍ରୀ ଗିରି କର୍ପୋରେଟ୍ ସତର୍କତା, ଉତ୍ତରଦାୟିତ୍ୱ ଓ ନୈତିକ କର୍ତ୍ତବ୍ୟ ସମ୍ପର୍କରେ ମୂଲ୍ୟବାନ ମତାମତ ରଖିଥିଲେ। ଶ୍ରୀ ପାଲଚୌଧୁରୀ ନିଜ ଅଭିଭାଷଣରେ ସମସ୍ତ କାର୍ଯ୍ୟକ୍ଷେତ୍ରରେ ଅନୁଷ୍ଠାନିକ ଅଖଣ୍ଡତା ଓ ସ୍ୱଚ୍ଛ କାର୍ଯ୍ୟପ୍ରଣାଳୀର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ଶ୍ରୀ ଭାରତୀ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ସଂଗଠନର ମୂଳ ନୈତିକ ପ୍ରତିବଦ୍ଧତାକୁ ପୁନର୍ବାର ଦୃଢ଼ କରିବା ଉଦ୍ଦେଶ୍ୟରେ ସମସ୍ତ ଉପସ୍ଥିତ ବ୍ୟକ୍ତି ଓ ପ୍ରତିଯୋଗୀମାନେ ଓଡ଼ିଆ, ହିନ୍ଦୀ ଓ ଇଂରାଜୀରେ ରାଷ୍ଟ୍ରୀୟ ଏକତା ଦିବସର ଶପଥ ଗ୍ରହଣ କରିଥିଲେ।

ସତର୍କତା ସଚେତନତା ସପ୍ତାହ ୨୦୨୬ ଅବସରରେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତା, ସଚେତନତା ଅଧିବେଶନ ଓ କାର୍ଯ୍ୟକ୍ରମର ଏକ ବିସ୍ତୃତ ଭିଡିଓ ଦର୍ଶକମାନଙ୍କୁ ପ୍ରଦର୍ଶିତ କରାଯାଇଥିଲା। ଅପରାହ୍ଣର ସାଂସ୍କୃତିକ ଓ ବୌଦ୍ଧିକ କାର୍ଯ୍ୟକ୍ରମରେ ଆନ୍ତଃବିଦ୍ୟାଳୟ ବକ୍ତୃତା ପ୍ରତିଯୋଗିତା ଏବଂ ସପ୍ତାହର ମୁଖ୍ୟ ବିଷୟବସ୍ତୁକୁ ଆଧାର କରି ଆରଏସପି କର୍ମଚାରୀମାନଙ୍କ ଦ୍ୱାରା ପରିବେଷିତ ଏକ ଚିନ୍ତାଉଦ୍ରେକକାରୀ ନାଟିକା ଦର୍ଶକଙ୍କୁ ଆକୃଷ୍ଟ କରିଥିଲା। ସପ୍ତାହବ୍ୟାପୀ କର୍ମଚାରୀ ଓ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର ବିଜେତାମାନଙ୍କୁ ଏ ଅବସର ରେ ପୁରସ୍କାର ବିତରଣ ସମାରୋହରେ ସମ୍ମାନିତ କରାଯାଇଥିଲା। ଡିଜିଏମ (ଭିଜିଲାନ୍ସ) ଶ୍ରୀ ସନ୍ଦୀପ ବଂଶଲ ଙ୍କ ଆନୁଷ୍ଠାନିକ ଧନ୍ୟବାଦ ଅର୍ପଣ ସହିତ କାର୍ଯ୍ୟକ୍ରମର ପରିସମାପ୍ତି ହୋଇଥିଲା। ଏଜିଏମ (ଭିଜିଲାନ୍ସ) ଶ୍ରୀ ବିକ୍ରାନ୍ତ କୁମାର ପଟେଲ, କାର୍ଯ୍ୟକ୍ରମର ସଂଚାଳନ କରିଥିଲେ।

ରାଜ୍ୟସ୍ତରୀୟ ଶିଶୁ ମହୋତ୍ସବ ମହକର ଶୁଭାରମ୍ଭ

ଭୁବନେଶ୍ୱର,୩/୧୧ (ନି.ପ୍ର): ଭୁବନେଶ୍ୱରସ୍ଥିତ କଳିଙ୍ଗ ଷ୍ଟାଡିୟମ୍‌ର ପ୍ରାକ୍ଟିସ୍ ଗ୍ରାଉଣ୍ଡଠାରେ ମଙ୍ଗଳବାରଠାରୁ ରାଜ୍ୟସ୍ତରୀୟ ଶିଶୁ ମହୋତ୍ସବ 'ମହକ-୨୦୨୬' ଅତ୍ୟନ୍ତ ଉତ୍ସାହ ଓ ଉଦ୍ଦୀପନା ମଧ୍ୟରେ ଉଦ୍‌ଘାଟିତ ହୋଇଯାଇଛି। ମହିଳା ଓ ଶିଶୁ ବିକାଶ ବିଭାଗ ଅଧୀନସ୍ଥ ଓଡ଼ିଶା ରାଜ୍ୟ ଶିଶୁ ସୁରକ୍ଷା ସମିତି (ଓଏସପିସିଏସ୍) ଦ୍ୱାରା ଆୟୋଜିତ ଏହି ମହୋତ୍ସବରେ ରାଜ୍ୟର ବିଭିନ୍ନ ଶିଶୁ ଯତ୍ନ ଅନୁଷ୍ଠାନର ଶିଶୁମାନେ ସେମାନଙ୍କର ଅନ୍ତର୍ନିହିତ ସୃଜନଶୀଳ ପ୍ରତିଭା ପ୍ରଦର୍ଶନ ପାଇଁ ଏକତ୍ରିତ ହୋଇଛନ୍ତି।

ଏହି ସମାରୋହରେ ଓଡ଼ିଶାର ଉପ-ମୁଖ୍ୟମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡ଼ା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଆକାଶକୁ ବେଲୁନ୍ ଉଡ଼ାଇ ପ୍ରତିଯୋଗିତାର ଆନୁଷ୍ଠାନିକ ଶୁଭାରମ୍ଭ କରିଥିଲେ। ଉପ-ମୁଖ୍ୟମନ୍ତ୍ରୀ ଉପସ୍ଥିତ ପିଲାମାନଙ୍କୁ ଓ ଦର୍ଶକମାନଙ୍କୁ ଉଦ୍‌ବୋଧିତ କରି ସମସ୍ତ ଅଂଶଗ୍ରହଣକାରୀ ଶିଶୁମାନଙ୍କର ଅନ୍ତର୍ନିହିତ ପ୍ରତିଭା ଓ ଆତ୍ମବିଶ୍ୱାସକୁ ଭୂୟସୀ ପ୍ରଶଂସା କରିବା ସହ ସେମାନଙ୍କୁ ଉଜ୍ଜ୍ୱଳ ଭବିଷ୍ୟତ ଗଠନ ପାଇଁ ଉତ୍ସାହିତ କରିଥିଲେ। ଏଥିସହିତ, ଯତ୍ନାଧୀନ ପ୍ରତ୍ୟେକ ଶିଶୁକୁ ମାନସମ୍ମାନ, ସୁଯୋଗ ଓ ମାର୍ଗଦର୍ଶନ ଯୋଗାଇଦେବା ସହ ଶିଶୁମାନଙ୍କୁ ସୀମାହୀନ ସ୍ୱପ୍ନ ଦେଖିବାକୁ ପ୍ରେରଣା ଦେଇ ସେ କହିଥିଲେ ଯେ, ସେମାନଙ୍କ ପ୍ରତ୍ୟେକ ସ୍ୱପ୍ନକୁ ପୂରଣ କରିବା ପାଇଁ ସରକାର ସବୁ ସ୍ତରରେ ସଦାସର୍ବଦା ପ୍ରତିଶ୍ରୁତିବଦ୍ଧ। ସମ୍ମାନିତ ଅତିଥି ଭାବେ ଓଡ଼ିଶାର ଆଇନ, ପୂର୍ତ୍ତ ଏବଂ ଅବକାରୀ ମନ୍ତ୍ରୀ ଶ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଯୋଗଦେଇ ପିଲାମାନଙ୍କ ମନୋବଳକୁ ଉଚ୍ଚ ପ୍ରଶଂସା କରିଥିଲେ। ଏହି ଅବସରରେ ବିଭାଗ ପକ୍ଷରୁ ପ୍ରସ୍ତୁତ 'ଅର୍ଫାନ୍ ସର୍ଭେ ରିପୋର୍ଟ ୨୦୨୫' ଆନୁଷ୍ଠାନିକ ଭାବେ ଉନ୍ମୋଚିତ ହୋଇଥିଲା।

ଖୋର୍ଦ୍ଧାର 'ଆଦୃତ ଶିଶୁ ଗୃହ'ର ପିଲାମାନଙ୍କ ଦ୍ୱାରା ରାଜ୍ୟ ସଙ୍ଗୀତ 'ବନ୍ଦେ ଉତ୍କଳ ଜନନୀ' ଗାନ କରାଯାଇଥିଲା। ଓଡ଼ିଶାର ୩୦ଗୋଟି ଜିଲ୍ଲା ସ୍ତରୀୟ ଉତ୍ସବରୁ ବିଜୟୀ ହୋଇଥିବା ଶିଶୁମାନେ ଏହି ରାଜ୍ୟ ସ୍ତରୀୟ ମହୋତ୍ସବରେ ଅଂଶଗ୍ରହଣ କରୁଛନ୍ତି। ଆଗାମୀ ଦିନଗୁଡ଼ିକରେ ଶିଶୁମାନଙ୍କ ମଧ୍ୟରେ ନୃତ୍ୟ, ସଙ୍ଗୀତ, ଚିତ୍ରକଳା, ବିତର୍କ ଏବଂ କୁଇଜ୍ ଭଳି ବିଭିନ୍ନ ସାଂସ୍କୃତିକ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏହି ସମାରୋହ ଓଡ଼ିଶାର ପ୍ରତ୍ୟେକ ଯତ୍ନାଧୀନ ଶିଶୁକୁ ମାର୍ଗଦର୍ଶନ, ସୁଯୋଗ ଓ ଆତ୍ମବିଶ୍ୱାସ ପ୍ରଦାନ କରି ଏକ ମର୍ଯ୍ୟାଦାଜନକ, ସକ୍ଷମ ଓ ସ୍ୱାବଲମ୍ବୀ ଭବିଷ୍ୟତ ଗଢ଼ି ତୋଳିବା ପାଇଁ ରାଜ୍ୟ ସରକାରଙ୍କ ଅଟଳ ପ୍ରତିବଦ୍ଧତାକୁ ଦର୍ଶାଉଛି। ସୂଚନାଯୋଗ୍ୟ ଯେ ନଭେମ୍ବର ୩ ରୁ ୭ ତାରିଖ ପର୍ଯ୍ୟନ୍ତ କଳିଙ୍ଗ ଷ୍ଟାଡିୟମ୍ ରେ ମୋଟ ୫ ଦିନ ଧରି ଏହି ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜିତ ହେଉଛି। ଏହାର ପ୍ରଥମ ୨ ଦିନ 'ମହକ' (ସୃଜନଶୀଳତା ଓ କଳାର ପର୍ବ) ଭାବେ ପାଳିତ ହେଉଥିବା ବେଳେ, ପରବର୍ତ୍ତୀ ୩ ଦିନ 'ଉତ୍ସାହ' (କ୍ରୀଡ଼ା, ଉତ୍ସାହ ଓ ପ୍ରତିଭାର ବିକାଶ) କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। କାଲି 'ମହକ'ର ଉଦଯାପନୀ ଉତ୍ସବରେ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯିବ।

ଏହି କାର୍ଯ୍ୟକ୍ରମରେ ମହିଳା ଓ ଶିଶୁ ବିକାଶ ବିଭାଗର ଶାସନ ସଚିବ ଡ଼ଃ ମୃଣାଳିନୀ ଦର୍ଶ୍ୱାଲ, ନିର୍ଦ୍ଦେଶିକା ଶ୍ରୀମତୀ ମୋନିଷା ବାନାର୍ଜୀଙ୍କ ସହ ବିଭାଗର ଅନ୍ୟାନ୍ୟ ଅଧିକାରୀ ବୃନ୍ଦ ଉପସ୍ଥିତ ଥିଲେ।

ଚାନ୍ଦବାଲିରେ ଜିଲ୍ଲାସ୍ତରୀୟ ଯୁଗ୍ମ ଅଭିଯୋଗ ଶୁଣାଣି: ୨୭୬ଟି ଅଭିଯୋଗ ହସ୍ତଗତ, ୨୬ଟି ଅଭିଯୋଗର ତ୍ୱରିତ ସମାଧାନ



ଭଦ୍ରକ,୩/୧୧ (ନି.ପ୍ର): ଭଦ୍ରକ ଜିଲ୍ଲାର ଚାନ୍ଦବାଲି ବ୍ଲକ କାର୍ଯ୍ୟାଳୟରେ ଆଜି ଭଦ୍ରକ ଜିଲ୍ଲାପାଳ ଓ ଆରକ୍ଷୀ ଅଧୀକ୍ଷକଙ୍କ ଜିଲ୍ଲାସ୍ତରୀୟ ମିଳିତ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଏହି ଅଭିଯୋଗ ଶୁଣାଣି ଶିବିରରେ ମୋଟ ୨୭୬ଟି ଅଭିଯୋଗପତ୍ରଗ୍ରହଣକରାଯାଇଥିଲା। ସେଥି ମଧ୍ୟରୁ ୨୫୨ଟିବ୍ୟକ୍ତିଗତ ଅଭିଯୋଗ ହୋଇଥିବା ବେଳେ ୨୩ଟି ସାମୂହିକ ଅଭିଯୋଗ ରହିଥିଲା। ୨୬ଟି ଅଭିଯୋଗ ତୁରନ୍ତ ସମାଧାନ ହୋଇଥିଲା। ରେଡକ୍ରସ ପାଣ୍ଠିରୁ ଜଣଙ୍କୁ ସହାୟତା ରାଶି ବାବଦରେ ୩୦୦୦ ଟଙ୍କା ପ୍ରଦାନ କରାଯାଇଥିଲା। ୮ ଜଣଙ୍କୁ ଟ୍ରାଇସାଇକେଲ ଓ ୪ ଜଣଙ୍କୁ ହ୍ୱିଲ ଚେୟାର ପ୍ରଦାନ କରାଯାଇଥିଲା। ଭଦ୍ରକ ଜିଲ୍ଲାପାଳ ଶ୍ରୀ ସୋମେଶ କୁମାର ଉପାଧ୍ୟାୟ, ଆରକ୍ଷୀ ଅଧୀକ୍ଷକ ଶ୍ରୀ ମନୋଜ କୁମାର ରାଉତ, ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ସରୋଜ କୁମାର ଦତ୍ତ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଶ୍ରୀ ଶୁଭେନ୍ଦୁ କୁମାର ସାମଲ, ଉପଜିଲ୍ଲାପାଳ ଶ୍ରୀ ସୌରଭ କୁମାର ଚକ୍ରବର୍ତ୍ତୀ, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଶ୍ରୀ ପ୍ରମୋଦ ପ୍ରହରାଜଙ୍କ ଉପସ୍ଥିତିରେ ଏହି ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଥିଲା। ଜନଶୁଣାଣିରେ ମୁଖ୍ୟତଃ ମଧୁବାବୁ ପେନସନ, ପିଏମ ଆବାସ ଓ ଅନ୍ତ୍ୟୋଦୟ ଗୃହ ଯୋଜନାରେ ଗୃହ ବଣ୍ଟନ, ରାସନ କାର୍ଡ, ଜମିଜମା, ଶିକ୍ଷା, ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ଦରଖାସ୍ତ ହସ୍ତଗତ ହୋଇଥଲା ।

ସାମାଜିକ ସୁରକ୍ଷାରୁ ବଂଚିତ ଗୋଠସାହିର 'ମହାଶୂରୀ' ଓ 'ମୁଷୁ'

ଉଦଳା ,୩/୧୧ (ନି.ପ୍ର): ଉଦଳା ବ୍ଲକର କୁଣ୍ଡାବାଇ ପଂଚାୟତ ଅନ୍ତର୍ଗତ ଗୋଠସାହି ଗ୍ରାମରେ ଥିବା ଖଡ଼ିଆ ବସ୍ତିର ବାସିନ୍ଦା ସ୍ୱର୍ଗତଃ କୃଷ୍ଣ ନାଏକଙ୍କର ପୁତ୍ର ମହାଶୂରୀ ନାଏକ ଓ ସ୍ୱର୍ଗତଃ ନଟ ନାଏକଙ୍କର ପୁତ୍ର ମୁଷୁ ନାଏକ ଉଭୟେ ସାମାଜିକ ସୁରକ୍ଷା ଯୋଜନାରେ ସରକାର ପ୍ରଦାନ କରୁଥିବା ଭତା ପାଇବାରୁ ବଂଚିତ ଥିବାର ଜଣାଇଛନ୍ତି । ଆଧାର କାର୍ଡ଼ରେ ଉଲ୍ଲେଖ ଥିବା ଜନ୍ମ ତାରିଖ ଅନୁସାରେ ଉଭୟଙ୍କୁ ୬୩ ବର୍ଷ ବୟସ ଛୁଇଁଥିବାର ଜଣାଯାଇଛି । ଭତା ପାଇବା ପାଇଁ ପଂଚାୟତ କାର୍ଯ୍ୟାଳୟ ଓ ବ୍ଲକ କାର୍ଯ୍ୟାଳୟରେ ବାରମ୍ବାର ଗୁହାରି ଜଣାଇଥିଲେ ମଧ୍ୟ କେହି ଶୁଣୁନଥିବାର ଅଭିଯୋଗ କରିଛନ୍ତି । ଖଡ଼ିଆ ଜନଜାତିର ଲୋକଙ୍କ ପ୍ରତି ଏହିଭଳି ବିଭିନ୍ନ କ୍ଷେତ୍ରରେ ଅଣଦେଖା କରାଯାଉଥିବାର କଥା ସାଧାରଣରେ ଚର୍ଚ୍ଚା ହେଉଛି । ବିଭାଗୀୟ କର୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେବାକୁ ଜନଜାଗୃତି ମଂଚର ସ୍ୱେଚ୍ଛାସେବି ମାନେ ଅନୁରୋଧ ଜଣାଇଛନ୍ତି ।


ଉଦୀୟମାନ ଉଦୟନାଥ



ଦିଲ୍ଲୀପ କୁମାର ସାହୁ

ଉଦୀୟମାନ କୃଷି ଉଦ୍ୟୋଗୀ ଉଦୟନାଥ। ଉଦୟନାଥ କର। ଘର ତାଙ୍କର ଭଦ୍ରକ ଜିଲ୍ଲାର ବନ୍ତ ବ୍ଲକ ଅର୍ନ୍ତଗତ ବସନ୍ତିଆ ଗ୍ରାମ ପଞ୍ଚାୟତର ସିଲନ୍ଦି ଗାଁଆରେ। ଗାଆଁର ଚତୁର୍ପାଶ୍ୱରେ ସବୁଜିମାରେ ଭରପୁର ଧାନ କ୍ଷେତ। ଏହି ଧାନ କ୍ଷେତ ବଖାଣେ ଗାଁର ଚାଷବାସର କଥା। ସିଲନ୍ଦିର ବିଶେଷତ୍ୱ ହେଲାଯେ ଗାଆଁର ଅଠାଅଶି ଭାଗ ଲୋକ ଶିକ୍ଷିତ। ତେଣୁ ସିଲାନ୍ଦିର ଅନେକ ଲୋକ ବିଭିନ୍ନ ସରକାରୀ ଓ ବେସରକାରୀ ଅନୁଷାନରେ କାର୍ଯ୍ୟରତ। ସେହି ଗାଆଁର ଉଦୟନାଥ କର କିନ୍ତୁ ଜଣେ ବ୍ୟତିକ୍ରମ। **Mechanical Engineering** ରେ **Diploma** ପରେ ସେ **B.Sc.** ପଢିଥିଲେ । **B Sc** ପାସ୍ କରି ଚାକିରି ପଛରେ ନ ଧାଇଁ ସେ ଚାଷବାସ ପ୍ରତି ମନଦେଲେ । ଧାନ, ମାଛ ଓ ଫଳ ଚାଷ





ସହିତ ଗାଈ, କୁକୁଡା, ଛେଳି ଓ ଧଳା ଘୁଷୁରୀ ପାଳନ କରି ବେଶ୍ ସଫଳତା ଅର୍ଜନ କରିଛନ୍ତି ଉଦୟନାଥ। ଇଞ୍ଜିନିୟରରୁ ପାଲଟି ଯାଇଛନ୍ତି ଜଣେ କୃଷି ଉଦ୍ୟୋଗୀ।

ଗାଆଁ ମୁଣ୍ଡରେ ଉଦୟନାଥଙ୍କ ଫାର୍ମ। କୋଡିଏ ଏକର ପରିମିତ ଏହି ଫାର୍ମର ପରିବେଶ ବେଶ୍ ସୁବଜ ସୁନ୍ଦର। ତାହାରି ଭିତରେ ରହିଛି ଧାନ କ୍ଷେତ, ଗାଈ ଗୁହାଳ, ଘୁଷୁରି ଖାଉଡ, ଛେଳି ଗୁହାଳ, କୁକୁଡା ଫାର୍ମ, ପିଜୁଳି ବଗିଚା, ମାଛ ପୋଖରୀ ଆଉ ପୋଖରୀ ହୁଡାରେ ଧାଡିଧାଡି ସାଗୁଆନ ଗଛ। ଫାର୍ମ ଭିତରେ ପସୁ ପସୁ ମନ ଖୁସିରେ ନାଚି ଉଠେ ପୋଖରୀ ପାଣିରେ ହଂସ ପହଁରିବା ଦୃଶ୍ୟ ଦେଖି ଓ ଗାଈମାନଙ୍କହମା ରଡି ଶୁଣି।।ଏସବୁ ଦେଖି ଉଦୟନାଥଙ୍କ ଉଦ୍ୟମକୁ ପ୍ରଶଂସା ନକରି ରହି ହୁଏନାହିଁ।

ପ୍ରଥମେ ପାରମ୍ପରିକ ପ୍ରଣାଳୀରେ ଧାନ ଚାଷ ଆରମ୍ଭ କରିଥିଲେ ଉଦୟନାଥ। ବେଶି ଲାଭ ମିଳୁନଥିଲା। ପରେ ଅଧିକ ଅମଳକ୍ଷମ ବିହନ ସହିତ ଆଧୁନିକ ପ୍ରଣାଳୀକୁ ଆପଣେଇ ନେବା ଫଳରେ ଭଲ ଲାଭ ମିଳିଲା ତାଙ୍କୁ। ଧାନ ଚାଷ ଓ ଗୋପାଳନ ପରସ୍ପରର ଅନୁପୂରକ କହିଲେ ଅତ୍ୟୁକ୍ତି ହେବନାହିଁ। ସେଇଥିପାଇଁ ଆରମ୍ଭକଲେ ସେ ଗୋପାଳନ

୨୦୧୬ ମସିହାରେ ୧୦ଟି ଗାଈଙ୍କୁ ନେଇ ଉଦୟନାଥ ଆରମ୍ଭ କଲେ ତାଙ୍କର ଫାର୍ମ। ଏବେ ତାଙ୍କର ଗାଈ ସଂଖ୍ୟା ୩୦ରୁ ଅଧିକ। ଉନ୍ନତମାନର ଗାଈରେ ଭରା ତାଙ୍କ ଗୁହାଳକୁ ଦେଖିଲେ ମନ ପୂରିଯାଏ। ଗୋଖାଦ୍ୟ ପାଇଁ ଉଦୟନାଥ ପ୍ରାୟ ଏକ ଏକର ଜମିରେ ଘାସ ଚାଷ କରନ୍ତି। ମେସିନ ଦ୍ୱାରା ଘାସକୁ ଛୋଟଛୋଟ କରି କାଟି ଗାଈମାନଙ୍କୁ ଖାଇବାକୁ ଦିଆଯାଏ। ପ୍ରଚୁର ସବୁଜ ଘାସ ଦିଆଯାଉଥିବାରୁ ଗାଈମାନେ ଭଲ କ୍ଷୀର ଦିଅନ୍ତି। ପ୍ରତିଦିନ ସକାଳେ ଓ ସନ୍ଧ୍ୟାରେ ପ୍ରାୟ ୨୫୦ ଲିଟର କ୍ଷୀର ଉତ୍ପାଦନ ହୋଇଥାଏ ତାଙ୍କ ଗୋଶାଳାରେ। ଏତେ ପରିମାଣର କ୍ଷୀର ଦୁହିଁବା ସହଜ କଥା ନୁହେଁ। ତେଣୁ ଉଦୟନାଥଙ୍କ ଗୋଶାଳାରେ ମଣିଷ ନୁହଁନ୍ତି ମେସିନ ଦ୍ୱାରା କ୍ଷୀର ଦୁହାଁଯାଇଥାଏ। ଫଳରେ ଅତି କମ୍ ସମୟରେ ଓ ପରିଷ୍କାର ପରିଚ୍ଛନ୍ନତାର ସହ କ୍ଷୀର ଦୁହାଁଯାଏ।

ଉଦୟନାଥଙ୍କର ଦୁଇହଜାର ପକ୍ଷୀ ରହିଲା ଭଳି ଏକ ବ୍ରଏଲର କୁକୁଡା ଫାର୍ମ ରହିଛି। ଏହି ଫାର୍ମ ଏକ ଘରୋଇ କମ୍ପାନୀ ସହିତ ଅନୁବନ୍ଧିତ। କୁକୁଡା ମାଂସ ବିକ୍ରି ଦାୟିତ୍ୱ ତେଣୁ ସେହି କମ୍ପାନୀର।

ୟୁଟ୍ୟୁବ୍ ଦେଖି ନୂଆ ନୂଆ କଥା ଜାଣିବା ଦିଗରେ ଉଦୟନାଥଙ୍କ ଆଗ୍ରହ ବେଶି। ଏମିତି ୟୁଟ୍ୟୁବ୍ ଦେଖୁଦେଖୁ ତାଙ୍କର ନଜର ପଡିଲା ଧଳା ଘୁଷୁରୀ ଚାଷ ଉପରେ। ଏହା ବେଶ୍ ଲାଭଦାୟକ ହୋଇଥିବାବେଳେ ଆମଦେଶର



ଉତ୍ତର ପୂର୍ବ ରାଜ୍ୟମାନଙ୍କରେ ଧଳା ଘୁଷୁରୀ ମାଂସର ଚାହିଦା ବେଶି । କିନ୍ତୁ ସେହି ରାଜ୍ୟ ଗୁଡିକରେ ଯେତିକି ଧଳା ଘୁଷୁରୀ ଚାଷ ହୁଏ ତାହା ତାଙ୍କ ଚାହିଦା ପୂରଣକ ରିପାରେନାହିଁ । ତେଣୁ ଏହି ମାଂସ ପାଇଁ ସେମାନେ ଅନ୍ୟ ରାଜ୍ୟ ଉପରେ ନିର୍ଭରଶୀଳ। ଏହାକୁ ଆଖି ଆଗରେ ରଖି ଉଦୟନାଥ ଆରମ୍ଭ କଲେ ଧଳା ଘୁଷୁରି ଚାଷ। ଉନ୍ନତ ପ୍ରଣାଳୀରେ ଘୁଷୁରି ଚାଷ ପାଇଁ ଉଦୟନାଥ ରାଜସ୍ଥାନରୁ ତାଲିମ ନେଇଥିଲେ। ଏବେ ଓଡିଶାର ଚାଷୀମାନେ ଏହି ଚାଷପାଇଁ ତାଙ୍କ ଠାରୁ ତାଲିମ ନେଉଛନ୍ତି।

ସାଧାରଣତଃ ଘୁଷୁରୀଙ୍କ ଖାଦ୍ୟ ମଳ ଓ ପଚାଷଜା ଖାଦ୍ୟ। ତେଣୁ ଘୁଷୁରୀ ଖୁଆଡରୁ ଖୁବ୍ ଦୁର୍ଗନ୍ଧ ବାହାରେ ।

ଉଦୟନାଥ କିନ୍ତୁ ଘୁଷୁରୀଙ୍କୁ ବିଶୁଦ୍ଧ ଦାନା ଓ ପାଣି ଦିଅନ୍ତି ଓ


ଖୁଆଡକୁ ସେଥିପାଇ ସର୍ବଦା ପରିଷ୍କାର ରଖନ୍ତି। ସେଥିପାଇଁ ସେଠାରେ ଦୁର୍ଗନ୍ଧର ପ୍ରଶ୍ନ ନଥାଏ।

ଉଦୟନାଥ କୁହନ୍ତି ଘୁଷୁରି ଚାଷ ଖୁବ୍ ଲାଭଦାୟକ। ଏଥିପ୍ରତି ଗୁରୁତ୍ୱ ଦେଲେ ଅଳ୍ପ ଦିନରେ ଚାଷୀମାନେ ନିଶ୍ଚୟ ନିଜର ଅର୍ଥନୈତିକ ଅବସ୍ଥାରେ ଉନ୍ନତି ଆଣିପାରିବେ। ଘୁଷୁରି ଖୁଆଡକୁ ଲାଗି, ତାଙ୍କର ରହିଛି ଏକ ସ୍ପେରେଜ୍ ପ୍ଲାଣ୍ଟ। ଏହି ପ୍ଲାଣ୍ଟରେ ଘୁଷୁରୀଙ୍କ ମଳ ଓ ଖୁଆଡରୁ ବାହାରୁଥିବା ଜଳର ବିଶୋଧନ କରାଯାଏ। ବିଶୁଦ୍ଧ ଜଳକୁ ଚାଷପାଇଁ ବ୍ୟବହାର କରାଯାଉଥିବାବେଳେ ବାହୁରୁଥିବା ଖତକୁ ପିଜୁଳି ବଗିଚାରେ ବ୍ୟବହାର କରାଯାଏ।

ସେହି ୟୁଟ୍ୟୁବ୍ ଦେଖି ଉଦୟନାଥ ଆରମ୍ଭ କରିଥିଲେ ପିଜୁଳି ଚାଷ। ଉନ୍ନତମାନର ଚାରା ଖୋଜିଖୋଜି ତାଙ୍କୁ ରାଜ୍ୟ ବାହାରକୁ ଯିବାକୁ ପଡିଥିଲା। ଏବେ ଏହି ପିଜୁଳି ଚାଷ ଦେଉଛି ତାଙ୍କୁ ବେଶ୍ ଭଲ ଲାଭ।



ଆମ ରାଜ୍ୟରେ ଖାସି ମାଂସର ଚାହିଦା କଥା ନକହିଲେ ଭଲ। ସେଇଥିପାଇଁ ଏହି ମାଂସର ଦର ବର୍ଷକୁ ବର୍ଷ ବଢିବାରେ ଲାଗୁଛି। ତେଣୁ ଛେଳି ପାଳନ ଏକ ଲାଭଜନକ ବ୍ୟବସାୟ ଅନୁଭବ କରି ଉଦୟନାଥ ଆରମ୍ଭକଲେ ଛେଳି ପାଳନ। ନିର୍ମାଣ କଲେ



ଏକ ସ୍ୱସ୍ଥ୍ୟପ୍ରଦ ଗୁହାଳ।

ବିଭିନ୍ନ କାରଣରୁ ପ୍ରାଣୀମାନଙ୍କର ମୃତ୍ୟୁ ଘଟିଥାଏ। ଯାହାକି ଚାଷୀମାନଙ୍କ ପାଇଁ ପ୍ରଭୁତ କ୍ଷତିର କାରଣ ହୋଇଥାଏ। ତେଣୁ ଏହି କ୍ଷତି କବଳରୁ ରକ୍ଷା ପାଇବା ପାଇଁ ଉଦୟନାଥ ପ୍ରାଣୀମାନଙ୍କର ଜୀବନ ବୀମା ଉପରେ ଗୁରୁତ୍ୱ ଦେଇଥାନ୍ତି।

ଉଦୟନାଥଙ୍କର ପୋଖରୀ ଥିଲା। ସେଥିରେ ମାଛ ଚାଷ ପାଇଁ ବୈଷୟିକ ଜ୍ଞାନ କୌଶଳ ଯୋଗାଇଦେଲେ ଭଦ୍ରକ କୃଷିବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକ। ଏହି ମାଛ ପୋଖରୀ ଗୁଡିକର ଉନ୍ନତି କରଣ ନିମନ୍ତେ ଉଦୟନାଥ ପାଇଥିଲେ ସରକାରୀ ସହଯୋଗ। ଯାହାକି ମାଛ ଚାଷପ୍ରତି ତାଙ୍କର ଆଗ୍ରହକୁ ବହୁଗୁଣିତ କରିଥିଲା। ସିଏ ଗୋଟିଏ ପୋଖରୀରୁ ଆଠଟି ପୋଖରୀରେ ଏବେ ମାଛଚାଷ କରୁଛନ୍ତି। ଉଦୟନାଥ ତାଙ୍କ ପୋଖରୀରେ ରେହୀ, ଭାକୁଡ ଓ ମୀରକାଳି ଏହିଭଳି ତିନିପ୍ରକାରର ମାଛ ଚାଷ କରନ୍ତି।


ଏହି ତିନିପ୍ରକାରର ମାଛଙ୍କ ଜୀବନ ଶୈଳୀ ଅଲଗା ଅଲଗା ହୋଇଥିବାରୁ ସେମାନେ ପରସ୍ପର ର ବଢିବାରେ ସହାୟକ ହୋଇଥାନ୍ତି। ମାଛଧରା ଦିନ ବୋପାରୀମାନେ ଜାଲୁଆଙ୍କ ସହ ପହଞ୍ଚି ଯାଆନ୍ତି । ମାଛ ଧରନ୍ତି ଏବଂ ବିକ୍ରିପାଇଁ ନେଇଯାଆନ୍ତି ପାଖ ହାଟ ବଜାରକୁ। ଥରକେ ତାଙ୍କର ସାତ ଆଠ କ୍ୱିଣ୍ଟାଲ ହିସାବରେ ବର୍ଷକୁ ପ୍ରାୟ ଶହେ କ୍ୱିଣ୍ଟାଲ ମାଛ ଅମଳ କରିଥାନ୍ତି ଉଦୟନାଥ।

ଜଣେ ସଫଳ କୃଷି ଉଦ୍ୟୋଗୀ ଭାବରେ ଉଦୟନାଥ ଅନୁଭବ କଲେ ତାଙ୍କର କିଛି ସାମାଜିକ ଦାୟିତ୍ୱ ରହିଛି।

ନିଜ ଅଞ୍ଚଳର ପିଲାମାନଙ୍କୁ ଉଚ୍ଚମାନର ଶିକ୍ଷା ପ୍ରଦାନ କରିବାପାଇଁ ସେ ପ୍ରତିଷ୍ଠା କରିଛନ୍ତି ଏକ ଇଂରାଜୀ ମାଧ୍ୟମ ବିଦ୍ୟାଳୟ। ଏହି ବିଦ୍ୟାଳୟରେ କେବଳ ପାଠ ପଢାଯାଏ ନାହିଁ, ପିଲାମାନେ କିପରି ଭଲ ମଣିଷ ହେବେ ସେଥିପାଇଁ ବାଟ ବତାଯାଏ। ଆଜିକାଲିର ପିଲାଏ ଚାଷବାସରୁ ମୁହଁ ଆଡେଇ ନେଉଥିବାବେଳେ ନିଜେ ପିଲାମାନଙ୍କ ପାଇଁ ଉଦାହରଣ ସାଜି, ସମୟ ମିଳିଲେ ଆଧୁନିକ କୃଷିର ବିଭିନ୍ନ ଦିଗ ସମ୍ପର୍କରେ ପିଲାମାନଙ୍କୁ ଶିକ୍ଷା ଦାନ କରିଥାନ୍ତି ଉଦୟନାଥ।

ସଫଳତା ଓ ସମାଜ ପ୍ରତି ତାଙ୍କର ଦାୟିତ୍ୱବୋଧତା ପାଇଁ ଅନେକ ଜିଲ୍ଲା ସ୍ତରୀୟ ଓ ରାଜ୍ୟସ୍ତରୀୟ ଅନୁଷାନମାନଙ୍କ ଦ୍ୱାରା ସମ୍ମାନିତ ହୋଇଛନ୍ତି ଉଦୟନାଥ। ଏହା କେବଳ ତାଙ୍କ ପାଇଁ ନୁହେଁ ସମଗ୍ର କୃଷକ ଜାତି ପାଇଁ ଗର୍ବ ଓ ଗୌରବର କଥା ।

+ ଶଙ୍କରପୁର, ଚାରବାଟିଆ, କଟକ
ମୋ: ୭୦୭୭୨୦୬୯୭୭



ଫୁଲକୋବି ଭିତରେ ଲୁଚିଛନ୍ତି ପୋକ: ସଫା କରିବେ କେମିତି ?



ବାହାରୁ ଦେଖିବାକୁ ଧଳା, ସୁନ୍ଦର ଆଉ ସତେଜ। ହେଲେ ଭିତରେ ଲୁଚି ରହିଛନ୍ତି ଛୋଟ ଛୋଟ ପୋକ ! ଆପଣ ଯେଉଁ ଫୁଲକୋବିକୁ ଆଣି ତରକାରୀ କିମ୍ବା ପୁଲାଉ ବନାଉଛନ୍ତି, ତାହା ଭିତରେ ଥାଇପାରନ୍ତି ଅନେକ କୀଟ। କେବଳ ପାଣିରେ ଧୋଇଦେଲେ ଏହି ପୋକ ସବୁ ବାହାରିଯାଆନ୍ତି ନାହିଁ। କାରଣ ଫୁଲକୋବିର ଘନ ଘନ ପାଖୁଡ଼ା ଭିତରେ ଲୁଚି ରହିଥାନ୍ତି ଏମାନେ। ଆଉ ଅଜାଣତରେ ଏହି କୋବିକୁ ଆପଣ ଖାଇଦେଉଛନ୍ତି। ତେଣୁ ଫୁଲକୋବି ରାନ୍ଧିବା ପୂର୍ବରୁ ଏହାକୁ ଠିକ୍ ଭାବେ ସଫା କରିବା ନିହାତି ଜରୁରୀ। ତେବେ କେମିତି କରିବେ ଫୁଲକୋବିର ସଠିକ୍ ସଫା ? ଜାଣନ୍ତୁ ସହଜ ଉପାୟ। ଶୀତଦିନ ଆସିଲେ ବଜାରରେ ଛାଇଯାଏ ଫୁଲକୋବି। କାହାକୁ କୋବି ତରକାରୀ ପସନ୍ଦ ତ ଆଉ କାହାକୁ କୋବି ପୁଲାଉ। ହେଲେ ଏହାକୁ ଖାଇବା ପୂର୍ବରୁ ସଫା କରିବା ଉପରେ ଦେବାକୁ ପଡ଼ିବ ବିଶେଷ ଧ୍ୟାନ। ଏଥିପାଇଁ ଆପଣଙ୍କୁ ଦରକାର ଗୋଟିଏ ବଡ଼ ପାତ୍ର, ହାଲୁକା ଉଷୁମ ପାଣି, ଲୁଣ ଓ ହଳଦୀ ଗୁଣ୍ଡ। ତେବେ ପ୍ରଥମେ ଫୁଲକୋବିର ବାହାର ପତ୍ରଗୁଡ଼ିକୁ ବାହାର କରିଦିଅନ୍ତୁ। ଏହାପରେ କୋବିକୁ ଛୋଟ ଛୋଟ ଖଣ୍ଡରେ କାଟି ଅଲଗା କରନ୍ତୁ। ଯେଉଁ ଅଂଶ ପଚିଯାଇଥିବ କିମ୍ବା ରଙ୍ଗ ବଦଳିଯାଇଥିବ, ତାହାକୁ ବାହାର କରିଦିଅନ୍ତୁ । ଫୁଲକୋବିକୁ ଛୋଟ ଛୋଟ ଖଣ୍ଡରେ କାଟିବା ପରେ ଆଉ ଏକ କାମ କରନ୍ତୁ। ଗୋଟିଏ ବଡ଼ ପାତ୍ରରେ ହାଲୁକା ଉଷୁମ ପାଣି ନିଅନ୍ତୁ। ଧ୍ୟାନ ରଖିବେ, ପାଣି ଅଧିକ ଗରମ ହୋଇନଥିବ। କାରଣ ଅଧିକ ଗରମ ପାଣିରେ କୋବି ନରମ ହୋଇଯାଇପାରେ। ଏବେ ଏହି ପାଣିରେ ଅଳ୍ପ ଲୁଣ ଓ ହଳଦୀ ଗୁଣ୍ଡ ମିଶାନ୍ତୁ। ଏହାପରେ କୋବି ଖଣ୍ଡଗୁଡ଼ିକୁ ପାଣିରେ ପକାଇ କିଛି ସମୟ ବୁଡ଼ାଇ ରଖନ୍ତୁ। ଏହାଦ୍ୱାରା କୋବି ଭିତରେ ଲୁଚି ରହିଥିବା ପୋକ ଓ ମଇଳା ବାହାରିବାରେ ସହାୟତା ମିଳିପାରେ। ତେବେ ଏତିକିରେ ସରିନାହିଁ ସଫା କରିବା ପ୍ରକ୍ରିୟା। କିଛି ସମୟ ପରେ ପାଣିରୁ କୋବି ଖଣ୍ଡଗୁଡ଼ିକୁ ବାହାର କରି ପୁଣି ଥରେ ସଫା ପାଣିରେ ଭଲ ଭାବେ ଧୋଇ ନିଅନ୍ତୁ। କୋବିର ପ୍ରତ୍ୟେକ ଖଣ୍ଡକୁ ଭଲ ଭାବେ ଯାଞ୍ଚ କରନ୍ତୁ। କେଉଁଠି ପୋକ କିମ୍ବା ମଇଳା ଲାଗିଥିଲେ ତାହାକୁ ବାହାର କରିଦିଅନ୍ତୁ। ଏହାପରେ ପାଣି ନିଗାଡ଼ି ରାନ୍ଧିବା ପାଇଁ ବ୍ୟବହାର କରନ୍ତୁ। ତେଣୁ ଆଗକୁ ଯେତେବେଳେ ବି ଫୁଲକୋବି ଆଣୁଛନ୍ତି, କେବଳ ପାଣିରେ ଧୋଇ ରାନ୍ଧି ଦିଅନ୍ତୁ ନାହିଁ। ଏହାକୁ ଠିକ୍ ଭାବେ କାଟି, ସଫା କରିବା ପରେ ହିଁ ରୋଷେଇରେ ବ୍ୟବହାର କରନ୍ତୁ। କାରଣ ସୁସ୍ୱାଦୁ ଖାଦ୍ୟ ସହ ସ୍ୱାସ୍ଥ୍ୟର ଯତ୍ନ ନେବା ମଧ୍ୟ ଜରୁରୀ।



ଚ୍ୟବନପ୍ରାଶ ନାଁ ଶୁଣିଲେ ପିଲାବେଳର କଥା ଆଖି ଆଗରେ ନାଚି ଉଠେ । ପିଲାବେଳର ସ୍ମୃତି ଯେମିତି ତାଜା ହୋଇଯାଏ । ଏହି ଶୀତ ଦିନ ଆସିଲେ ଜେଜେ ବାପା ଏବଂ ଜେଜେ ମା' ସକାଳୁ ସକାଳୁ ଉଠି ନାତି, ନାତୁଣୀଙ୍କ ପଛରେ କେମିତି ଦୌଡୁଥିଲେ ଚ୍ୟବନପ୍ରାଶ ଚାମଚଟିଏ ଖୁଆଇଦେବା ପାଇଁ । ଚ୍ୟବନପ୍ରାଶ ଅର୍ଥାତ୍ ଜଡ଼ି-ବୁଟିର ଖଟାମିଠା ଔଷଧ । ଯାହାକୁ ଖାଇବା ଦ୍ୱାରା ଶରୀରରେ ଏକ ଉଷ୍ମତା ଅନୁଭବ ହୁଏ । ବର୍ତ୍ତମାନ ସମୟରେ ଏହି ଚ୍ୟବନପ୍ରାଶର ବ୍ୟବହାର କମିଯାଇଥିଲେ ମଧ୍ୟ ବୟସ୍କଙ୍କ ଭିତରେ ଏବେ ବି ଏହା ପ୍ରିୟ ହୋଇ ରହିଛି । ତେବେ ଏହି ପାରମ୍ପରିକ ଉପଚାର ପୁଣି ଥରେ ଦୈନନ୍ଦିନ ଜୀବନର ଏକ ଅଂଶ ପାଲଟିଛି । ଜୀବନରେ ଫୁର୍ତ୍ତି ଆଣିବା ପାଇଁ ପୁଣିଥରେ ଚ୍ୟବନପ୍ରାଶକୁ ମନେ ପକାଇଲେଣି ଲୋକେ । ଜାତୀୟ ଗଣମାଧ୍ୟମର ରିପୋର୍ଟ ଅନୁସାରେ କିଛି ବର୍ଷ ଧରି ମାନାବସ୍ଥାରେ ଚାଲିଥିବା ଏହି ଆୟୁର୍ବେଦ ଔଷଧର ପ୍ରଚଳନ ପୁଣି ଥରେ ବଢ଼ିଲାଣି । ଚ୍ୟବନପ୍ରାଶ ମୂଳତଃ ଏକ ଆୟୁର୍ବେଦ ଔଷଧ , କିମ୍ବଦନ୍ତୀ ଅନୁସାରେ ଏହି ଔଷଧକୁ ଋଷି ଚ୍ୟବନ ତାଙ୍କର ଶକ୍ତି ଏବଂ ଯୌବନ ପୁନରୁଦ୍ଧାର କରିବା ପାଇଁ ସୃଷ୍ଟି କରିଥିଲେ, ତେଣୁ ଏହାର ନାମକରଣ ଚ୍ୟବନପ୍ରାଶ କରାଯାଇଛି । ଆୟୁର୍ବେଦ ଏହାକୁ ଏକ ଶକ୍ତି ବଢ଼ାଉଥିବା ଟନିକ୍ ବୋଲି କହିଥାଏ । ଏହା ଖାଇବା ଦ୍ୱାରା ଶାରୀରିକ ଶକ୍ତି ବଢ଼େ ,ମସ୍ତିଷ୍କ ସୁସ୍ଥ ରୁହେ ଏବଂ ବୟସ ବଢ଼େ ବୋଲି ଆୟୁର୍ବେଦ କୁହେ । ଯେଉଁମାନେ ଏହାକୁ ନିୟମିତ ଖାଇଥା'ନ୍ତି ସେମାନଙ୍କ ପାଚନ ଏବଂ ଋତୁକାଳୀନ ରୋଗଠାରୁ ଦୂରରେ ରହିଥା'ନ୍ତି । ସେମାନେ ପାଚନ ଏବଂ ଋତୁକାଳୀନ ରୋଗରୁ ମୁକ୍ତ ରହିଥା'ନ୍ତି । ଏହା ଖାଇବା ଦ୍ୱାରା ଏନର୍ଜୀ ବୁଷ୍ଟ୍ ହେବା ସହିତ ତ୍ୱଚା ମଧ୍ୟ ସୁନ୍ଦର ହୋଇଥାଏ । ପୁରାଣରେ ଏହାକୁ ଏକ ପୁନର୍ଜୀବନ ଚିକିତ୍ସା ଭାବରେ ବର୍ଣ୍ଣନା କରେ । ଅଁଳା,ଘିଅ,ରାଶି ତେଲ,ମହୁ , ଚିନି ଭଳି ୪୦ ଜଡ଼ି-ବୁଟିରୁ ପ୍ରସ୍ତୁତ ଏହି ଚ୍ୟବନପ୍ରାଶ ଶୀତଦିନେ ଦେହକୁ ସୁସ୍ଥ ରଖିଥାଏ । ଏଥିରେ ଥିବା ହର୍ବାଲ୍ ପୋଷକ ତତ୍ତ୍ୱ ଶୀତଦିନର ଥଣ୍ଡା ଏବଂ କାଶକୁ ଦୂରେଇ ଥାଏ । ତେବେ ଆଧୁନିକ ଗବେଷଣା ଏବେ ପ୍ରାଚୀନ ଚିକିତ୍ସା ପଦ୍ଧତିର ଗୁରୁତ୍ୱକୁ ପୁନଃ ଗୁରୁତ୍ୱ ଦେଉଛି । ଚ୍ୟବନପ୍ରାଶ ଉପରେ କିଛି ବୈଜ୍ଞାନିକ ଅଧ୍ୟୟନ କରାଯାଇଛି । ସେମାନେ କହିଛନ୍ତି ଯେ ଏହାର ସେବନ ରୋଗ ପ୍ରତିରୋଧକ ଶକ୍ତିକୁ ଶକ୍ତିଶାଳୀ କରେ, ସୁରକ୍ଷାତ୍ମକ ଆଣ୍ଟିବଡି ବୃଦ୍ଧି କରେ ଏବଂ ଆଲର୍ଜିକୁ ଦୂର କରେ । ଏଥିରେ

ଭୋଟ୍ ବଦଳାଇବ କି ଆମେରିକୀୟ ଶାସନର ଚରିତ୍ର ?

ପ୍ରତି ଦୁଇ ବର୍ଷରେ ଥରେ ଆମେରିକାର ରାଷ୍ଟ୍ରପତିଙ୍କ କାର୍ଯ୍ୟକାଳର ମଧ୍ୟଭାଗରେ ଅନୁଷ୍ଠିତ ହେଉଥିବା ମଧ୍ୟବର୍ତ୍ତୀକାଳୀନ ନିର୍ବାଚନକୁ ସେଠାକାର ରାଜନୈତିକ ବର୍ଗ ଏବଂ ପ୍ରମୁଖ ଗଣମାଧ୍ୟମ ଏକ ଯୁଗାନ୍ତକାରୀ ଘଟଣା ତଥା ଗଣତନ୍ତ୍ରର ମହାପରୀକ୍ଷା ଭାବେ ଉପସ୍ଥାପନ କରିଥାନ୍ତି । ଏହି ବ୍ୟବସ୍ଥାର ପ୍ରଚାରକ ଓ ସୂତ୍ରଧର ସାଜିଥିବା ଗଣମାଧ୍ୟମ ତଥା ରାଜନୈତିକ ଅଭିଜାତମାନେ ୨୦୨୬ ମସିହାର ମଧ୍ୟବର୍ତ୍ତୀକାଳୀନ ନିର୍ବାଚନକୁ ମଧ୍ୟ ଏକ ବିଶାଳ ମଲ୍ଲଯୁଦ୍ଧ ଏବଂ କ୍ଷମତାସୀନ ପ୍ରଶାସନ ବିରୋଧରେ ଏକ ଚୂଡ଼ାନ୍ତ ଜନମତ ଭାବେ ଚିତ୍ରଣ କରୁଛନ୍ତି । ଆମେରିକୀୟ ସଂସଦ ବା କଂଗ୍ରେସର ଉଭୟ ସଦନ ଯଥା ପ୍ରତିନିଧି ସଭା ଓ ସିନେଟ୍‌ର ନିୟନ୍ତ୍ରଣ କାହା ହାତକୁ ଯିବ, ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଦ୍ୱିତୀୟ ପାଳିର କାର୍ଯ୍ୟସୂଚୀକୁ କିପରି ରୋକାଯିବ କିମ୍ବା ଅଧିକ ତ୍ୱରାନ୍ୱିତ କରାଯିବ ଏବଂ ଆମେରିକୀୟ ଗଣତନ୍ତ୍ର ସୁରକ୍ଷିତ ରହିବ କି ବିପଦରେ ପଡ଼ିବ—କେବଳ ଏହିଭଳି ଉତ୍ତେଜନାପୂର୍ଣ୍ଣ ପ୍ରଶ୍ନଗୁଡ଼ିକ ଚାରିପାଖରେ ସମଗ୍ର ନିର୍ବାଚନୀ ପ୍ରଚାର ଘୂରି ବୁଲୁଛି। କିନ୍ତୁ ରାଜନୀତିର ଅନେକ ବିଶିଷ୍ଟ ବିଶ୍ଳେଷକ ମତରେ ଏହି ସମଗ୍ର ନିର୍ବାଚନୀ ପ୍ରକ୍ରିୟା ଏକ ରାଜନୈତିକ ନାଟକ ବା ପ୍ରହସନ ବ୍ୟତୀତ ଅନ୍ୟ କିଛି ନୁହେଁ, ଯାହା ଆମେରିକୀୟ କ୍ଷମତାର ମୂଳରେ ରହିଥିବା ମୌଳିକ ତଥା ଢାଞ୍ଚାଗତ ସଙ୍କଟକୁ ସମାଧାନ କରିବାରେ ସମ୍ପୂର୍ଣ୍ଣ ଅସମର୍ଥ । ପ୍ରତି ଦୁଇ କିମ୍ବା ଚାରି ବର୍ଷରେ ଥରେ ଭୋଟରମାନଙ୍କୁ ଏହି ବିଶ୍ୱାସ ଦିଆଯାଏ ଯେ ଗଣତାନ୍ତ୍ରିକ ପ୍ରକ୍ରିୟା ଉପରେ ଆସ୍ଥା ରଖିଲେ ସେମାନଙ୍କର ଗୋଟିଏ ଭୋଟ୍ ଦେଶର ଭାଗ୍ୟ ବଦଳାଇଦେବ ଏବଂ ଦୁଇ ପ୍ରତିଦ୍ୱନ୍ଦ୍ୱୀ ଦଳ ସେମାନଙ୍କ ସମ୍ମୁଖରେ ସମ୍ପୂର୍ଣ୍ଣ ଭିନ୍ନ ବିକଳ୍ପ ଉପସ୍ଥାପନ କରୁଛନ୍ତି । ମାତ୍ର ନିର୍ବାଚନ ଶେଷ ହେବା କ୍ଷଣି ପୁଣି ସେହି ପୁରୁଣା ସ୍ୱାର୍ଥପର ଅଭିଜାତ ଶାସନର ଚକ୍ର ଆରମ୍ଭ ହୋଇଯାଏ । ଏହା ଏକ ନିରନ୍ତର ପୁନରାବୃତ୍ତିର ଅନୁଭୂତି ସଦୃଶ, ଯାହା ସାଧାରଣ ଭୋଟରଙ୍କୁ ସ୍ମୃତିଶକ୍ତିହୀନ ମନେ କରେ ଏବଂ ଆମେରିକୀୟ ସମାଜର ଭବିଷ୍ୟତ, ଏହାର ସାମାଜିକ ଢାଞ୍ଚା ଏବଂ ବିଶ୍ୱ ସ୍ତରରେ ଏହାର ହ୍ରାସ ପାଉଥିବା ବୈଧତା ଭଳି ଗଭୀର ପ୍ରଶ୍ନଗୁଡ଼ିକରୁ ଜନସାଧାରଣଙ୍କ ଦୃଷ୍ଟି ହଟାଇବା ପାଇଁ ଏକ ସୁଚିନ୍ତିତ ରୀତି ଭାବେ କାର୍ଯ୍ୟ କରିଥାଏ ।

ଏହି ନିର୍ବାଚନୀ ପ୍ରହସନର ସବୁଠାରୁ ବଡ଼ ତଥା ଭୟଙ୍କର ଦିଗ ହେଉଛି ଏଥିରେ ପ୍ରବାହିତ ହେଉଥିବା ଅମାପ ବାଣିଜ୍ୟିକ ପୁଞ୍ଜି ଓ ଧନକୁବେରମାନଙ୍କ ଅର୍ଥବଳ, ଯାହା ଆମେରିକୀୟ ଗଣତନ୍ତ୍ରକୁ ଏକ ଧନିକତନ୍ତ୍ରରେ ପରିଣତ କରିସାରିଛି । ରାଜନୈତିକ ଅର୍ଥ କାରବାର ଉପରେ ନଜର ରଖୁଥିବା ସ୍ୱାଧୀନ ଗବେଷଣା ସଂସ୍ଥା 'ଓପନ୍‌ସିକ୍ରେଟ୍ସ'ର ସଦ୍ୟତମ ତଥ୍ୟ ଅନୁଯାୟୀ, ୨୦୨୬ ମସିହାର ଆମେରିକୀୟ ମଧ୍ୟବର୍ତ୍ତୀକାଳୀନ ନିର୍ବାଚନ ଦେଶର ଇତିହାସରେ ସବୁଠାରୁ ବ୍ୟୟବହୁଳ ମଧ୍ୟବର୍ତ୍ତୀକାଳୀନ ନିର୍ବାଚନ ହୋଇଛି, ଯେଉଁଥିରେ ମୋଟ ଖର୍ଚ୍ଚ ପ୍ରାୟ ୧୧.୯୩ ବିଲିୟନ ଆମେରିକୀୟ ଡଲାର (ପ୍ରାୟ ଏକ ଲକ୍ଷ କୋଟି ଭାରତୀୟ ଟଙ୍କାରୁ ଅଧିକ) ଛୁଇଁବାର ଆକଳନ କରାଯାଇଛି । ୨୦୨୨ ମସିହାର ମଧ୍ୟବର୍ତ୍ତୀକାଳୀନ ନିର୍ବାଚନରେ ହୋଇଥିବା ୮.୯୪ ବିଲିୟନ ଡଲାରର ସର୍ବାଧିକ ଖର୍ଚ୍ଚ ତୁଳନାରେ ଏହା ପ୍ରାୟ ଏକ-ତୃତୀୟାଂଶ (୩୩ ପ୍ରତିଶତ) ଅଧିକ ଅଟେ। ଏହି ମୋଟ ଖର୍ଚ୍ଚ ମଧ୍ୟରୁ ଡେମୋକ୍ରାଟିକ୍ ଦଳ ସପକ୍ଷରେ ୫.୫୨ ବିଲିୟନ ଡଲାର, ରିପବ୍ଲିକାନ୍ ଦଳ ସପକ୍ଷରେ ୫.୧୨ ବିଲିୟନ ଡଲାର ଏବଂ ସ୍ୱାଧୀନ ଗୋଷ୍ଠୀମାନଙ୍କ ଦ୍ୱାରା ୧.୩ ବିଲିୟନ ଡଲାର ଖର୍ଚ୍ଚ କରାଯାଉଛି । ଆମେରିକାର କେନ୍ଦ୍ରୀୟ ନିର୍ବାଚନ ଆୟୋଗର ତଥ୍ୟ ଅନୁସାରେ ଅକ୍ଟୋବର ମାସ ମଧ୍ୟଭାଗ ସୁଦ୍ଧା ୯.୫ ବିଲିୟନ ଡଲାରରୁ ଅଧିକ ଅର୍ଥ ଖର୍ଚ୍ଚ ହୋଇସାରିଥିଲା, ଯେଉଁଥିରୁ କେବଳ ରାଜନୈତିକ ପାଣ୍ଠି ସଂଗ୍ରହକାରୀ ସମିତି ଏବଂ ଅସୀମିତ ଚାନ୍ଦା ଗ୍ରହଣ କରୁଥିବା 'ସୁପର ପ୍ୟାକ୍'ଗୁଡ଼ିକର ଅଂଶ ୫.୫ ବିଲିୟନ ଡଲାର ରହିଥିଲା । ନାଗରିକ ଅଧିକାର ଓ ଗଣତାନ୍ତ୍ରିକ ସଂସ୍କାର ସଂସ୍ଥା 'ପବ୍ଲିକ୍ ସିଟିଜେନ୍'ର ବିଶ୍ଳେଷଣରୁ ଜଣାପଡ଼ିଛି ଯେ ୨୦୨୬ ନିର୍ବାଚନ ଚକ୍ରରେ ମାତ୍ର ୫୧୫ ଜଣ ବୃହତ୍ ଦାତା (ଯେଉଁମାନେ ଅନ୍ୟୁନ ୧ ମିଲିୟନ ଡଲାର ଲେଖାଏଁ ଦେଇଛନ୍ତି) ସୁପର ପ୍ୟାକ୍‌ଗୁଡ଼ିକୁ ୪.୨ ବିଲିୟନ ଡଲାର ପ୍ରଦାନ କରିଛନ୍ତି, ଯାହା ମୋଟ ସୁପର ପ୍ୟାକ୍ ପାଣ୍ଠିର ୭୩ ପ୍ରତିଶତ ଅଟେ ।

ଆମେରିକୀୟ ରାଜନୀତିରେ ଧନକୁବେର ଓ ବୃହତ୍ ଶିଳ୍ପ ଗୋଷ୍ଠୀଙ୍କର ଏହି ଏକାଧିକାର କେତେ ଗଭୀର, ତାହା 'ବ୍ରେନାନ୍ ସେଣ୍ଟର ଫର୍ ଜଷ୍ଟିସ୍'ର ରିପୋର୍ଟରୁ ଆହୁରି ସ୍ପଷ୍ଟ ହୁଏ । ଏହି ରିପୋର୍ଟ ଅନୁଯାୟୀ ଦେଶର ମାତ୍ର ୪୦ ଜଣ ଶୀର୍ଷ ଧନୀ ଦାତା ଅକ୍ଟୋବର ମଧ୍ୟଭାଗ ସୁଦ୍ଧା ୨.୪ ବିଲିୟନ ଡଲାର ଦାନ କରିଛନ୍ତି, ଯାହା ୨୦୧୪ ମସିହାର ଶୀର୍ଷ ୪୦ ଦାତାଙ୍କ ଦାନ ତୁଳନାରେ ମୁଦ୍ରାସ୍ଫୀତି ହିସାବ ପରେ ମଧ୍ୟ ସାତ ଗୁଣ ଅଧିକ । ଏଥିମଧ୍ୟରୁ ବିଶ୍ୱର ସର୍ବଶ୍ରେଷ୍ଠ ଧନୀ ଏଲନ୍ ମସ୍କ ଏକାକୀ ସୁପର ପ୍ୟାକ୍ ?ଗୁଡ଼ିକୁ ପ୍ରାୟ ୪୪୫.୫ ମିଲିୟନ ଡଲାର (ପ୍ରାୟ ଅର୍ଦ୍ଧ ବିଲିୟନ ଡଲାର) ଯୋଗାଇ ଦେଇଥିବା ବେଳେ ରିଚାର୍ଡ ଉଇହଲିନ୍ ୧୪୨ ମିଲିୟନ ଡଲାର, ଜେଫ୍ ୟାସ୍ ୧୦୯ ମିଲିୟନ ଡଲାର, ଜର୍ଜ ସୋରୋସ୍ ୧୦୨ ମିଲିୟନ ଡଲାର ଏବଂ ମାଇକେଲ୍ ବ୍ଲୁମବର୍ଗ ୮୨.୯ ମିଲିୟନ ଡଲାର ପ୍ରଦାନ କରିଛନ୍ତି । ଅନ୍ୟପକ୍ଷରେ ୨୦୧୦ ମସିହାର ବିବାଦୀୟ 'ସିଟିଜେନ୍ସ ୟୁନାଇଟେଡ୍' ସୁପ୍ରିମକୋର୍ଟ ରାୟ ପରଠାରୁ ପ୍ରତ୍ୟକ୍ଷ ବାଣିଜ୍ୟିକ ରାଜନୈତିକ ଚାନ୍ଦା ସବୁ ସୀମା ଟପିଯାଇଛି । 'ପବ୍ଲିକ୍ ସିଟିଜେନ୍'ର ଅକ୍ଟୋବର ୨୦୨୬ ରିପୋର୍ଟ ଦର୍ଶାଉଛି ଯେ ଚଳିତ ମଧ୍ୟବର୍ତ୍ତୀକାଳୀନ ନିର୍ବାଚନରେ ବୃହତ୍ ବାଣିଜ୍ୟିକ ନିଗମଗୁଡ଼ିକ ସର୍ବାଧିକ ୭୩୭.୩ ମିଲିୟନ ଡଲାର ଖର୍ଚ୍ଚ କରିଛନ୍ତି, ଯାହା ୨୦୨୪ ରାଷ୍ଟ୍ରପତି ନିର୍ବାଚନର ବାଣିଜ୍ୟିକ ଖର୍ଚ୍ଚ (୪୬୧.୫ ମିଲିୟନ ଡଲାର) ତୁଳନାରେ ୬୦ ପ୍ରତିଶତ ଅଧିକ ଏବଂ ୨୦୧୦ ମସିହାର ୧୨.୮ ମିଲିୟନ ଡଲାର ତୁଳନାରେ ପ୍ରାୟ ୫୮ ଗୁଣ ଅଧିକ । ୨୦୧୦ ପରଠାରୁ ଶିଳ୍ପ ଜଗତ ରାଜନୀତିରେ ଖର୍ଚ୍ଚ କରିଥିବା ମୋଟ ୧.୮ ବିଲିୟନ ଡଲାର ମଧ୍ୟରୁ କେବଳ ୨୦୨୬ ନିର୍ବାଚନରେ ୪୦ ପ୍ରତିଶତ ଖର୍ଚ୍ଚ ହୋଇଛି। ଏଥିରେ ଡିଜିଟାଲ ମୁଦ୍ରା ବା କ୍ରିପ୍ଟୋ ସଂସ୍ଥାଗୁଡ଼ିକ ୨୩୩ ମିଲିୟନ ଡଲାର, ଅନଲାଇନ୍ ଜୁଆ ସଂସ୍ଥା ୮୫.୨ ମିଲିୟନ ଡଲାର ଏବଂ ବୃହତ୍ ପ୍ରଯୁକ୍ତିବିଦ୍ୟା ଓ କୃତ୍ରିମ ବୁଦ୍ଧିମତ୍ତା ସଂସ୍ଥାଗୁଡ଼ିକ ୭୩.୧ ମିଲିୟନ ଡଲାର (ମିଳିତ ଭାବେ ୩୯୧.୩ ମିଲିୟନ ଡଲାର ବା ୫୩ ପ୍ରତିଶତ) ଖର୍ଚ୍ଚ କରି ନୀତି ନିର୍ଦ୍ଧାରଣ ପ୍ରକ୍ରିୟାକୁ ନିଜ ନିୟନ୍ତ୍ରଣକୁ ନେବାକୁ ବସିଛନ୍ତି । ବିଜ୍ଞାପନ ପର୍ଯ୍ୟବେକ୍ଷକ ସଂସ୍ଥା 'ଆଡ଼ଇମ୍ପାକ୍ଟ' ଅନୁଯାୟୀ କେବଳ ରାଜନୈତିକ ବିଜ୍ଞାପନ ବାବଦରେ ଚଳିତ ନିର୍ବାଚନରେ ୧୧.୬ ବିଲିୟନ ଡଲାର ଖର୍ଚ୍ଚ ହେଉଛି, ଯାହା ୨୦୨୪ ରାଷ୍ଟ୍ରପତି ନିର୍ବାଚନର ୧୧.୨ ବିଲିୟନ ଡଲାରର ବିଜ୍ଞାପନ ଖର୍ଚ୍ଚକୁ ମଧ୍ୟ ଟପିଯାଇଛି । ଏହି ବିଶାଳ ଧନରାଶି ମୁଖ୍ୟତଃ ଟେଲିଭିଜନ୍ ଓ ଡିଜିଟାଲ ପ୍ରସାରଣକାରୀ ସଂସ୍ଥାଗୁଡ଼ିକର ଭଣ୍ଡାର ପରିପୂର୍ଣ୍ଣ କରୁଛି ଏବଂ ପ୍ରତିପକ୍ଷଙ୍କ ବିରୋଧରେ ନକାରାତ୍ମକ ତଥା ବିଷାକ୍ତ ପ୍ରଚାର ମାଧ୍ୟମରେ ରାଜନୈତିକ ଜୀବନକୁ ଅଧିକ କଳୁଷିତ କରୁଛି ।

ଏହି ଅର୍ଥବଳ ଓ ପ୍ରଚାରର କୋଳାହଳ ମଧ୍ୟରେ ୧୯୧୨ ମସିହାରେ ରୁଷୀୟ ବିପ୍ଳବୀ ଭ୍ଲାଦିମିର ଲେନିନ୍ ଆମେରିକୀୟ ରାଜନୀତି ସମ୍ପର୍କରେ ମନ୍ତବ୍ୟ ଦେଇ କହିଥିଲେ ଯେ ଦୁଇଟି ପୁଞ୍ଜିବାଦୀ ଦଳ ମଧ୍ୟରେ ଚାଲିଥିବା ଆଡ଼ମ୍ବରପୂର୍ଣ୍ଣ ଅଥଚ ଅର୍ଥହୀନ ଦ୍ୱନ୍ଦ୍ୱଯୁଦ୍ଧ ମାଧ୍ୟମରେ ଆମେରିକାର ସାଧାରଣ ଜନତାଙ୍କୁ ସେମାନଙ୍କର ମୌଳିକ ସ୍ୱାର୍ଥରୁ ବିଚ୍ୟୁତ କରାଯାଉଛି ଏବଂ ପ୍ରତାରିତ କରାଯାଉଛି । ଶହେରୁ ଅଧିକ ବର୍ଷ ପରେ ଆଜି ମଧ୍ୟ ଆମେରିକାର ରାଜନୈତିକ ଚରିତ୍ରରେ କୌଣସି ମୌଳିକ ପରିବର୍ତ୍ତନ ଘଟିନାହିଁ । ଆଜିର ଆମେରିକାରେ ଡେମୋକ୍ରାଟିକ୍ ଏବଂ ରିପବ୍ଲିକାନ୍ ଦଳ ବାସ୍ତବରେ ବୃହତ୍ ପୁଞ୍ଜିର ଦୁଇଟି ରାଜନୈତିକ ଶାଖା ଭାବେ କାର୍ଯ୍ୟ କରୁଛନ୍ତି । ଦୁଇ ପ୍ରମୁଖ ଦଳର ରାଜନୈତିକ ଅର୍ଥନୀତି କେବଳ ଶୀର୍ଷରେ ଥିବା ଧନକୁବେରମାନଙ୍କର ସମ୍ପତ୍ତି ବୃଦ୍ଧି କରିବାରେ ବ୍ୟସ୍ତ, ଯେତେବେଳେ କି ସାଧାରଣ ଶ୍ରମଜୀବୀ ମଣିଷ ସ୍ଥିର ମଜୁରୀ, ଅନିଶ୍ଚିତ ଜୀବିକା, ଚିକିତ୍ସା ଋଣ ଏବଂ ବାସଗୃହ ଖର୍ଚ୍ଚ ଭଳି ସମସ୍ୟା ସହିତ ସଂଘର୍ଷ କରୁଛନ୍ତି । ଯେତେବେଳେ ଦେଶର ବହୁସଂଖ୍ୟକ ଲୋକ ଅନୁଭବ କରୁଛନ୍ତି ଯେ ଏହି ଶାସନ ବ୍ୟବସ୍ଥା ସେମାନଙ୍କ ପାଇଁ କାର୍ଯ୍ୟ କରୁନାହିଁ, ସେତେବେଳେ ନିର୍ବାଚନଗୁଡ଼ିକ କେବଳ ସମସ୍ୟାର ବାହ୍ୟ ଲକ୍ଷଣଗୁଡ଼ିକ ଉପରେ ଏକ କୃତ୍ରିମ ଲଢ଼େଇରେ ପରିଣତ ହୋଇଯାଏ ଏବଂ ମୂଳ କାରଣଗୁଡ଼ିକ ସର୍ବଦା ଅସ୍ପୃଶ୍ୟ ରହିଯାଏ । ବିଡ଼ମ୍ବନାର ବିଷୟ ହେଉଛି, ଯଦି କୌଣସି ନାଗରିକ ଏହି ତଥାକଥିତ ଗଣତାନ୍ତ୍ରିକ ମହାଯଜ୍ଞରେ ଭୋଟ୍ ଦେବାରୁ ବିରତ ରୁହନ୍ତି, ତେବେ ବ୍ୟବସ୍ଥାର ପୁରୋଧାମାନେ ତାଙ୍କୁ ଉଦାସୀନ, ଦାୟିତ୍ୱହୀନ ଏବଂ ନିଜ ସ୍ୱାର୍ଥ ପ୍ରତି ଅଜ୍ଞ ବୋଲି ଦୋଷାରୋପ କରନ୍ତି ।

ଆମେରିକୀୟ କ୍ଷମତାର ମୂଳରେ ଥିବା ପ୍ରକୃତ ସଙ୍କଟ ସଂସଦର ନିୟନ୍ତ୍ରଣକୁ ନେଇ ନୁହେଁ, ବରଂ ଏହା ସ୍ୱୟଂ ଆମେରିକୀୟ ରାଷ୍ଟ୍ର କ୍ଷମତାର ଚରିତ୍ର ଏବଂ ଏହାର ଅଭିଜାତ ବର୍ଗଙ୍କ ବୈଧତାର ସଙ୍କଟ ଅଟେ । ପ୍ରଫେସର ପରମାରଙ୍କ ବିଶ୍ଳେଷଣ ଅନୁଯାୟୀ, ୧୮୬୧ରୁ ୧୮୬୫ ମଧ୍ୟରେ ହୋଇଥିବା ଆମେରିକୀୟ ଗୃହଯୁଦ୍ଧ ପରଠାରୁ ଆଜି ଆମେରିକା ଶାସନ କ୍ଷମତା ଓ ସମ୍ଭ୍ରାନ୍ତ ବର୍ଗର ବୈଧତାର ସବୁଠାରୁ ଗଭୀର ସଙ୍କଟ ଦେଇ ଗତି କରୁଛି । ଗତ ଦୁଇ ଦଶନ୍ଧି ଧରି ରାଷ୍ଟ୍ରପତି ଭବନରେ ଯେଉଁ ଦଳ ଶାସନରେ ରହିଲେ ମଧ୍ୟ, ଯୁଦ୍ଧ ବନ୍ଦ କରିବାର ପ୍ରତିଶ୍ରୁତି ସତ୍ତ୍ୱେ ଆମେରିକା ବିଲିୟନ ବିଲିୟନ ଡଲାରର ଅନ୍ତହୀନ ଯୁଦ୍ଧ ଓ ସାମରିକ ହସ୍ତକ୍ଷେପ ଜାରି ରଖିଛି । ରାଷ୍ଟ୍ରପତି ଟ୍ରମ୍ପଙ୍କ ପ୍ରଶାସନ ପ୍ରତିରକ୍ଷା ବିଭାଗକୁ 'ଯୁଦ୍ଧ ବିଭାଗ' ଭାବେ ଅଭିହିତ କରୁଥିବା ବେଳେ, ୨୦୨୬ ଆର୍ଥିକ ବର୍ଷରେ ଆମେରିକାର ସାମରିକ ବ୍ୟୟ ୧୭ ପ୍ରତିଶତରୁ ଅଧିକ ବୃଦ୍ଧି ପାଇ ସର୍ବାଧିକ ୧.୦୫ ଟ୍ରିଲିୟନ ଡଲାର (ଏବଂ ୨୦୨୭ ପାଇଁ ପ୍ରସ୍ତାବିତ ୧.୦୭ ଟ୍ରିଲିୟନ ଡଲାର) ଅତିକ୍ରମ କରିଛି । ଅଥଚ ଅନ୍ୟପଟେ ଦେଶ ଭିତରେ ପୋଲଗୁଡ଼ିକ ଭୁଶୁଡ଼ି ପଡୁଛି, ସରକାରୀ ବିଦ୍ୟାଳୟଗୁଡ଼ିକ ଜରାଜୀର୍ଣ୍ଣ ଅବସ୍ଥାରେ ପଡ଼ିଛି, ଘରୋଇ ଜନକଲ୍ୟାଣ ଯୋଜନାଗୁଡ଼ିକରୁ ୧୩ ବିଲିୟନ ଡଲାର କାଟ୍ କରାଯାଉଛି ଏବଂ ଦେଶର ରାଜକୋଷ ନିଅଣ୍ଟ ୧.୯୯ ଟ୍ରିଲିୟନ ଡଲାରରେ ପହଞ୍ଚିଛି । ଇରାନ ଯୁଦ୍ଧ ଯୋଗୁଁ ଆମେରିକାରେ ଇନ୍ଧନ ଦର ବୃଦ୍ଧି ପାଇ ଗ୍ୟାଲନ୍ ପିଛା ୩.୪୭ ଡଲାର ଟପିଥିବା ବେଳେ ୫୫ ପ୍ରତିଶତ ଭୋଟର ଦରଦାମ ବୃଦ୍ଧି ଓ ଜୀବନଯାପନ ଖର୍ଚ୍ଚକୁ ସବୁଠାରୁ ବଡ଼ ସଙ୍କଟ ଭାବେ ଗ୍ରହଣ କରିଛନ୍ତି ।

ପ୍ରାଚୀନ ରୋମ୍‌ର ଶାସକମାନେ ଯେପରି ସଙ୍କଟ ସମୟରେ ସାଧାରଣ ଜନତାଙ୍କ ଦୃଷ୍ଟି ହଟାଇବା ପାଇଁ ରକ୍ତାକ୍ତ ଖେଳ ଓ ମନୋରଞ୍ଜନର ଆଶ୍ରୟ ନେଉଥିଲେ, ଆମେରିକାର ଶାସକ ବର୍ଗ ଆଜି ସେଭଳି ରାଜନୈତିକ ତମାଶା ଓ ବିଭାଜନ ସୃଷ୍ଟି କରୁଛନ୍ତି । ସାଧାରଣ ଜନତାଙ୍କ ପ୍ରତି ଶାସକ ବର୍ଗଙ୍କ ତାଚ୍ଛଲ୍ୟ କେତେବେଳେ ସେମାନଙ୍କୁ ନୀଚ ବା ଘୃଣ୍ୟ କହି ପ୍ରକାଶ ପାଉଛି ତ ଆଉ କେତେବେଳେ ନିର୍ବାଚନ ଜିତିବା ପାଇଁ ରାଷ୍ଟ୍ରପତି ଟ୍ରମ୍ପଙ୍କ ଦ୍ୱାରା ପ୍ରତ୍ୟେକ ପ୍ରାପ୍ତବୟସ୍କ ଭୋଟରଙ୍କୁ ୫,୦୦୦ ଡଲାର ଲେଖାଏଁ ଉତ୍କୋଚ ବା ଲାଭାଂଶ ଦେବାର ପ୍ରଲୋଭନ (ଯାହାର ଆନୁମାନିକ ମୂଲ୍ୟ ୧.୩ ଟ୍ରିଲିୟନ ଡଲାର) ମାଧ୍ୟମରେ ସ୍ପଷ୍ଟ ହେଉଛି । ଫଳସ୍ୱରୂପ, 'ଗାଲପ୍' ସର୍ବେକ୍ଷଣ ଅନୁଯାୟୀ କ୍ରମାଗତ ପଞ୍ଚମ ବର୍ଷ ପାଇଁ ଆମେରିକାର ସଂସଦ, ଗଣମାଧ୍ୟମ, ବିଶ୍ୱବିଦ୍ୟାଳୟ ଏପରିକି ନ୍ୟାୟପାଳିକା ଭଳି ଗଣତାନ୍ତ୍ରିକ ଅନୁଷ୍ଠାନଗୁଡ଼ିକ ଉପରେ ଜନସାଧାରଣଙ୍କ ହାରାହାରି ଆସ୍ଥା ୩୦ ପ୍ରତିଶତରୁ ତଳେ ରହିଛି । ଡେମୋକ୍ରାଟ୍, ରିପବ୍ଲିକାନ୍ ଓ ସ୍ୱାଧୀନ ଭୋଟରଙ୍କ ମଧ୍ୟରେ ଏକ ବିଶାଳ ବର୍ଗ ଆଜି ସ୍ପଷ୍ଟ ଭାବେ ଅନୁଭବ କରୁଛନ୍ତି ଯେ ସମଗ୍ର ବ୍ୟବସ୍ଥାଟି କେବଳ ଧନିକ ବର୍ଗଙ୍କ ସ୍ୱାର୍ଥ ପାଇଁ ପ୍ରସ୍ତୁତ ହୋଇଛି । ଏପରିକି 'କାର୍ନେଗୀ' ସର୍ବେକ୍ଷଣ ଅନୁଯାୟୀ ୨୦୨୪ରେ ଟ୍ରମ୍ପଙ୍କୁ ମିଳିଥିବା ୩୦ ପ୍ରତିଶତ ଭାରତୀୟ-ଆମେରିକୀୟଙ୍କ ସମର୍ଥନ ମଧ୍ୟ ତାଙ୍କର ଦ୍ୱିତୀୟ ପାଳିର ନୀତି ଯୋଗୁଁ ୨୦୨୬ ସୁଦ୍ଧା ଦ୍ରୁତ ଗତିରେ ହ୍ରାସ ପାଇଛି ।

ଏହି ଆଭ୍ୟନ୍ତରୀଣ ରାଜନୈତିକ ଓ ସାମାଜିକ ଅବକ୍ଷୟ ଆମେରିକାର ବିଦେଶ ନୀତି ଏବଂ ବିଶ୍ୱ ସ୍ତରରେ ଏହାର ମହାଶକ୍ତି ସ୍ଥିତି ଉପରେ ସିଧାସଳଖ ପ୍ରଭାବ ପକାଉଛି । ଆନ୍ତର୍ଜାତୀୟ କ୍ଷେତ୍ରରେ ଆଜି କୂଟନୈତିକ ଶାଳୀନତା ବଦଳରେ ବାହୁବଳୀ ଓ ଅପରାଧୀ ଗୋଷ୍ଠୀଙ୍କର ଭାଷା ପ୍ରାଧାନ୍ୟ ବିସ୍ତାର କରିଛି । ଆମେରିକା ପ୍ରଶାସନ ନିୟମ-ଆଧାରିତ ବିଶ୍ୱ ବ୍ୟବସ୍ଥା ଓ ନେତୃତ୍ୱର କଥା କହୁଥିଲେ ହେଁ, ବାସ୍ତବରେ ବିଶ୍ୱ ବ୍ୟବସ୍ଥାର ସର୍ତ୍ତାବଳୀ ନିର୍ଦ୍ଧାରଣ କରିବାର କ୍ଷମତା ଆମେରିକା ହରାଇ ବସିଛି; କାରଣ ଏହାର ସହଯୋଗୀ ରାଷ୍ଟ୍ରମାନେ ଏବେ ବିକଳ୍ପ ପନ୍ଥା ଖୋଜୁଛନ୍ତି ଏବଂ ପ୍ରତିଦ୍ୱନ୍ଦ୍ୱୀ ରାଷ୍ଟ୍ରମାନେ ଦୃଢ଼ ପ୍ରତ୍ୟୁତ୍ତର ଦେଉଛନ୍ତି । ଇରାନ ସହିତ ଚାଲିଥିବା ଯୁଦ୍ଧ ଏବଂ ହର୍ମୁଜ୍ ପ୍ରଣାଳୀରେ ସାମରିକ ଆକ୍ରମଣ—ଯାହା ଆମେରିକାର ଶକ୍ତି ଓ ସଙ୍କଳ୍ପ ପ୍ରଦର୍ଶନ କରିବା ପାଇଁ ଉଦ୍ଦିଷ୍ଟ ଥିଲା—ତାହା ବରଂ ଏକ ସାମରିକ ମହାଶକ୍ତିର ସୀମାବଦ୍ଧତାକୁ ଉନ୍ମୋଚନ କରିଛି ଏବଂ ଆମେରିକୀୟ ନେତୃତ୍ୱକୁ ଅପମାନିତ କରିଛି । ୧୯୫୦ ଦଶକରେ ପ୍ରସିଦ୍ଧ ସମାଜଶାସ୍ତ୍ରୀ ସି. ରାଇଟ୍ ମିଲ୍ସ ଆମେରିକୀୟ କ୍ଷମତାସୀନ ଅଭିଜାତ ବର୍ଗଙ୍କ ମାନସିକତାକୁ 'ବାସ୍ତବତାର ସାମରିକ ସଂଜ୍ଞା' ଭାବେ ବର୍ଣ୍ଣନା କରିଥିଲେ । ଆଜି ଯେତେବେଳେ ଆମେରିକା ନିଜର ଆଦର୍ଶ, ସାମୂହିକ ସମୃଦ୍ଧି କିମ୍ବା ନୈତିକ ଅଧିକାର ବଳରେ ବିଶ୍ୱର ସହମତି ହାସଲ କରିବାରେ ବିଫଳ ହେଉଛି, ସେତେବେଳେ ଏହା କେବଳ ହିଂସା ଓ ଅସ୍ତ୍ରଶସ୍ତ୍ରର ଭାଷା ଉପରେ ଅଧିକ ନିର୍ଭରଶୀଳ ହୋଇପଡୁଛି, ଯାହା ଏହାର ଆଭ୍ୟନ୍ତରୀଣ ଦୁର୍ବଳତାର ହିଁ ପରିଚାୟକ ।

ପରିଶେଷରେ ଏତିକି କୁହାଯାଇପାରେ ଯେ ୨୦୨୬ର ଆମେରିକୀୟ ମଧ୍ୟବର୍ତ୍ତୀକାଳୀନ ନିର୍ବାଚନ ନିଶ୍ଚିତ ଭାବେ କିଛି ନୂତନ ବିଜେତା ଓ ପରାଜିତଙ୍କୁ ଜନ୍ମ ଦେବ, ଗଣମାଧ୍ୟମ ପାଇଁ ଚିତ୍ତାକର୍ଷକ ଶୀର୍ଷକ ସୃଷ୍ଟି କରିବ ଏବଂ ସଂସଦୀୟ ସମିତିଗୁଡ଼ିକରେ ରାଜନୈତିକ ଚୌକି ବଦଳ ଖେଳ ଭଳି କିଛି ଆସନରେ ପରିବର୍ତ୍ତନ ଘଟାଇବ । କିନ୍ତୁ ଏହି ନିର୍ବାଚନୀ ଫଳାଫଳ ରାଜନୀତିରେ ଅମାପ ପୁଞ୍ଜିର ଆଧିପତ୍ୟ, ସରକାର ଓ ଶିଳ୍ପ ଜଗତ ମଧ୍ୟରେ ଥିବା ଅସାଧୁ ମେଣ୍ଟ, କିମ୍ବା ନୀତି-ଗବେଷଣା ସଂସ୍ଥା ଓ ପ୍ରତିରକ୍ଷା ଠିକାଦାରମାନଙ୍କ ଦ୍ୱାରା ପରିଚାଳିତ ସ୍ଥାୟୀ 'ଜାତୀୟ-ସୁରକ୍ଷା ରାଷ୍ଟ୍ର'ର ଚରିତ୍ରକୁ ବଦଳାଇ ପାରିବ ନାହିଁ। ଆମେରିକାର ଏହି ସଙ୍କଟ କୌଣସି ସାମୟିକ ତ୍ରୁଟି ନୁହେଁ ଯାହାକୁ ଉତ୍ତମ ନିର୍ବାଚନୀ ପ୍ରଚାର କିମ୍ବା ସଂସଦରେ ଭିନ୍ନ ଏକ ସଂଖ୍ୟାଗରିଷ୍ଠତା ଦ୍ୱାରା ଦୂର କରାଯାଇପାରିବ; ବରଂ ଏହା ଏକ ଗଭୀର ଢାଞ୍ଚାଗତ ସଙ୍କଟ । ଆଭ୍ୟନ୍ତରୀଣ ଅସମାନତା ଓ ଅଭିଜାତ ବର୍ଗଙ୍କ ପ୍ରତି ଜନ-ଅବିଶ୍ୱାସ ଏବଂ ବିଶ୍ୱ ସ୍ତରରେ ସ୍ଥାୟୀ ଯୁଦ୍ଧୋନ୍ମାଦନାପୂର୍ଣ୍ଣ ନୀତିର ଅସହ୍ୟ ବୋଝ ଯୋଗୁଁ ଆମେରିକା ଆଜି ଏଭଳି ଏକ ମହାଶକ୍ତିରେ ପରିଣତ ହୋଇଛି, ଯାହା ପାଖରେ ସାମରିକ ବଳ ଅଛି କିନ୍ତୁ ବିଶ୍ୱ ସମୁଦାୟର ସହମତି କିମ୍ବା ନୈତିକ ବୈଧତା ନାହିଁ । ତେଣୁ ଆମେରିକୀୟ କ୍ଷମତାର ଉଦ୍ଦେଶ୍ୟ ଏବଂ ସ୍ଥାୟିତ୍ୱକୁ ନେଇ ସୃଷ୍ଟି ହୋଇଥିବା ଏହି ମୌଳିକ ସଙ୍କଟର ସମାଧାନ କୌଣସି ମଧ୍ୟବର୍ତ୍ତୀକାଳୀନ ନିର୍ବାଚନୀ ପ୍ରହସନ ଦ୍ୱାରା ହେବା ସମ୍ପୂର୍ଣ୍ଣ ଅସମ୍ଭବ ।

ପ୍ରକୃତିର ସନ୍ତୁଳନରେ ଓ ମନୁଷ୍ୟର ହସ୍ତକ୍ଷେପ



ଡକ୍ଟର ଅମୂଲ୍ୟ କୁମାର ପଣ୍ଡା

ପ୍ରକୃତିର ସନ୍ତୁଳନ ଏକ ଅନନ୍ୟ କୃତି, ଯେଉଁଠାରେ ପ୍ରତ୍ୟେକ ଉପାଦାନ ତାର ନିର୍ଦ୍ଦିଷ୍ଟ ଭୂମିକାରେ ସୌନ୍ଦର୍ଯ୍ୟ ପ୍ରଦର୍ଶନ କରେ। ପକ୍ଷୀଙ୍କ ଡେଣା ସେମାନଙ୍କ ଉଡ଼ାଣର ପ୍ରତୀକ, ଆକାଶରେ ସ୍ୱାଧୀନତା ଏବଂ ସମନ୍ୱୟ ପ୍ରଦାନ କରେ। କିନ୍ତୁ ମାନବ ହସ୍ତକ୍ଷେପ ସହିତ, ଏହି ସୌନ୍ଦର୍ଯ୍ୟ ବିନାଶର ରୂପ ନେଇଥାଏ। 'ପକ୍ଷୀମାନଙ୍କ ଉପରେ କେବଳ ଡେଣା ଭଲ ଦେଖାଯାଏ... ମଣିଷ ଯିବା ମାତ୍ରେ ବିନାଶ ଆରମ୍ଭ ହୁଏ। ଏହି ବିବୃତ୍ତି ମାନବ ଲୋଭ ଏବଂ ଅଜ୍ଞତାକୁ ପ୍ରତିଫଳିତ କରେ। ଏହା ଆମକୁ ଚେତାବନୀ ଦିଏ ଯେ ପ୍ରକୃତି ସହିତ ହାତାହାତି କରୁଥିବା ମଣିଷମାନେ ନିଜର ମୂଳ କାଟି ଦିଅନ୍ତି। ଏହି ପ୍ରବନ୍ଧରେ, ଆମେ ଏହି ବିବୃତ୍ତିର ବିଭିନ୍ନ ଦିଗକୁ ବିଶ୍ଳେଷଣ କରିବୁ - ପରିବେଶଗତ, ସାମାଜିକ, ଆଧ୍ୟାତ୍ମିକ ଏବଂ ଐତିହାସିକ। ପ୍ରଥମେ ପରିବେଶଗତ ଦୃଷ୍ଟିକୋଣରୁ, ଏହି ବିବୃତ୍ତି ପରିବେଶଗତ ବିନାଶର ସତ୍ୟକୁ ପ୍ରକାଶ କରେ। ପକ୍ଷୀମାନେ ପ୍ରକୃତିର ସନ୍ତୁଳନର ପ୍ରତୀକ; ସେମାନଙ୍କ ଡେଣା ବାୟୁରେ ଉଡ଼ିବା ସମୟରେ ଇକୋସିଷ୍ଟମକୁ ବଜାୟ ରଖନ୍ତି। ସେମାନେ ବିହନ ବିସ୍ତାର କରନ୍ତି, କୀଟପତଙ୍ଗଙ୍କୁ ସନ୍ତୁଳିତ କରନ୍ତି ଏବଂ ବର୍ଷା ଚକ୍ରରେ ଯୋଗଦାନ କରନ୍ତି। କିନ୍ତୁ ମଣିଷ ଆଗମନ ଜଙ୍ଗଲ ନଷ୍ଟ କରିଛି, ନଦୀ ପ୍ରଦୂଷିତ କରିଛି ଏବଂ ବାୟୁକୁ ବିଷାକ୍ତ କରିଛି। ଉଦାହରଣ ସ୍ୱରୂପ, ଆମାଜନ ବର୍ଷାଜଳକୁ ସୋୟା ଚାଷ ପାଇଁ ସଫା କରାଯାଉଛି, ଯାହା ପକ୍ଷୀ ପ୍ରଜାତି ବିଲୁପ୍ତ କରିଦିଏ। ଭାରତରେ, ଗଙ୍ଗା-ଯମୁନା ସମତଳ ଭୂମିରେ ଶିକ୍ଷାୟନ ପକ୍ଷୀ ଅଭୟାରଣ୍ୟକୁ ନଷ୍ଟ କରିଦେଇଛି। କେରଳର ଭେମ୍ବାନାଡ ହ୍ରଦ, ଯାହା ଥରେ ପ୍ରବାସୀ ପକ୍ଷୀଙ୍କ ପାଇଁ ସ୍ୱର୍ଗ ଥିଲା, ଏବେ ପ୍ଲାଷ୍ଟିକ୍ ଆବର୍ଜନାରେ ସ୍ତବ୍ଧ ହୋଇଯାଇଛି। ମାନବ 'ବିକାଶ' ନାମରେ, ପକ୍ଷୀ ସୌନ୍ଦର୍ଯ୍ୟ ଉଡ଼ିବା ପରିବର୍ତ୍ତେ ଭୂମିରେ ପଡ଼ିଯାଉଛି। ଜଳବାୟୁ ପରିବର୍ତ୍ତନ ଏହାର ଏକ ସ୍ପଷ୍ଟ ଉଦାହରଣ - ହିମବାହ ତରଳି ଯାଉଛି, ଘୂର୍ଣ୍ଣିବାତ୍ୟା ବଢୁଛି, ଏବଂ ମାନବ ଲୋଭ ଏହାର ମୂଳ କାରଣ। ଜାତିସଂଘର ଏକ ରିପୋର୍ଟରେ କୁହାଯାଇଛି ଯେ ଗତ ୫୦ ବର୍ଷ ମଧ୍ୟରେ ୬୮% ବନ୍ୟପ୍ରାଣୀ ଲୋଭ ଯୋଗୁଁ ଲୋପ ପାଇଛନ୍ତି। ଏହି ବକ୍ତବ୍ୟ ସାମାଜିକ ସ୍ତରରେ ମଧ୍ୟ ପ୍ରାସଙ୍ଗିକ। ପକ୍ଷୀମାନେ ସମ୍ପ୍ରଦାୟ ଏକତା ଏବଂ ସହଯୋଗର ଉଦାହରଣ ଦିଅନ୍ତି - ସେମାନେ ପରସ୍ପରକୁ ସୁରକ୍ଷା ଦେଇ ଦଳ ଦଳ ହୋଇ ଉଡ଼ନ୍ତି। କିନ୍ତୁ ମାନବ ଆଗମନ ସମାଜରେ ସ୍ୱାର୍ଥପରତା, ହିଂସା ଏବଂ ଅସମାନତାକୁ ଜନ୍ମ ଦେଇଛି।

ପ୍ରାଚୀନ କାଳରେ, ପ୍ରକୃତି ସହିତ ସମନ୍ୱୟରେ ଜଙ୍ଗଲ ଜୀବନ ସରଳ ଥିଲା। କିନ୍ତୁ ଶିଳ୍ପ ବିପ୍ଳବ ପରେ, ପୁଞ୍ଜିବାଦ ବିପର୍ଯ୍ୟୟ ସୃଷ୍ଟି କରିଥିଲା। ଭାରତରେ ବ୍ରିଟିଶ ଯୁଗରେ, ରେଳ ପାଇଁ ଜଙ୍ଗଲକୁ ଶୋଷଣ କରାଯାଉଥିଲା, ଆଦିବାସୀ ସଂସ୍କୃତିକୁ ନଷ୍ଟ କରାଯାଉଥିଲା। ଆଜି ମଧ୍ୟ, କର୍ପୋରେଟ୍ ଲବିଗୁଡ଼ିକ ଜମି ଅଧିଗ୍ରହଣ ନାମରେ ଗ୍ରାମଗୁଡ଼ିକୁ ନଷ୍ଟ କରୁଛନ୍ତି। ଉଜ୍‌ଓଉଡ଼-୧୯ ମହାମାରୀ ପ୍ରମାଣ କରିଛି ଯେ ମଣିଷର କପଟ ପ୍ରକୃତିକୁ ବିପଦରେ ପକାଇଛି। ସହରୀକରଣ ପକ୍ଷୀମାନଙ୍କୁ ସେମାନଙ୍କର ପ୍ରାକୃତିକ ବାସସ୍ଥାନରୁ ଲୁଣ୍ଠନ କରିଛି, ଏବଂ କଂକ୍ରିଟ୍ ଜଙ୍ଗଲ ଚାପ, ଅବସାଦ ଏବଂ ଅପରାଧକୁ ପ୍ରୋତ୍ସାହିତ କରିଛି। ମହାତ୍ମା ଗାନ୍ଧୀ କହିଥିଲେ, 'ପୃଥିବୀ ସମସ୍ତଙ୍କର ଆବଶ୍ୟକତା ପୂରଣ କରିପାରିବ, କିନ୍ତୁ ଲୋଭ ନୁହେଁ।' ମଣିଷର ଆଗମନ ସହିତ, ସାମାଜିକ ବନ୍ଧନ ଭାଙ୍ଗିଗଲା, ଏବଂ ବିନାଶର ଏକ ଚକ୍ର ଆରମ୍ଭ ହେଲା। ଏହି ଉକ୍ତି ଆଧ୍ୟାତ୍ମିକ ଦୃଷ୍ଟିକୋଣରୁ ଗଭୀର। ଭାରତୀୟ ଦର୍ଶନରେ, ପକ୍ଷୀ ଆତ୍ମାର ପ୍ରତୀକ - ଉପନିଷଦରେ, ପକ୍ଷୀ ବ୍ରହ୍ମ ଆଡ଼କୁ ଉଡ଼ିବାର ଏକ ରୂପକ। ଭଗବଦ୍ ଗୀତାରେ, ଭଗବାନ କୃଷ୍ଣ କହିଛନ୍ତି ଯେ ପ୍ରକୃତି ହେଉଛି ଈଶ୍ୱରଙ୍କ ଭ୍ରମ, ଯାହାକୁ ମଣିଷ ସଂରକ୍ଷଣ କରିବା ଉଚିତ। କିନ୍ତୁ ମାନବ ଅହଂକାର ଏହାକୁ ଭୁଲି ଯାଇଛି। ଜୈନ ଧର୍ମରେ, ଅହିଂସା ପକ୍ଷୀମାନଙ୍କ ଦ୍ୱାରା ପ୍ରେରିତ, ଯେତେବେଳେ ଆଧୁନିକ ମଣିଷ ନିଷ୍ଠୁରତାର ପ୍ରତୀକ ପାଲଟିଛି। ତିବ୍ବତୀୟ ଲାମାମାନେ କୁହନ୍ତି ଯେ ପ୍ରକୃତି ହେଉଛି ଦେବତାମାନଙ୍କର ଘର, ଏବଂ ମାନବ ହସ୍ତକ୍ଷେପ ହେଉଛି ପାପ। ବର୍ତ୍ତମାନ, ଯୋଗ ଏବଂ ଧ୍ୟାନ ନାମରେ ବାଣିଜ୍ୟକରଣ ଆଧ୍ୟାତ୍ମିକ ପବିତ୍ରତାକୁ ନଷ୍ଟ କରୁଛି। ସନ୍ଥ କବୀର କହିଥିଲେ, 'ପକ୍ଷୀମାନେ କେଉଁଠାରେ ରହିବେ, ଉଦ୍ୟାନ ଚାଲିଗଲା।' ମାନବ ଲୋଭ ସେମାନଙ୍କର ଆଧ୍ୟାତ୍ମିକ ଡେଣା କାଟି ଦେଇଛି।

ଐତିହାସିକ ଦୃଷ୍ଟିକୋଣରୁ ମଧ୍ୟ ପ୍ରମାଣ ମିଳିଥାଏ। ପ୍ରାଚୀନ ମିଶରୀୟ ଏବଂ ମାୟାନ ସଭ୍ୟତା ପ୍ରକୃତି ସହିତ ସମନ୍ୱୟରେ ବିକଶିତ ହୋଇଥିଲା, କିନ୍ତୁ ରୋମାନ ସାମ୍ରାଜ୍ୟ ଏବଂ ଉପନିବେଶବାଦୀ ଶକ୍ତିଗୁଡ଼ିକ ଶୋଷଣ ମାଧ୍ୟମରେ ନିଜକୁ ନଷ୍ଟ କରିଥିଲେ। ଭାରତରେ, ମୋଗଲ ଯୁଗର ଉଦ୍ୟାନଗୁଡ଼ିକ ଲୋପ ପାଇଗଲା, ଏବଂ ବ୍ରିଟିଶ ଶାସନ ଜଙ୍ଗଲକୁ ନଷ୍ଟ କରିଦେଲା। ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ପରମାଣୁ ପରୀକ୍ଷଣ ପରିବେଶକୁ ନଷ୍ଟ କରିଦେଲା। ଆଜି, ଜଳବାୟୁ ସମ୍ମିଳନୀରେ ମଧ୍ୟ ଧନୀ ଦେଶଗୁଡ଼ିକ ଗରିବମାନଙ୍କୁ ଦୋଷ ଦିଅନ୍ତି, କିନ୍ତୁ ସମସ୍ୟା ମଣିଷର ସ୍ୱାର୍ଥପରତାରେ ରହିଛି। ଶେଷରେ, ଏହି ଉକ୍ତି ଆମକୁ ଜାଗ୍ରତ କରେ। ପକ୍ଷୀଙ୍କ ଡେଣା ପ୍ରକୃତିର ଗରିମା; ମଣିଷ ସେମାନଙ୍କୁ ଆଲିଙ୍ଗନ କରିବା ଉଚିତ, ନଷ୍ଟ କରିବା ଉଚିତ ନୁହେଁ। ସ୍ଥାୟୀ ବିକାଶ, ବୃକ୍ଷରୋପଣ ଏବଂ ନୈତିକ ଜୀବନଶୈଳୀ ହେଉଛି ସମାଧାନ। ଯଦି ମଣିଷ ପ୍ରକୃତିକୁ ସମ୍ମାନ କରେ, ତେବେ ବିନାଶ ବନ୍ଦ ହୋଇପାରିବ। ନଚେତ୍, ଆମର ଡେଣା ଭାଙ୍ଗିଯିବ, ଏବଂ ଆମର ଉଡ଼ାଣ ଅସମ୍ଭବ ହୋଇଯିବ। ଆସନ୍ତୁ ଏହି ଉକ୍ତିକୁ ହୃଦୟଙ୍ଗମ କରିବା ଏବଂ ପ୍ରକୃତି ସହିତ ସମନ୍ୱୟରେ ବଞ୍ଚିବା।

+ଅରଙ୍ଗାବାଦ ବରୀ ଯାଜପୁର
ମୋ: ୯୯୩୮୯୦୬୦୭୦

ପିଲାଙ୍କୁ ସମ୍ପତ୍ତି ଦେବା ପୂର୍ବରୁ ସଂସ୍କାର ଦିଅନ୍ତୁ



ଦିପ୍ତିମୟୀ ନାୟକ

ଆଜିର ସମାଜରେ ପ୍ରତ୍ୟେକ ବାପାମାଆଙ୍କର ଗୋଟିଏ ସ୍ୱପ୍ନ ଥାଏ ନିଜ ପିଲାମାନେ ଜୀବନରେ ବହୁତ ବଡ଼ ହୁଅନ୍ତୁ, ସୁଖରେ ରୁହନ୍ତୁ, ଭଲ ଘର କରନ୍ତୁ, ଗାଡ଼ି ଚଢ଼ନ୍ତୁ, ଭଲ ଚାକିରୀ କରନ୍ତୁ ଏବଂ ଜୀବନରେ କେବେ କୌଣସି ଅଭାବର ସାମ୍ନା ନକରନ୍ତୁ। ସେଥିପାଇଁ ବାପା ନିଜ ଝାଳକୁ ରକ୍ତ କରି ରୋଜଗାର କରନ୍ତି। ମାଆ ନିଜର ଅନେକ ଇଚ୍ଛାକୁ ମନ ଭିତରେ ଚାପି ରଖନ୍ତି। ନିଜେ ଅଭାବରେ ରହିଲେ ମଧ୍ୟ ପିଲାମାନଙ୍କର ଅଭାବ ଦେଖିବାକୁ ଚାହାନ୍ତି ନାହିଁ କିନ୍ତୁ ଏହି ଦୌଡ଼ ଭିତରେ ଆମେ ଗୋଟିଏ ବଡ଼ କଥା ଭୁଲିଯାଉଛେ। ଆମେ ପିଲାମାନଙ୍କ ପାଇଁ ଟଙ୍କା ସଞ୍ଚୟ କରୁଛେ, ଜମିବାଡ଼ି କିଣୁଛେ, ବଡ଼ ବଡ଼ ଘର ତିଆରି କରୁଛେ, ହେଲେ ସେମାନଙ୍କ ହୃଦୟ ଭିତରେ ମାନବିକତା, ଦୟା, ସମ୍ମାନ ଓ ଭଲପାଇବାର ମଞ୍ଜି ବୁଣିବାକୁ କେତେ ସମୟ ଦେଉଛେ। ପିଲାଙ୍କ ପାଇଁ ସବୁଠାରୁ ବଡ଼ ସମ୍ପତ୍ତି ହେଉଛି ସଂସ୍କାର ଆଉ ସବୁଠାରୁ ବଡ଼ ଉତ୍ତରାଧିକାର ହେଉଛି ଚରିତ୍ର। ସମ୍ପତ୍ତି ମଣିଷକୁ ଆରାମ ଦେଇପାରେ କିନ୍ତୁ ସଂସ୍କାର ତାକୁ ଶାନ୍ତିରେ ବଞ୍ଚିବା ଶିଖାଏ। ଟଙ୍କା ଦେଇ ମହଙ୍ଗା ଖଟ କିଣିହେବ କିନ୍ତୁ ଶାନ୍ତିର ନିଦ କିଣିହେବ ନାହିଁ। ଟଙ୍କା ଦେଇ ବଡ଼ ଘର ତିଆରି କରିହେବ କିନ୍ତୁ ସେହି ଘରେ ହସଖୁସି ଓ ଆତ୍ମୀୟତା ଭରିବା ପାଇଁ ଭଲ ମନ ଦରକାର। ଟଙ୍କା ଦେଇ ଅନେକ ଲୋକଙ୍କୁ ପାଖରେ ରଖିହେବ କିନ୍ତୁ ହୃଦୟରୁ ଭଲ ପାଉଥିବା ଲୋକଙ୍କୁ କିଣିହେବ ନାହିଁ।

ଯେଉଁ ପିଲା ପାଖରେ କୋଟି କୋଟି ଟଙ୍କା ଅଛି କିନ୍ତୁ ବଡ଼ମାନଙ୍କୁ ସମ୍ମାନ ଦେବା ଜାଣେ ନାହିଁ, ଗରିବଙ୍କୁ ମଣିଷ ବୋଲି ଭାବେ ନାହିଁ, ନିଜ ସ୍ୱାର୍ଥ ପାଇଁ ଅନ୍ୟର ମନ ଭାଙ୍ଗିବାକୁ ପଛାଏ ନାହିଁ ତେବେ ତାହାର ସମ୍ପତ୍ତି ଥାଇ ମଧ୍ୟ ସେ ପ୍ରକୃତ ଅର୍ଥରେ ଧନୀ ନୁହେଁ । ଅନ୍ୟପଟେ ଯେଉଁ ପିଲାର ପାଖରେ ବହୁତ ଟଙ୍କା ନାହିଁ କିନ୍ତୁ ତା' ମନରେ ଦୟା ଅଛି, ମୁହଁରେ ମିଠା କଥା ଅଛି, ଆଚରଣରେ ଭଦ୍ରତା ଅଛି ଏବଂ ହୃଦୟରେ ମଣିଷ ପାଇଁ ମମତା ଅଛି ସେ ପ୍ରକୃତରେ ଧନୀ। କାରଣ ଟଙ୍କାରେ ମଣିଷର ପରିଚୟ ହୁଏ ନାହିଁ, ମଣିଷର ପରିଚୟ ତା'ର ବ୍ୟବହାରରୁ ହୁଏ। ଯେଉଁ ବାପା ନିଜ ପିଲାର ଭବିଷ୍ୟତ ପାଇଁ ଦିନରାତି ପରିଶ୍ରମ କରନ୍ତି। ଯେଉଁ ମାଆ ନିଜ ପିଲାର ଖୁସି ପାଇଁ ନିଜ ସୁଖକୁ ତ୍ୟାଗ କରନ୍ତି । ସେମାନଙ୍କ ତ୍ୟାଗର ମୂଲ୍ୟ ପିଲାମାନେ ବୁଝିବା ଦରକାର। ପିଲା ଛୋଟ ଥିବାବେଳେ ତାକୁ ଆଦର କରିବା, ଭଲ ଖାଇବାକୁ ଦେବା, ଭଲ ପୋଷାକ ପିନ୍ଧାଇବା ନିଶ୍ଚିତ ଭାବେ ଜରୁରୀ। କିନ୍ତୁ ଏହା ସହିତ ତାକୁ ଏହା ମଧ୍ୟ ଶିଖାଇବା ଦରକାର ତା'ର ହାତରେ ଥିବା ପ୍ରତ୍ୟେକ ସୁବିଧା ପଛରେ କାହାର ନା କାହାର ପରିଶ୍ରମ ରହିଛି।

ପିଲା ଯେତେବେଳେ ଭୁଲ କରେ, ତାକୁ ଭଲପାଇବା ସହିତ ଠିକ୍ ଓ ଭୁଲର ତଫାତ ବୁଝାନ୍ତୁ। ପିଲା ଯେତେବେଳେ ଅନ୍ୟକୁ ଅପମାନ କରେ ସେତେବେଳେ ତାକୁ ଚୁପ୍ ରହି ସମର୍ଥନ କରନ୍ତୁ ନାହିଁ। କାରଣ ଆଜି ଯେଉଁ ଭୁଲକୁ ଆମେ ଆଦର ଭାବି କ୍ଷମା କରିଦେଉଛେ କାଲି ସେହି ଭୁଲ ତା'ର ସ୍ୱଭାବ ହୋଇଯାଇପାରେ। ପିଲାଙ୍କୁ ଭଲପାଆନ୍ତୁ କିନ୍ତୁ ଏତେ ଅନ୍ଧ ଭଲପାଇବା ଦିଅନ୍ତୁନାହିଁ ଯେ ସେମାନେ ଭୁଲ କରିବାକୁ ନିଜର ଅଧିକାର ବୋଲି ଭାବିବେ। ତେବେ ଆମେ ପିଲାଙ୍କୁ କହୁଛେ ମିଛ କହିବ ନାହିଁ। କିନ୍ତୁ ଆମେ ନିଜେ ଅନ୍ୟମାନଙ୍କ ଆଗରେ ମିଛ କହୁଛେ। ଆମେ କହୁଛେ ବଡ଼ମାନଙ୍କୁ ସମ୍ମାନ ଦେବ କିନ୍ତୁ ନିଜ ବାପାମାଆଙ୍କ ସହିତ ଅସମ୍ମାନଜନକ ଭାବେ କଥା ହେଉଛେ। ଆମେ କହୁଛେ ଅନ୍ୟକୁ ସାହାଯ୍ୟ କରିବ କିନ୍ତୁ ନିଜ ଆଖି ଆଗରେ କେହି ଅସୁବିଧାରେ ପଡ଼ିଲେ ଅଣଦେଖା କରୁଛେ। ତେବେ ପିଲା ଆମ କଥା ଶୁଣିବ ନା ଆମ କାମ ଦେଖି ଶିଖିବ।

ପିଲାମାନେ ହେଉଛନ୍ତି ଘରର ଦର୍ପଣ। ସେମାନେ ଯାହା ଦେଖନ୍ତି ଅନେକ ସମୟରେ ତାହାକୁ ନିଜ ଜୀବନରେ ଅନୁସରଣ କରନ୍ତି। ତେଣୁ ପିଲାଙ୍କୁ ସଂସ୍କାର ଦେବା ପୂର୍ବରୁ ଆମେ ନିଜ ଆଚରଣକୁ ଠିକ୍ କରିବା ଦରକାର। ଘରେ ଯଦି ବାପାମାଆ ପରସ୍ପରକୁ ସମ୍ମାନ ଦିଅନ୍ତି ପିଲାମାନେ ସମ୍ପର୍କର ମୂଲ୍ୟ ଶିଖନ୍ତି। ଘରେ ଯଦି ବୟସ୍କମାନଙ୍କୁ ଆଦର କରାଯାଏ ପିଲାମାନେ ବୃଦ୍ଧଙ୍କୁ ସମ୍ମାନ ଦେବା ଶିଖନ୍ତି। ଘରେ ଯଦି ସତ୍ୟ, ଧୈର୍ଯ୍ୟ ଓ ଦୟାର ପରିବେଶ ରହେ ପିଲାଙ୍କ ଚରିତ୍ରରେ ମଧ୍ୟ ସେହି ଗୁଣ ଧୀରେ ଧୀରେ ବିକଶିତ ହୁଏ। ପିଲାଙ୍କ କାନରେ ଦିଆଯାଇଥିବା ଉପଦେଶଠାରୁ ଆଖି ଆଗରେ ଦେଖାଯାଇଥିବା ଉଦାହରଣର ପ୍ରଭାବ ଅଧିକ ଗଭୀର। ଆଜିବି ଆମ ସମାଜରେ ଏମିତି ଅନେକ ପରିବାର ଦେଖିବାକୁ ମିଳେ ଯେଉଁଠି ବାପାମାଆ ବଞ୍ଚିଥିବାବେଳେ ପୁଅମାନେ ଜମିବାଡ଼ି ଓ ସମ୍ପତ୍ତିର ଭାଗ ପାଇଁ ଝଗଡ଼ା କରନ୍ତି। ଭାଇ ଭାଇ ମଧ୍ୟରେ କଥାବାର୍ତ୍ତା ବନ୍ଦ ହୋଇଯାଏ। ଛୋଟ ଛୋଟ କଥାକୁ ନେଇ ବର୍ଷ ବର୍ଷର ସମ୍ପର୍କ ଭାଙ୍ଗିଯାଏ। ଯେଉଁ ଘରେ ଦିନେ ସମସ୍ତେ ଏକାଠି ବସି ଖାଉଥିଲେ ସେହି ଘରେ ଦିନେ ସମ୍ପତ୍ତିର ଭାଗ ପାଇଁ ଶତ୍ରୁତା ସୃଷ୍ଟି ହୁଏ। ଏହାର ଅର୍ଥ ନୁହେଁ ଯେ ସବୁ ପରିବାରରେ ଏମିତି ହୁଏ। କିନ୍ତୁ ଯେଉଁଠି ପିଲାଙ୍କୁ ଛୋଟବେଳୁ ତ୍ୟାଗ, ନ୍ୟାୟ, ଭାଇଚାରା ଓ ଅନ୍ୟର ଅଧିକାରକୁ ସମ୍ମାନ କରିବା ଶିଖା ଯାଇନାହିଁ ସେଠାରେ ସମ୍ପତ୍ତି ବେଳେବେଳେ ସମ୍ପର୍କ ଭାଙ୍ଗିବାର କାରଣ ହୋଇଯାଏ।


ପିଲାଙ୍କୁ ଶିଖାନ୍ତୁ ନିଜ ଅଧିକାର ପାଇଁ ଠିଆ ହେବା ଭଲ କିନ୍ତୁ ଅନ୍ୟର ଅଧିକାର ଛଡ଼ାଇ ନେବା ଭୁଲ। ନିଜ ଭାଗ ପାଇବା ଜରୁରୀ ହୋଇପାରେ କିନ୍ତୁ ସେହି ଭାଗ ପାଇଁ ମାନବିକତା ହରାଇବା ଉଚିତ ନୁହେଁ। କାରଣ ଜମିବାଡ଼ି ଭାଗ ହୋଇପାରେ, ଟଙ୍କା ଭାଗ ହୋଇପାରେ, ଘର ମଧ୍ୟ ଅଲଗା ହୋଇପାରେ କିନ୍ତୁ ଥରେ ହୃଦୟର ସମ୍ପର୍କ ଭାଙ୍ଗିଗଲେ ତାକୁ ପୁଣି ଆଗଭଳି କରିବା ସବୁବେଳେ ସମ୍ଭବ ହୁଏ ନାହିଁ। ବାପାମାଆଙ୍କ ଭଲପାଇବାରେ କୌଣସି ଅଭାବ ନଥାଉ କିନ୍ତୁ ସେହି ଭଲପାଇବା ଯେପରି ପିଲାଙ୍କୁ ଅଳସୁଆ କିମ୍ବା ଦାୟିତ୍ୱହୀନ ନକରେ ସେଥିପ୍ରତି ମଧ୍ୟ ଧ୍ୟାନ ଦେବା ଆବଶ୍ୟକ।ପିଲା ଯାହା ମାଗିଲା ସଙ୍ଗେ ସଙ୍ଗେ ତାହା ଦେଇଦେବା ସବୁବେଳେ ଭଲ ଅଭିଭାବକତ୍ୱ ନୁହେଁ। ବେଳେବେଳେ ତାକୁ ଅପେକ୍ଷା କରିବା ଶିଖାନ୍ତୁ। ନିଜ କାମ ନିଜେ କରିବାକୁ ଉତ୍ସାହିତ କରନ୍ତୁ। ଟଙ୍କା କିପରି ରୋଜଗାର ହୁଏ, କିପରି ସଞ୍ଚୟ କରାଯାଏ ଏବଂ କେଉଁଠି ଖର୍ଚ୍ଚ କରିବା ଉଚିତ ସେ ବିଷୟରେ ବୟସ ଅନୁସାରେ ବୁଝାନ୍ତୁ।

ଯେଉଁ ପିଲା ଛୋଟବେଳୁ ପରିଶ୍ରମର ମୂଲ୍ୟ ବୁଝେ ସେ ବଡ଼ ହେଲେ ସହଜରେ ହାର ମାନେନାହିଁ। ଯେଉଁ ପିଲା ସବୁକିଛି ପ୍ରସ୍ତୁତ ଅବସ୍ଥାରେ ପାଇଯାଏ ସେ ବେଳେବେଳେ ଜୀବନର ସାଧାରଣ ସଂଘର୍ଷକୁ ମଧ୍ୟ ସହ୍ୟ କରିପାରେ ନାହିଁ। ସେଥିପାଇଁ ପିଲାଙ୍କୁ କେବଳ ଧନୀ ହେବାର ସ୍ୱପ୍ନ ଦେଖାନ୍ତୁ ନାହିଁ ନିଜ ଗୋଡ଼ରେ ନିଜେ ଠିଆ ହେବାର ସାହସ ମଧ୍ୟ ଦିଅନ୍ତୁ। ଏମିତି ଶିକ୍ଷା ଦିଅନ୍ତୁ ଯେପରି ଆପଣଙ୍କ ପିଲା ଆପଣଙ୍କ ସମ୍ପତ୍ତିକୁ ଭରସା କରି ନୁହେଁ ନିଜ ଯୋଗ୍ୟତା ଓ ପରିଶ୍ରମ ଉପରେ ଭରସା କରି ବଞ୍ଚିପାରିବ।ପିଲା ଛୋଟ ଥିବାବେଳେ ମାଆ ତା'ର ପ୍ରତ୍ୟେକ ଲୁହ ପୋଛିଦିଏ। ବାପା ତା'ର ଖୁସି ପାଇଁ ନିଜର ଅନେକ ଆବଶ୍ୟକତାକୁ ପଛରେ ପକାଇଦିଅନ୍ତି। ପିଲା ଅସୁସ୍ଥ ହେଲେ ରାତିସାରା ଅନିଦ୍ରାରେ କାଟନ୍ତି। ତା'ର ଭବିଷ୍ୟତ ପାଇଁ ନିଜର ବର୍ତ୍ତମାନକୁ ତ୍ୟାଗ କରନ୍ତି କିନ୍ତୁ ସମୟ ବଦଳିଯାଏ। ପିଲା ବଡ଼ ହୁଏ, ଚାକିରୀ କରେ, ବିବାହ କରେ ଏବଂ ନିଜ ସଂସାର ଗଢ଼େ। ଏସବୁ ଜୀବନର ସ୍ୱାଭାବିକ ପରିବର୍ତ୍ତନ। କିନ୍ତୁ ଏହି ପରିବର୍ତ୍ତନ ଭିତରେ ନିଜ ବାପାମାଆଙ୍କୁ ଭୁଲିଯିବା ଉଚିତ ନୁହେଁ। ବାପାମାଆଙ୍କୁ ମହଙ୍ଗା ଉପହାର ଦେବାଠାରୁ ତାଙ୍କ ସହିତ କିଛି ସମୟ ବସି ମନଖୋଲା କଥା ହେବା ଅଧିକ ମୂଲ୍ୟବାନ ହୋଇପାରେ। ତାଙ୍କର ଔଷଧ, ଖାଦ୍ୟ ଓ ଆବଶ୍ୟକତାର ଯତ୍ନ ନେବା ସହିତ ତାଙ୍କ ମନର କଥା ଶୁଣିବା ମଧ୍ୟ ଜରୁରୀ । ପିଲାଙ୍କୁ ଛୋଟବେଳୁ ଶିଖାନ୍ତୁ ବାପାମାଆ ବୃଦ୍ଧ ହେବା ଦୁର୍ବଳତା ନୁହେଁ ଏହା ଜୀବନର ଗୋଟିଏ ସ୍ୱାଭାବିକ ଅବସ୍ଥା। ଯେଉଁ ହାତ ଦିନେ ଆମକୁ ଧରି ଚାଲିବା ଶିଖାଇଥିଲା ସେହି ହାତ ଥରଥର କରିବା ଆରମ୍ଭ କଲେ ତାକୁ ଅବହେଳା ନୁହେଁ ଆଶ୍ରୟ ଦେବା ଉଚିତ ।ଯେଉଁ ପିଲା ଏହି ସଂସ୍କାର ପାଏ ସେ ସମ୍ପତ୍ତି ମିଳୁ କି ନମିଳୁ, ନିଜ କର୍ତ୍ତବ୍ୟକୁ ଭୁଲିବାର ସମ୍ଭାବନା କମ୍ ଥାଏ। ଆଜିର ଦୁନିଆରେ ପିଲାମାନେ ପାଠପଢ଼ାରେ ଭଲ କରନ୍ତୁ, ଭଲ ଚାକିରୀ ପାଆନ୍ତୁ, ଉଚ୍ଚ ପଦବୀରେ ପହଞ୍ଚନ୍ତୁ ଏହା ପ୍ରତ୍ୟେକ ଅଭିଭାବକଙ୍କ ଇଚ୍ଛା। କିନ୍ତୁ ଆମେ ନିଜକୁ ଥରେ ପଚାରିବା ଦରକାର ଆମ ପିଲା ଜଣେ ସଫଳ ମଣିଷ ହେବା ସହିତ ଜଣେ ଭଲ ମଣିଷ ହେଉଛି ତ।

ପାଠପଢ଼ା ତାକୁ ଚାକିରୀ ଦେଇପାରେ କିନ୍ତୁ ସଂସ୍କାର ତାକୁ ସମ୍ମାନ ଦେଇପାରେ। ଶିକ୍ଷା ତାକୁ ଜ୍ଞାନୀ କରିପାରେ କିନ୍ତୁ ନମ୍ରତା ତାକୁ ସମସ୍ତଙ୍କ ପ୍ରିୟ କରିପାରେ। ଧନ ତାକୁ ଉଚ୍ଚ ଜୀବନଶୈଳୀ ଦେଇପାରେ କିନ୍ତୁ ମାନବିକତା ତାକୁ ଲୋକଙ୍କ ହୃଦୟରେ ସ୍ଥାନ ଦେଇପାରେ। ପିଲାଙ୍କୁ ଶିଖାନ୍ତୁ ଯେ କାହାର ଦୁର୍ବଳତାକୁ ନେଇ ହସିବା ଉଚିତ ନୁହେଁ। ଗରିବଙ୍କୁ ଅପମାନ କରିବା ଉଚିତ ନୁହେଁ। ମହିଳାଙ୍କୁ ସମ୍ମାନ ଦେବା ଉଚିତ। ନିଜଠାରୁ ଛୋଟ ଲୋକଙ୍କ ସହିତ ମଧ୍ୟ ଭଲ ବ୍ୟବହାର କରିବା ଉଚିତ। ଭୁଲ କଲେ କ୍ଷମା ମାଗିବା ଏବଂ ଅନ୍ୟ କେହି ଭୁଲ କଲେ କ୍ଷମା କରିବା ଶିଖିବା ଦରକାର। କାରଣ ପ୍ରକୃତ ସଂସ୍କାରର ପରିଚୟ ଏଥିରେ ନୁହେଁ ଯେ ଆମେ ନିଜଠାରୁ ବଡ଼ ଲୋକଙ୍କ ସହିତ କିପରି କଥା ହେଉଛେ ବରଂ ଆମଠାରୁ ଦୁର୍ବଳ ଲୋକଙ୍କ ସହିତ କିପରି ବ୍ୟବହାର କରୁଛେ ସେଥିରେ ମଧ୍ୟ ଆମ ଚରିତ୍ର ପ୍ରକାଶ ପାଏ। କିଛି ଲୋକ ଭାବନ୍ତି ପିଲାଙ୍କୁ ଅଧିକ ସମ୍ପତ୍ତି ଦେଲେ ସେମାନଙ୍କ ଭବିଷ୍ୟତ ସୁରକ୍ଷିତ ହୋଇଯିବ। ନିଶ୍ଚିତ ଭାବେ ମାତାପିତାଙ୍କ ଅର୍ଜିତ ସମ୍ପତ୍ତି ପିଲାଙ୍କ ଭବିଷ୍ୟତ ପାଇଁ ଏକ ଭଲ ସାହାଯ୍ୟ ହୋଇପାରେ। କିନ୍ତୁ ସମ୍ପତ୍ତି ସହିତ ଦାୟିତ୍ୱବୋଧ ଓ ବିବେକ ନଥିଲେ ତାହାର ସଠିକ୍ ବ୍ୟବହାର କରିବା କଷ୍ଟକର ହୋଇପାରେ। ତେଣୁ ପିଲାଙ୍କୁ ଜମିବାଡ଼ି ଦିଅନ୍ତୁ କିନ୍ତୁ ସେହି ଜମିରେ ପରିଶ୍ରମର ମୂଲ୍ୟ ବୁଝିବାର ଶିକ୍ଷା ମଧ୍ୟ ଦିଅନ୍ତୁ। ବ୍ୟାଙ୍କରେ ଟଙ୍କା ରଖନ୍ତୁ କିନ୍ତୁ ସେହି ଟଙ୍କା କିପରି ଦାୟିତ୍ୱର ସହିତ ବ୍ୟବହାର କରିବାକୁ ହୁଏ ତାହା ମଧ୍ୟ ଶିଖାନ୍ତୁ। ବଡ଼ ଘର ତିଆରି କରନ୍ତୁ କିନ୍ତୁ ସେହି ଘରରେ ସମସ୍ତଙ୍କ ପ୍ରତି ଭଲପାଇବା, ସମ୍ମାନ ଓ ଏକତାର ପରିବେଶ ଗଢ଼ିବାକୁ ଭୁଲନ୍ତୁ ନାହିଁ।ପିଲାଙ୍କୁ ଆପଣଙ୍କ ଅର୍ଜିତ ସମ୍ପତ୍ତି ଦେବା ସହିତ ନିଜେ ସମ୍ପତ୍ତି ଅର୍ଜନ କରିବାର ସାହସ ମଧ୍ୟ ଦିଅନ୍ତୁ। ଆପଣଙ୍କ ନାମରେ ଥିବା ଘର ଦିନେ ତାଙ୍କର ହୋଇପାରେ କିନ୍ତୁ ଆପଣଙ୍କ ନାମକୁ ସମ୍ମାନର ସହିତ ଉଚ୍ଚାରଣ କରିବାର ଦାୟିତ୍ୱ ତାଙ୍କ ଚରିତ୍ର ଉପରେ ନିର୍ଭର କରିବ।


ସେମାନେ ଜୀବନରେ କେବେ ହାରିଗଲେ ମଧ୍ୟ ପୁଣି ଉଠିବାର ସାହସ ପାଇବେ। କେବେ ଅଭାବରେ ପଡ଼ିଲେ ମଧ୍ୟ ନିଜର ମାନବିକତା ହରାଇବେ ନାହିଁ। କେବେ ସଫଳତା ପାଇଲେ ମଧ୍ୟ ଅହଂକାରୀ ହେବେ ନାହିଁ। ଆଉ ଆପଣ ବୃଦ୍ଧ ହେଲେ ଆପଣଙ୍କୁ ଏକ ବୋଝ ଭାବିବା ପରିବର୍ତ୍ତେ ନିଜ ଜୀବନର ଆଶୀର୍ବାଦ ଭାବିବେ।ତେଣୁ ଆଜିଠାରୁ ପିଲାଙ୍କ ଭବିଷ୍ୟତ ପାଇଁ କେବଳ ଟଙ୍କା ସଞ୍ଚୟ କରନ୍ତୁ ନାହିଁ ସେମାନଙ୍କ ମନରେ ଭଲ ଭାବନା, ହୃଦୟରେ ଦୟା ଓ ଜୀବନରେ ସଂସ୍କାର ମଧ୍ୟ ସଞ୍ଚୟ କରନ୍ତୁ। କାରଣ ଟଙ୍କା ଶେଷ ହୋଇପାରେ, ଜମି ବିକ୍ରି ହୋଇପାରେ, ଘର ଭାଙ୍ଗିଯାଇପାରେ କିନ୍ତୁ ଭଲ ସଂସ୍କାର ମଣିଷର ଜୀବନକୁ ପିଢ଼ି ପରେ ପିଢ଼ି ଆଲୋକିତ କରିପାରେ।ସମ୍ପତ୍ତି ଦେଇ ପିଲାଙ୍କ ଜୀବନକୁ ସହଜ କରନ୍ତୁ କିନ୍ତୁ ସଂସ୍କାର ଦେଇ ସେମାନଙ୍କ ଜୀବନକୁ ମହାନ କରନ୍ତୁ।ତେବେ ପିଲାଙ୍କୁ ଏତେ ଧନୀ କରନ୍ତୁ ନାହିଁ ଯେ ସେମାନେ ଟଙ୍କାର ଅହଂକାରରେ ମଣିଷକୁ ଭୁଲିଯିବ ।ପିଲାଙ୍କୁ ଏତେ ସଂସ୍କାରୀ କରନ୍ତୁ ଯେ ଧନ ନଥିଲେ ମଧ୍ୟ ନିଜ ମାନବିକତାକୁ କେବେ ହରାଇବେ ନାହିଁ । କାରଣ ଆପଣଙ୍କ ପ୍ରକୃତ ଉତ୍ତରାଧିକାର ଆପଣଙ୍କ ସମ୍ପତ୍ତି ନୁହେଁ ଆପଣଙ୍କ ପିଲାଙ୍କ ଚରିତ୍ର। କାରଣ ଭଲ ସଂସ୍କାର ଥିବା ପିଲା ନିଜ ଭବିଷ୍ୟତ ଗଢ଼ିପାରେ କିନ୍ତୁ ସଂସ୍କାରହୀନ ମନ ହାତରେ ଥିବା ସମ୍ପତ୍ତିକୁ ମଧ୍ୟ ନଷ୍ଟ କରିପାରେ।

+ଯୁବ ସାମ୍ବାଦିକା
ଅନ୍ଧାରୁଆ, ଭୁବନେଶ୍ୱର
ମୋ: ୯୦୯୦୬୬୧୫୮୬



ଜାଣି ଜାଣି ହୁଅ କାହିଁକି ଅଜଣା !

ପ୍ରଦୋଷ କୁମାର ଦାସ



ତମେ ଜାଣି ଜାଣି କାହିଁ ରହିଛ ଅଜଣା !
ଜାଣିବାକୁ ହୁଏ ବାଟବଣା।
ଭ୍ରମରେ ରହିଛି, କାହାକୁ କହିବି,
ତୁମକୁ ନା' ମତେ
ପର କି' ଆପଣା ?

ଭୁଲ ବୁଝାମଣା ହୋଇଅଛି ବୋଲି
ଜାଣି ପାରନ୍ତି ଯଦି ମୁଁ,
ଦିଅନ୍ତି ବୁଝାଇ
କରି ସବୁ ଅବତାରଣା।
ହେଲେ ତୁମ ନିରବତା
ମତେ ନରବି ଦେଇଛି
ଦେଇ ଅସହ୍ୟ ଯନ୍ତ୍ରଣା ।

ଜଣା ଅଜଣାର ଭଉଁରି ଭିତରେ
ବେଦନାରେ ହୁଏ ବାଟବଣା।
ଅବାକ୍ ହୁଏ ମୁଁ,
ଇଏ କି ପ୍ରକାରର ଅବୁଝାମଣା !

ତମେ ଜାଣି ଜାଣି ହୁଅ, କାହିଁକି ଅଜଣା।
ସବୁ ଜାଣିଲେବି ନିରବରେ ମତେ
ରହିବାକୁ ପଡ଼େ ଅଜଣା ଅଜଣା !
ଏ ଜଣା ଅଜଣା ଭ୍ରମ ଭିତରେ ମୁଁ
ତୁମପାଇଁ ହୋଇଯିବି ଦିନେ
ସତରେ ଅଜଣା।


ଅତୀତର ପରିଚିତି କୁହାଟେ,
ମୋ' ମନ ଗହନରେ
ଆଜି ବି ବୀଣାଜିଣା,
ହୃଦୟକୁ କରିଦେଇକି ଆପଣା,
ହେଲେ ପାଏ ସେଥେ ମୁଁ ଯନ୍ତ୍ରଣା।

ଜାଣି ଜାଣି ହୁଅ କାହିଁକି ଅଜଣା
ଜାଣି ଜାଣି ହୁଅ କାହିଁକି ଅଜଣା ॥
ନିଜକୁ ପର କରିଦେଲେ ଥରେ,
ହେବ ଆଉକି ଆପଣା ॥

+ନାଚୁଣୀ, ଖୋର୍ଦ୍ଧା,
ମୋ: ୬୩୭୦୪୯୫୯୪୪

ମୋ ନାଥ ଶ୍ରୀଜଗନ୍ନାଥ

ସଚିକାନ୍ତ ରଥ



କାଳିଆ ଠାକୁର ନ କରିବ ପର
ଏତିକି ମିନତି ମୋର ।
ତୁମେ ନ ଚାହିଁଲେ କିଏ ବା ଚାହିଁବ
ଜନମ ହେବ ଅସାର ।

ତୁଣ୍ଡ ମୋ ଭଜୁଛି ସଦା ତୁମ ନାମ
ଭଜୁଥିବି ଚିରଦିନ ।
ତୁମେ ଜନ୍ମଦାତା ମୋ ଭାଗ୍ୟ ବିଧାତା
କର ହେ ଦୀନେ କଲ୍ୟାଣ ।

କେତେଦିନ ପାଇଁ ଆଣିଛ ସଂସାରେ
ଏକା ହିଁ ତୁମକୁ ଜଣା ।
ଶେଷଦିନ କେବେ ହେବ ଉପଗତ
ଜାଣେନି ତା'ର ଠିକଣା ।

ଭୁଲି ପାରିବିନି ଜୀବନରେ କେବେ
କିଇଁ ଥିବା ଯାଏଁ ଏଠି ।
ସାର୍ଥକ ମଣିବି ମଣିଷ ଜନମ
ଲଭେ ଯଦି କୃପା ଦୃଷ୍ଟି ।

+ ଶକ୍ତିବିହାର
ଭୁବନେଶ୍ୱର



ଫୁଲକୋବି ଖାଉଛନ୍ତି ହେଲେ ପତ୍ର ଓ ନାଡ଼ ଫୋପାଡୁଛନ୍ତି ତା'ହେଲେ କରନ୍ତୁନାହିଁ ଏହି ଭୁଲ୍ । ଏହାକୁ ଖାଇଲେ କ'ଣ ଲାଭ ମିଳେ ଆସନ୍ତୁ ଜାଣିବା । ସମସ୍ତଙ୍କ ପାଟିକୁ ରୁଚୁଥିବା ପରିବାଟି ହେଉଛି ଫୁଲକୋବି । ଫୁଲକୋବି ଭଜା, ତରକାରୀ , ଛଣା ବ୍ୟତୀତ ଅନେକ ପ୍ରକାରର ଆଇଟମ୍ କରି ମା' ଯେତେବେଳେ ଖାଇବା ଥାଳିଟି ସଜେଇ ବାଢ଼ିଦିଅନ୍ତି ଓଃ ଆଉ କ'ଣ ଶୋର୍ ଶବ୍ଦ ଶୁଭିବ । ବର୍ଷସାରା ଫୁଲକୋବି ବଜାରରେ ମିଳୁଥିଲେ ହେଁ ଶୀତଦିନରେ ଏହି ପରିବାର ଟେଷ୍ଟ ହିଁ କିଛି ଅଲଗା । ଅନେକ ଲୋକ ଫୁଲକୋବିର ଫୁଲଭାଗ ବା ଧଳାଅଂଶଟିକୁ କାଟି ରୋଷେଇ କରି ଏହାର ପତ୍ର ଏବଂ ନାଡ଼ିକୁ ଅଲୋଡ଼ା ଭାବି ଫୋପାଡ଼ି ଦିଅନ୍ତି । କିନ୍ତୁ ଆପଣ ଜାଣିଛନ୍ତି କି ପୋଷକ ତତ୍ତ୍ୱରେ ଭରପୂର ଫୁଲକୋବିର ପତ୍ରରେ ବି ଭିଟାମିନ୍ ଏ , ଫାଇବର୍ , ପ୍ରୋଟିନ୍ , କ୍ୟାଲସିୟମ୍ ଏବଂ ଫସଫରସ୍ ଭଳି ତତ୍ତ୍ୱ ମିଳିଥାଏ । ଯାହା ଆମ ଶରୀର ପାଇଁ ଲାଭଦାୟକ । ଆପଣ ଏହି ପତ୍ରକୁ ଫୋପାଡ଼ିବା ବଦଳରେ ସାଲାଡ୍ , ସୁପ୍ କିମ୍ବା କୌଣସି ରେସିପି କରି ମଧ ଖାଇପାରିବେ । ଫୁଲକୋବିର ପତ୍ର ସେବନ ଦ୍ୱାରା ଅନେକ ପ୍ରକାର ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ସମସ୍ୟାରୁ ମଧ ମୁକ୍ତି ମିଳିଥାଏ । ତେବେ ଆଜି ଆସନ୍ତୁ ସେ ସମ୍ବନ୍ଧରେ କିଛି ଜାଣିବା । ଆଖି ପାଇଁ ଖୁବ୍ ଲାଭକାରୀ ଫୁଲକୋବି ପତ୍ର ଏବଂ ନାଡ଼ । ଇଣ୍ଟରନ୍ୟାସନାଲ୍ ଜର୍ଣ୍ଣାଲ୍ ଅଫ୍ ସାଇଣ୍ଟିଫିକ୍ ଆଣ୍ଡ ଇଞ୍ଜିନିୟରିଙ୍ଗର ଏକ ଷ୍ଟଡି ମୁତାବକ , ଫୁଲକୋବିର ପତ୍ରରେ ଭରପୁର ମାତ୍ରାରେ ଭିଟାମିନ୍ ଏ ର ମାତ୍ରା ଥାଏ। ଯାହା ଖାଇବାଦ୍ୱାରା ସିରମ୍ ରେଟିନାଲ୍ ଲେବଲ୍ ବଢେ ଏବଂ ନାଇଟ୍ ବ୍ଲାଇଣ୍ଡନେସ ବିପଦ ମଧ କମ୍ ହୁଏ। ଡାଏବେଟିସ୍ ରୋଗୀଙ୍କ କ୍ଷେତ୍ରରେ ଫୁଲକୋବି ପତ୍ର ଏବଂ ନାଡ଼ ଖାଇବା ଖୁବ୍ ଲାଭଦାୟକ ହୋଇଥାଏ। ଏଥିରେ ପ୍ରୋଟିନ୍ ଏବଂ ଫାଇବରର ମାତ୍ରା ଅଧିକ ମିଳିଥାଏ ଏବଂ କାର୍ବୋହାଇଡ୍ରେଟର ମାତ୍ରା କମ୍ ଥାଏ। ଯାହା ଖାଇବା ଦ୍ୱାରା ବ୍ଲଡ୍ ସୁଗରର ଲେବଲ୍ କଣ୍ଟ୍ରୋଲରେ ଆସିଥାଏ। ଯଦି ଆପଣଙ୍କୁ ଡାଇବେଟିସ୍ ସମସ୍ୟା ରହିଛି , ତେବେ ଡାକ୍ତରଙ୍କୁ ପରାମର୍ଶ କରି ଫୁଲକୋବିର ପତ୍ରକୁ ନିଜ ଡାଏଟରେ ସାମିଲ୍ କରନ୍ତୁ। ଆଇରନର ସମୃଦ୍ଧ ସ୍ରୋତ ହେଉଛି ଫୁଲକୋବିର ପତ୍ର। ଯାହାର ମାତ୍ର ୧୦୦ ଗ୍ରାମ୍ ପତ୍ରରେ ୪୦ ମିଲିଗ୍ରାମ୍ ଆଇରନ୍ ମିଳିଥାଏ। ଯାହାର ସେବନ ଦ୍ୱାରା ଶରୀରରେ ରକ୍ତର ଅଭାବ ଦୂର ହୋଇଥାଏ। ମହିଳା ଏବଂ ଶିଶୁଙ୍କ କ୍ଷେତ୍ରରେ ଦେଖାଯାଉଥିବା ଏନିମିଆର ଚିକିତ୍ସା ପାଇଁ ମଧ ଫୁଲକୋବିର ପତ୍ରକୁ ଖୁବ୍ ପ୍ରଭାବଶାଳୀ ବୋଲି ମନେ କରାଯାଏ। କ୍ୟାଲସିୟମରେ ଭରପୂର ଫୁଲକୋବିର ପତ୍ର । ମାତ୍ର ୧୦୦ ଗ୍ରାମ୍ ପତ୍ରରୁ ୬୦୦ ମିଲିଗ୍ରାମ୍ କ୍ୟାଲସିୟମ୍ ମିଳେ। ଯାହା ଖାଇବା ଦ୍ୱାରା ହାଡ଼ ଷ୍ଟ୍ରଙ୍ଗ୍ ହୁଏ । ଏହା ସହ ଅର୍ଥରାଇଟିସ୍ ଏବଂ ହାଡ଼ ସମ୍ବନ୍ଧୀୟ ଅନ୍ୟ ରୋଗକୁ ରୋକିବା ପାଇଁ ମଧ ଫୁଲକୋବିର ପତ୍ର ସାହାଯ୍ୟ କରିଥାଏ। ଏଥିରେ ଆଣ୍ଟିଅକ୍ସିଡେଣ୍ଟସ୍ ଏବଂ ଆଣ୍ଟି ଇନଫ୍ଲେମେଟରୀ ଗୁଣ ରହିଥିବାରୁ ଏହା ହୃଦୟକୁ ସୁସ୍ଥ ରଖିବାରେ ସାହାଯ୍ୟ କରେ । ଏହାଛଡ଼ା ଫୁଲକୋବିର ପତ୍ରରେ ହାଇ ଫାଇବର ଏବଂ ଫ୍ୟାଟର ମାତ୍ରା କମ୍ ହେବା କାରଣରୁ ଏହା ହାର୍ଟ ରୋଗୀଙ୍କ ପାଇଁ ମଧ ଖୁବ୍ ଲାଭକାରୀ ହୋଇଥାଏ। ତେବେ ଯଦି ଆପଣଙ୍କୁ କୌଣସି ଗମ୍ଭୀର ସମସ୍ୟା ରହିଛି ତେବେ ଡାକ୍ତରଙ୍କ ପରାମର୍ଶ ନେଇ ଫୁଲକୋବିର ପତ୍ରକୁ ସେବନ କରିପାରିବେ ।

କେବଳ ନାଲି ରଙ୍ଗ ଦେଖି ସେଓ କିଣନ୍ତୁ ନାହିଁ : ଜାଣନ୍ତୁ କେମିତି ଜାଣିବେ ?

ବଜାରରୁ ସେଓ କିଣିବା ସମୟରେ ଅନେକ ଲୋକ ଏହାର ନାଲି ରଙ୍ଗ ଓ ଚମକ ଦେଖି କିଣି ନିଅନ୍ତି। ସେଓ ଯେତେ ନାଲି ଓ ସତେଜ ଦେଖାଯିବ, ସ୍ୱାଦରେ ସେତେ ମିଠା ହେବ ବୋଲି ଅନେକଙ୍କ ଧାରଣା। କିନ୍ତୁ ଘରକୁ ଆଣି କାଟି ଖାଇବା ପରେ ଅନେକ ସମୟରେ ତାହା ଖଟା କିମ୍ବା ସ୍ୱାଦହୀନ ଲାଗେ। ଏପରି ସ୍ଥିତିରେ ପରବର୍ତ୍ତୀ ଥର ମିଠା ସେଓ କିପରି ବାଛିବେ, ତାହା ଜାଣିବା ଜରୁରୀ।

ପ୍ରକୃତରେ, କେବଳ ସେଓର ରଙ୍ଗ ଦେଖି ଏହାର ମିଠାପଣ ଜାଣିବା ସହଜ ନୁହେଁ। ସେଓର ଜାତି, ପାଚିବାର ଅବସ୍ଥା ଓ ସତେଜତା ଏହାର ସ୍ୱାଦକୁ ପ୍ରଭାବିତ କରିଥାଏ। ତେବେ କିଛି ସହଜ କଥା ଉପରେ ଧ୍ୟାନ ଦେଲେ ଭଲ ସେଓ ବାଛିପାରିବେ।

୧. କେବଳ ନାଲି ରଙ୍ଗ ଦେଖି ସେଓ କିଣନ୍ତୁ ନାହିଁ

ଅନେକଙ୍କୁ ଲାଗେ ଯେ ଗାଢ଼ ନାଲି ରଙ୍ଗର ସେଓ ଅଧିକ ମିଠା ହୋଇଥାଏ। କିନ୍ତୁ ପ୍ରତ୍ୟେକ ନାଲି ସେଓ ମିଠା ହେବ, ତାହା ନିଶ୍ଚିତ ନୁହେଁ। ଭିନ୍ନ ଭିନ୍ନ କିସମର ସେଓର ରଙ୍ଗ ଓ ସ୍ୱାଦ ଅଲଗା ହୋଇଥାଏ। କେତେକ ନାଲି ସେଓ ସାମାନ୍ୟ ଖଟା ହୋଇଥିବା ବେଳେ ସବୁଜ କିମ୍ବା ହଳଦିଆ ରଙ୍ଗର ସେଓ ମଧ ମିଠା ହୋଇପାରେ। ତେଣୁ କେବଳ ରଙ୍ଗ ଉପରେ ଭରସା ନକରି ସେଓ କେଉଁ ଜାତିର ଓ ସତେଜତା ପ୍ରତି ଧ୍ୟାନ ଦିଅନ୍ତୁ।

୨. ସେଓକୁ ହାତରେ ଧରି ଯାଞ୍ଚ କରନ୍ତୁ

ସେଓ କିଣିବା ପୂର୍ବରୁ ଏହାକୁ ହାତରେ ଧରି ଦେଖନ୍ତୁ। ସତେଜ ସେଓ ସାଧାରଣତଃ ଟାଣ ଓ ଦୃଢ଼ ଅନୁଭବ ହୋଇଥାଏ। ଯଦି ସେଓ ଅଧିକ ନରମ ହୋଇଥାଏ କିମ୍ବା ହାଲୁକା ଚାପରେ ଦବିଯାଏ, ତେବେ ଏହା ପାଚିଯାଇଥାଇପାରେ। ତେବେ ସେଓ ଦୃଢ଼ ହେଲେ ଯେ ମିଠା ହେବ, ତାହା ନୁହେଁ। ଏହାକୁ ଅନ୍ୟ ଲକ୍ଷଣ ସହ ମିଶାଇ ପରୀକ୍ଷା କରନ୍ତୁ। ସେଓକୁ ଜୋରରେ ଚିପୁଡ଼ନ୍ତୁ ନାହିଁ, କାରଣ ଏହାଦ୍ୱାରା ଫଳରେ ଦାଗ ପଡ଼ିପାରେ।

୩. ସେଓର ବାସ୍ନା ପ୍ରତି ଧ୍ୟାନ ଦିଅନ୍ତୁ

ସେଓର ବାସ୍ନାରୁ ଏହାର ସତେଜତା ଓ ପାଚିବାର ଅବସ୍ଥା ବିଷୟରେ କିଛି ଅନୁମାନ କରିହେବ। ପାଚିଥିବା ସେଓରୁ ସାଧାରଣତଃ ହାଲୁକା ଫଳର ବାସ୍ନା ଆସିପାରେ। କିନ୍ତୁ ସେଓରୁ ଅଜବ କିମ୍ବା ପଚା ଗନ୍ଧ ଆସୁଥିଲେ ଏହାକୁ କିଣନ୍ତୁ ନାହିଁ। ତେବେ ସବୁ



ମିଠା। ସେଓରୁ ପ୍ରବଳ ବାସ୍ନା ଆସିବା ଜରୁରୀ ନୁହେଁ। ତେଣୁ କେବଳ ବାସ୍ନା ଆଧାରରେ ଏହାର ମିଠାପଣ ନିର୍ଣ୍ଣୟ କରନ୍ତୁ ନାହିଁ।

୪. ସେଓର ବାହାର ଅଂଶକୁ ଭଲଭାବେ ଦେଖନ୍ତୁ

ସେଓ କିଣିବା ବେଳେ ଏହାର ଉପରିଭାଗକୁ ଭଲଭାବେ ଯାଞ୍ଚ କରନ୍ତୁ। ଯେଉଁ ସେଓର ଚୋପା ସତେଜ ଦେଖାଯାଉଥିବ, ସେଗୁଡ଼ିକୁ ବାଛନ୍ତୁ। ଫଳରେ ଗାଢ଼ ଦାଗ, ଆଘାତର ଚିହ୍ନ, କୁଞ୍ଚନ କିମ୍ବା ପଚିବାର ଲକ୍ଷଣ ଥିଲେ ତାହାକୁ କିଣନ୍ତୁ ନାହିଁ। ବେଳେବେଳେ ସେଓ ବାହାରୁ ଭଲ ଦେଖାଯାଉଥିଲେ ମଧ ଆଘାତ ଯୋଗୁଁ ଭିତର ଅଂଶ ନଷ୍ଟ ହୋଇଥାଇପାରେ। ତେଣୁ ଏହାକୁ ଚାରିପଟୁ ଭଲଭାବେ ଦେଖି କିଣନ୍ତୁ।

୫. ସେଓର ଓଜନ ଅନୁଭବ କରନ୍ତୁ

ସେଓ କିଣିବା ସମୟରେ ଏହାର ଓଜନ ଉପରେ ମଧ ଧ୍ୟାନ ଦିଅନ୍ତୁ। ସମାନ ଆକାରର ଦୁଇଟି ସେଓକୁ ହାତରେ ଧରି ତୁଳନା କରନ୍ତୁ। ଯେଉଁ ସେଓ ନିଜ ଆକାର ଅନୁସାରେ ଟିକେ ଅଧିକ ଓଜନିଆ ଲାଗୁଥିବ, ସେଥିରେ ଅଧିକ ରସ ଥିବାର ସମ୍ଭାବନା ରହିପାରେ।ତେବେ ଅଧିକ ଓଜନ ହେଲେ ସେଓ ନିଶ୍ଚିତଭାବେ ଅଧିକ ମିଠା ହେବ, ଏପରି ନୁହେଁ। ଏହି ଉପାୟ କେବଳ ସମାନ ଆକାରର ସେଓ ମଧ୍ୟରେ ତୁଳନା କରିବାରେ ସହାୟକ ହୋଇପାରେ। ତେଣୁ ଓଜନ ସହ ସେଓର ସତେଜତା ଓ ବାହ୍ୟ ଅବସ୍ଥାକୁ ମଧ ପରୀକ୍ଷା କରନ୍ତୁ।

ମନେ ରଖନ୍ତୁ: ସେଓର ରଙ୍ଗ, ବାସ୍ନା, ଓଜନ କିମ୍ବା ଦୃଢ଼ତା ମଧ୍ୟରୁ କୌଣସି ଗୋଟିଏ ଲକ୍ଷଣ ଏହା ମିଠା ହେବାର ନିଶ୍ଚିତ ପ୍ରମାଣ ନୁହେଁ। ଭଲ ସେଓ ବାଛିବା ପାଇଁ ସମସ୍ତ ଲକ୍ଷଣକୁ ଧ୍ୟାନରେ ରଖନ୍ତୁ।

ଏମିତି ଜାଣନ୍ତୁ ଅଣ୍ଡାର ଗୁଣବତ୍ତା ଓ ସତେଜତା: ସୁସ୍ଥ ରହିବ ଶରୀର

ଅଣ୍ଡା ଆମ ଦୈନନ୍ଦିନ ଖାଦ୍ୟର ଏକ ଲୋକପ୍ରିୟ ଅଂଶ । ଏଥିରେ ଉଚ୍ଚମାନର ପ୍ରୋଟିନ ସହ ଅନେକ ଆବଶ୍ୟକ ପୋଷକତତ୍ତ୍ୱ ରହିଥାଏ। ତେବେ ବଜାରରୁ କିଣୁଥିବା ଅଣ୍ଡା ସତେଜ କି ନୁହେଁ, ତାହା ଜାଣିବା ମଧ ଜରୁରୀ। ବିଶେଷକରି ସୋସିଆଲ ମିଡିଆରେ 'ନକଲି ଅଣ୍ଡା'କୁ ନେଇ ବିଭିନ୍ନ ଦାବି ଭାଇରାଲ ହେଉଥିବା ବେଳେ ଅଣ୍ଡାର ଗୁଣବତ୍ତା ଓ ସତେଜତାକୁ ନେଇ ଅନେକଙ୍କ ମନରେ ପ୍ରଶ୍ନ ଉଠିଥାଏ। ତେବେ ଅଣ୍ଡା ସତେଜ କି ପୁରୁଣା, ତାହା ଜାଣିବା ପାଇଁ ଘରେ ହିଁ ଏକ ସହଜ




ପରୀକ୍ଷା କରାଯାଇପାରେ। ଏଥିପାଇଁ କୌଣସି ବିଶେଷ ଯନ୍ତ୍ରର ଆବଶ୍ୟକତା ନାହିଁ। କେବଳ ଏକ ଗ୍ଲାସ କିମ୍ବା ଗଭୀର ପାତ୍ରରେ ପାଣି ନେଇ ଅଣ୍ଡାକୁ ସେଥିରେ ପକାଇ ଏହାର ଅବସ୍ଥା ଦେଖିବାକୁ ପଡ଼ିବ। ପ୍ରଥମେ ଏକ ଗ୍ଲାସ, ମଗ୍ କିମ୍ବା ଗଭୀର ପାତ୍ରରେ ପର୍ଯ୍ୟାପ୍ତ ପାଣି ଭରନ୍ତୁ। ଏହାପରେ ଅଣ୍ଡାକୁ ଧୀରେ ପାଣି ରେ ପକାନ୍ତୁ। ଅଣ୍ଡାଟି ପାଣିର ତଳେ କିପରି ରହୁଛି କିମ୍ବା ଉପରକୁ ଭାସୁଛି କି ନାହିଁ, ତାହା ଦେଖନ୍ତୁ। ଯଦି ଅଣ୍ଡା ପାଣିର ତଳେ ଚଉଡ଼ା ହୋଇ ସିଧା ହୋଇ ରହୁଛି, ତେବେ ଏହା ସତେଜ ତାହା ସତେଜ ଅଟେ। ଅଣ୍ଡାଟି ପାଣିର ତଳେ ରହି ଗୋଟିଏ ପାର୍ଶ୍ୱକୁ ଢଳି ରହେ କିମ୍ବା ଠିଆ ହୋଇଥିବା ଭଳି ଦେଖାଯାଏ, ତେବେ ଏହା ପୁରୁଣା ଅଟେ। ଅନ୍ୟପକ୍ଷରେ, ଅଣ୍ଡା ପାଣିର ଉପରିଭାଗକୁ ଆସି ଭାସିଲେ, ଏହା ଅଧିକ ପୁରୁଣା କିମ୍ବା ଖରାପ ହୋଇଥାଇପାରେ। ସମୟ ବିତିବା ସହିତ ଅଣ୍ଡା ଭିତରେ ଥିବା ଏୟାର ସେଲ୍ ବା ବାୟୁର ଖାଲି ସ୍ଥାନ ବଡ଼ ହୋଇଯାଏ। ଏହି କାରଣରୁ ପୁରୁଣା ଅଣ୍ଡା ପାଣିରେ ଭାସିଥାଏ। ଅଣ୍ଡାର ସତେଜତା ଜାଣିବା ପାଇଁ ଏହାକୁ ଭାଙ୍ଗି ମଧ ଦେଖାଯାଇପାରେ । ସତେଜ ଅଣ୍ଡାର କେଶର ସାଧାରଣତଃ ଗୋଲାକାର ଓ ଉଠିକି ରହିଥାଏ। ଏହାର ସଫେଦ ଅଂଶ ମଧ ଅପେକ୍ଷାକୃତ ଗାଢ଼ ହୋଇ କେଶର ଚାରିପାଖରେ ରହିଥାଏ। ଅଣ୍ଡା ପୁରୁଣା ହେବା ସହିତ ସଫେଦ ଅଂଶ ପତଳା ହୋଇ ଅଧିକ ଦୂରକୁ ବ୍ୟାପିପାରେ। କେଶର ମଧ ପୂର୍ବ ଭଳି ଦୃଢ଼ ରହିନଥାଏ। ଯଦି ଅଣ୍ଡା ଭାଙ୍ଗିବା ପରେ ଏଥିରୁ ଅସ୍ୱାଭାବିକ କିମ୍ବା ପଚା ଗନ୍ଧ ବାହାରେ, ତେବେ ଏହାକୁ ଖାଇବା ଉଚିତ ନୁହେଁ। ଅଣ୍ଡାକୁ ଉଚ୍ଚମାନର ପ୍ରୋଟିନର ଏକ ଭଲ ଉତ୍ସ ଭାବେ ଗଣାଯାଏ। ଏଥିରେ ଆବଶ୍ୟକ ଆମିନୋ ଏସିଡ୍ ସହ ଭିଟାମିନ୍ ବି-୧୨, ସେଲେନିୟମ, ଆଣ୍ଟିଅକ୍ସିଡାଣ୍ଟ ଓ କୋଲିନ ଭଳି ପୋଷକତତ୍ତ୍ୱ ମିଳିଥାଏ। ଅଣ୍ଡାର କେଶରରେ ମଧ କୋଲିନ, ଲ୍ୟୁଟିନ ଓ ଜିଆଜାନ୍ଥିନ ଭଳି ପୋଷକତତ୍ତ୍ୱ ରହିଥାଏ।

ଡାଇବେଟିସ୍ ରୋଗୀ ମକା ଖାଇପାରିବେ ତ ? ମକା ଖାଇଲେ ବଢ଼ିବନି ତ ସୁଗାର୍ ?

ଶୀତୁଆ ସନ୍ଧ୍ୟା, ରାସ୍ତାକଡ଼ରେ ନିଆଁରେ ପୋଡ଼ା ହେଉଥିବା ଗରମାଗରମ ମକ୍କା । ତା' ଉପରେ ଲେମ୍ବୁ, ଲୁଣ ଆଉ ଲଙ୍କାର ଛୁଙ୍କ। ଏମିତି ଦୃଶ୍ୟ ଦେଖିଲେ କାହାକୁ ବା ମକା ଖାଇବାକୁ ଇଚ୍ଛା ନହୁଏ ! ହେଲେ ଯେଉଁମାନଙ୍କର ଡାଇବେଟିସ୍ ବା ଶୁଗାର ରହିଛି, ସେମାନେ ଏହାକୁ ଖାଇବା ପୂର୍ବରୁ ଶହେ ଥର ଭାବନ୍ତି। କାରଣ ମକାରେ ରହିଛି କାର୍ବୋହାଇଡ୍ରେଟ୍। ଏହା ଖାଇଲେ କାଳେ ରକ୍ତରେ ଶର୍କରା ସ୍ତର ବଢ଼ିଯିବ, ସେହି ଭୟ ରହିଥାଏ। ତେବେ ପ୍ରକୃତରେ ଶୁଗାର ରୋଗୀଙ୍କ ପାଇଁ ମକା ଖାଇବା ମନା କି ? ନା ଏହାକୁ ଖାଇବାର ବି ରହିଛି କିଛି ନିୟମ ? ଆସନ୍ତୁ ଜାଣିବା। ଡାକ୍ତରଙ୍କ କହିବା ଅନୁସାରେ, ଡାଇବେଟିସ୍ ରୋଗୀଙ୍କ ପାଇଁ ମକା ସମ୍ପୂର୍ଣ୍ଣ ଭାବେ କ୍ଷତିକାରକ ନୁହେଁ। ଏହା ଏକ ହୋଲ୍ ଗ୍ରେନ୍ ବା ପୂର୍ଣ୍ଣ ଶସ୍ୟ। ଏଥିରେ ଫାଇବର୍, ଭିଟାମିନ୍ ଏବଂ ଅନେକ ଜରୁରୀ ମିନେରାଲ୍ସ ରହିଛି। ତେବେ ଏହାର ଗ୍ଲାଇସେମିକ୍ ଇଣ୍ଡେକ୍ସ ମଧ୍ୟମ ଧରଣର। ତେଣୁ ଏହାକୁ ଖାଇବା ସମୟରେ ପରିମାଣ ପ୍ରତି ବିଶେଷ ଧ୍ୟାନ ଦେବା ଜରୁରୀ। ଅଧିକ ପରିମାଣରେ ଖାଇଲେ ରକ୍ତରେ ଶର୍କରା ସ୍ତର ବଢ଼ିପାରେ।

ଅନ୍ୟପଟେ ଏଥିରେ ଥିବା ଫାଇବର୍ ଗ୍ଲୁକୋଜ୍ ଶୋଷଣ ପ୍ରକ୍ରିୟାକୁ ଧୀର କରିବାରେ ସହାୟକ ହୁଏ। ଫଳରେ ହଠାତ୍ ରକ୍ତ ଶର୍କରା ବଢ଼ିବାର ଆଶଙ୍କା କମ୍ ହୋଇପାରେ। ତେବେ ୧୦୦ ଗ୍ରାମ୍ ସିଝା ମକାରେ କେତେ ପରିମାଣର ପୋଷକତତ୍ତ୍ୱ ରହିଛି ଜାଣନ୍ତୁ। ଏଥିରେ ପ୍ରାୟ ୯୬



କ୍ୟାଲୋରି, ୨୧ ଗ୍ରାମ୍ କାର୍ବୋହାଇଡ୍ରେଟ୍, ୨.୪ ଗ୍ରାମ୍ ଫାଇବର୍ ଏବଂ ୩.୪ ଗ୍ରାମ୍ ପ୍ରୋଟିନ୍ ରହିଥାଏ। ଏହା ବ୍ୟତୀତ ମ୍ୟାଗ୍ନେସିୟମ୍, ପୋଟାସିୟମ୍, ଫୋଲେଟ୍ ଭଳି ଜରୁରୀ ପୋଷକତତ୍ତ୍ୱ ମଧ ମିଳିଥାଏ। ଏଥିରେ ଲ୍ୟୁଟିନ୍ ଏବଂ ଜିଆଜାନ୍ଥିନ୍ ଭଳି ଆଣ୍ଟିଅକ୍ସିଡାଣ୍ଟ ରହିଛି, ଯାହା ଆଖିର ସ୍ୱାସ୍ଥ୍ୟ ପାଇଁ ଉପକାରୀ। ଏହାର ଫାଇବର୍ ଯୋଗୁଁ ପେଟ ଅଧିକ ସମୟ ପର୍ଯ୍ୟନ୍ତ ଭରି ରହିଥାଏ। ତେଣୁ ଏହା କେବଳ ସ୍ୱାଦିଷ୍ଟ ନୁହେଁ, ପୋଷକତତ୍ତ୍ୱରେ ମଧ ଭରପୂର। ଏବେ ଜାଣନ୍ତୁ ଡାଇବେଟିସ୍ ରୋଗୀ କେଉଁ ପ୍ରକାରର ମକା ଖାଇବା ଉଚିତ୍।

ଡାକ୍ତରଙ୍କ ମତରେ, ପ୍ରୋସେସ୍ଡ କର୍ଣ୍ଣ ପ୍ରଡକ୍ଟସ୍ ବଦଳରେ ସିଝା ମକା ବା ତାଜା ହୋଲ୍ କର୍ଣ୍ଣ ଖାଇବା ଭଲ ବିକଳ୍ପ। ବେବି କର୍ଣ୍ଣରେ କ୍ୟାଲୋରି ଓ କାର୍ବୋହାଇଡ୍ରେଟ୍ କମ୍ ଥିବାରୁ ଏହାକୁ ମଧ ଖାଇପାରିବେ। ସେହିପରି ସୁଇଟ୍ କର୍ଣ୍ଣକୁ ସୀମିତ ପରିମାଣରେ ସ୍ନାକ୍ସ ଭାବେ ଖାଇହେବ। କିନ୍ତୁ କର୍ଣ୍ଣ ସିରପ୍, କର୍ଣ୍ଣଫ୍ଲେକ୍ସ, ରିଫାଇନ୍ଡ କର୍ଣ୍ଣ ଫ୍ଲୋର୍ ଏବଂ ଅଧିକ ବଟର୍ କିମ୍ବା କ୍ୟାରାମେଲ୍ ମିଶା ପପ୍‌କର୍ଣ୍ଣଠାରୁ ଦୂରେଇ ରହିବା ଭଲ। ତେବେ ମନଇଚ୍ଛା ମକା ଖାଇବା ଆଦୌ ଠିକ୍ ନୁହେଁ। ନିଜର ରକ୍ତ ଶର୍କରା ସ୍ତର, ଦୈନିକ ଖାଦ୍ୟ ଯୋଜନା ଏବଂ ଶାରୀରିକ ସ୍ଥିତି ଅନୁସାରେ ଏହାର ପରିମାଣ ସ୍ଥିର କରିବା ଆବଶ୍ୟକ। ଭୁଟ୍ଟା ଖାଇବା ସହ ଅନ୍ୟ କାର୍ବୋହାଇଡ୍ରେଟ୍ ଯୁକ୍ତ ଖାଦ୍ୟର ପରିମାଣ ମଧ ଧ୍ୟାନରେ ରଖିବା ଉଚିତ୍। ଏଥିପାଇଁ ଡାଏଟିସିଆନ୍ ବା ଡାକ୍ତରଙ୍କ ପରାମର୍ଶ ନେବା ଜରୁରୀ। ତେଣୁ ଶୁଗାର ହୋଇଛି ବୋଲି ଭୁଟ୍ଟାକୁ ପୂରାପୂରି ଛାଡ଼ିବା ଆବଶ୍ୟକ ନାହିଁ, ବରଂ ସଠିକ୍ ପରିମାଣ ଓ ସଠିକ୍ ଉପାୟରେ ଖାଇବା ହିଁ ମୁଖ୍ୟ କଥା।

ହୃଦରୋଗୀଙ୍କୁ ସୁସ୍ଥ ରଖେ 'ଟାଇ ଚି'

ନୂଆ ଅଧ୍ୟୟନ ଅନୁସାରେ ଟାଇ ଚି ହୃଦଘାତ ପୀଡ଼ିତଙ୍କୁ ସୁସ୍ଥ ହେବାରେ ସାହାଯ୍ୟ କରେ। ଚୀନର ଏହି ପ୍ରାଚୀନ ମାର୍ଶଲ ଆର୍ଟ (ବ୍ୟାୟାମ କୌଶଳ) ପାରମ୍ପରିକ ଆରୋଗ୍ୟ କେନ୍ଦ୍ରର ବିକଳ୍ପ ହୋଇପାରେ। ତେବେ ଏହି ଆରୋଗ୍ୟ କେନ୍ଦ୍ରରେ ସକ୍ରିୟ ଭାବେ ଅଂଶଗ୍ରହଣ ନକରିବା ବିପଦପୂର୍ଣ୍ଣ ହୋଇପାରେ ଏବଂ ହୃଦରୋଗୀଙ୍କ ମୃତ୍ୟୁ ଆଶଙ୍କା ୧୮ ପ୍ରତିଶତ ବୃଦ୍ଧି ପାଇଥାଏ ବୋଲି ଏକ ରିପୋର୍ଟରୁ ସ୍ପଷ୍ଟ ହୋଇଛି। ଅଧ୍ୟୟନ ପାଇଁ ହୃଦଘାତ ପୀଡ଼ିତ ୨୯ ଜଣ ବ୍ୟକ୍ତି ଟାଇ ଚି ଶ୍ରେଣୀରେ ଅଭ୍ୟାସର ମଜା ନେଇଥିଲେ। ଧୀମା ଗତିର ବ୍ୟାୟାମ ଜାରି ରଖିବାକୁ ଟାଇ ଚି ଲୋକଙ୍କୁ ଉତ୍ସାହିତ କରିଥାଏ ବୋଲି ଗବେଷକମାନେ ଜାଣିବାକୁ ପାଇଲେ। ଏହି ବ୍ୟାୟାମର ଏକମାତ୍ର ପାର୍ଶ୍ୱ ପ୍ରତିକ୍ରିୟାରେ ମାଂସପେଶୀରେ ସାମୟିକ ଭାବେ ଦରଜ ସେମାନେ ଅନୁଭବ କଲେ। ଏହି ମାର୍ଶଲ୍ ଆର୍ଟ ଅତ୍ୟନ୍ତ ହିତକାରୀ ବୋଲି ବ୍ରାଇନ ୟୁନିଭର୍ସିଟିର ବିଶେଷଜ୍ଞମାନେ ଅନୁଭବ କରିଛନ୍ତି। ଟାଇ ଚିକୁ ଖୁବ ଧୀର ଓ ସହଜ ଭାବେ ଆରମ୍ଭ କରାଯାଇପାରିବ। ତେଣୁ ହୃଦଘାତ ରୋଗୀଙ୍କ ପାଇଁ ଏହା ଏକ ଭଲ ବିକଳ୍ପ ବୋଲି ଅଧ୍ୟୟନର ମୁଖ୍ୟ ଲେଖକ ଡା.ଏଲିନା ସାଲମୋଇରାଗୋ-ବ୍ଲୋଚର୍ କହିଛନ୍ତି। ରୋଗୀଙ୍କ ଆତ୍ମବିଶ୍ୱାସ ବୃଦ୍ଧି ପାଇବା ପରେ ବ୍ୟାୟାମର ବେଗ ଓ ସୋପାନର ତୀବ୍ରତା ବୃଦ୍ଧି କରାଯାଇପାରେ। ଟାଇ ଚି ବ୍ୟାୟାମକୁ କମ୍‌ରୁ ମଧ୍ୟମ ତୀବ୍ରତାର ସ୍ତର ପର୍ଯ୍ୟନ୍ତ ନିଆଯାଇପାରେ ବୋଲି ଏଲିନା କହିଛନ୍ତି। ତେବେ ଏହା ହୃଦରୋଗ ଚିକିତ୍ସାର ଅନ୍ୟ ପାରମ୍ପରିକ ଆରୋଗ୍ୟ କେନ୍ଦ୍ରର ସ୍ଥାନ ନେଇନାହିଁ।

ରୁଖା କେଶକୁ କରିବ ସିଲ୍କି, ଘରେ ବନାନ୍ତୁ ଏହି ଜେଲ୍ !

କେଶ ରୁଖା ହୋଇଯାଉଛି କି ? ହାତକୁ ଟାଆଁସିଆ ଲାଗୁଛି କି ? । ଚମକ ମଧ ଧୀରେ ଧୀରେ ହଜିଯାଉଛି କି ? ତେବେ ଆଉ ଚିନ୍ତା କରନ୍ତୁନି ! କେଶକୁ ସିଲ୍କି ଓ ସାଇନି କରିବା ପାଇଁ ଦାମୀ ଦାମୀ କଣ୍ଡିସନର୍ କିଣିବା ବଦଳରେ ଘରେ ହିଁ ପ୍ରସ୍ତୁତ କରିପାରିବେ ନ୍ୟାଚୁରାଲ୍ ହେୟାର କଣ୍ଡିସନର। ଆଉ ଏଥିପାଇଁ ଆପଣଙ୍କୁ ଦରକାର ପଡ଼ିବ ମାତ୍ର ୪ଟି ସାମଗ୍ରୀ। ରୋଷେଇ ଘରେ ମିଳୁଥିବା ଏହି ସାମଗ୍ରୀ ସାହାଯ୍ୟରେ ଘରେ ହିଁ ବନାଇପାରିବେ ଜେଲ୍ ଭଳି ହେୟାର କଣ୍ଡିସନର। ତେବେ କେମିତି ବନାଇବେ ଏହି କଣ୍ଡିସନର ଆସନ୍ତୁ ଜାଣିବା। ଏହି ହେୟାର କଣ୍ଡିସନର୍ ବନାଇବା ପାଇଁ ଆପଣଙ୍କୁ ଦରକାର ପଡ଼ିବ ପ୍ରାୟ ୨୦ଟି ମନ୍ଦାର ଫୁଲ, ଅଧା କପ୍ ଅଳସୀ ମଞ୍ଜି, ଆବଶ୍ୟକ ଅନୁସାରେ ପାଣି ଏବଂ ପୂର୍ବରୁ ଭିଜାଇ ରଖିଥିବା ଗୋନ୍ଦ କତିରା। ଏବେ ଜାଣନ୍ତୁ ଏହାକୁ ବନାଇବାର ସହଜ ଉପାୟ। ପ୍ରଥମେ ମନ୍ଦାର ଫୁଲକୁ ଭଲ ଭାବେ ଧୋଇ ସଫା କରିନିଅନ୍ତୁ। ଏହାପରେ ଏକ ପାତ୍ରରେ ପାଣି ନେଇ ସେଥିରେ ମନ୍ଦାର ଫୁଲ ପକାନ୍ତୁ। ହାତରେ ଫୁଲକୁ ଭଲ ଭାବେ ଚକଟି ଦିଅନ୍ତୁ, ଯାହାଦ୍ୱାରା ଫୁଲରୁ ଜେଲ୍ ଭଳି ପଦାର୍ଥ ବାହାରିବ। ଏବେ ଏଥିରେ ଅଧା କପ୍ ଅଳସୀ ମଞ୍ଜି ପକାଇ ଭଲ ଭାବେ ମିଶାନ୍ତୁ। ଏହି ମିଶ୍ରଣକୁ ଗ୍ୟାସ୍‌ରେ ବସାଇ ପ୍ରାୟ ୧୫ ମିନିଟ୍ ଫୁଟାନ୍ତୁ। ମଝିରେ ମଝିରେ ଘାଣ୍ଟିବାକୁ ଭୁଲନ୍ତୁ ନାହିଁ। ମିଶ୍ରଣଟି ଧୀରେ ଧୀରେ ଗାଢ଼ ହୋଇ ଜେଲ୍ ଭଳି ହୋଇଗଲେ ଗ୍ୟାସ୍ ବନ୍ଦ କରିଦିଅନ୍ତୁ। ହାଲୁକା ଗରମ ଥିବା ଅବସ୍ଥାରେ ଏହାକୁ ଛାଣି ନିଅନ୍ତୁ ଏବଂ ସମ୍ପୂର୍ଣ୍ଣ ଥଣ୍ଡା ହେବାକୁ ଦିଅନ୍ତୁ। ଏହାପରେ ପୂର୍ବରୁ ଭିଜାଇ ରଖିଥିବା ଗୋନ୍ଦ କତିରା ପକାଇ ମିକ୍ସରରେ ଭଲ ଭାବେ ବ୍ଲେଣ୍ଡ୍ କରନ୍ତୁ। ବାସ୍, ପ୍ରସ୍ତୁତ ହୋଇଗଲା ଘରୋଇ ହେୟାର କଣ୍ଡିସନର।ଏବେ ପ୍ରଶ୍ନ ହେଉଛି, ଏହାକୁ କେମିତି ଲଗାଇବେ ? ପ୍ରଥମେ ନିଜ କେଶକୁ ସାମ୍ପୁରେ ଧୋଇ ନିଅନ୍ତୁ। ଏହାପରେ ପ୍ରସ୍ତୁତ କଣ୍ଡିସନରକୁ କେଶର ମୂଳରେ ନୁହେଁ, ବରଂ କେଶର ଲମ୍ବା ଅଂଶରେ ଭଲ ଭାବେ ଲଗାନ୍ତୁ। ୧୫ରୁ ୨୦ ମିନିଟ୍ ରଖିବା ପରେ ସଫା ପାଣିରେ ଧୋଇ ଦିଅନ୍ତୁ। ମନ୍ଦାର ଫୁଲ ଓ ଅଳସୀ ମଞ୍ଜିରୁ ପ୍ରସ୍ତୁତ ଏହି ଜେଲ୍ କେଶକୁ ନରମ ରଖିବା ଏବଂ ଗୁଡ଼େଇ ହୋଇଥିବା କେଶକୁ ସଜାଡ଼ିବାରେ ସହାୟକ ହୋଇପାରେ। ତେବେ ସମସ୍ତଙ୍କ କେଶରେ ଏହାର ପ୍ରଭାବ ସମାନ ହୋଇନପାରେ। ବ୍ୟବହାର ପୂର୍ବରୁ ଅଳ୍ପ ପରିମାଣରେ ଲଗାଇ ପ୍ୟାଚ୍ ଟେଷ୍ଟ କରନ୍ତୁ। ମନେ ରଖନ୍ତୁ, ନ୍ୟାଚୁରାଲ୍ ହେଲେ ବି ସବୁ ଉପାଦାନ ସମସ୍ତଙ୍କ ପାଇଁ ଉପଯୁକ୍ତ ନୁହେଁ। ତେଣୁ ସତର୍କତାର ସହ ବ୍ୟବହାର କରନ୍ତୁ ଏବଂ ନିଜ କେଶର ଯତ୍ନ ନିଅନ୍ତୁ।

ବାରିପଦା ଉପଖଣ୍ଡ ପାଇଁ ଯୁଗ୍ମ ଜନ ଶୁଣାଣି ଶିବିର ଅନୁଷ୍ଠିତ

ମୋଟ ୨୦୬ ଗୋଟି ଅଭିଯୋଗର ହେଲା ଶୁଣାଣି



ବାରିପଦା,୩/୧୧ (ନି.ପ୍ର): ମୟୂରଭଞ୍ଜ ଜିଲ୍ଲା ସଦର ମହକୁମା ବାରିପଦାରେ ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁସାରେ ଜିଲ୍ଲାପାଳ ହେମକାନ୍ତ ସୟ଼୍ ଙ୍କ ଅଧକ୍ଷତାରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ସମ୍ମିଳନୀ କକ୍ଷରେ ଏକ ଯୁଗ୍ମ ଜନଶୁଣାଣୀ ଶିବିର ଅନୁଷ୍ଠିତ ହୋଇଯାଇଛି । ଉକ୍ତ ଜନଶୁଣାଣୀ ଶିବିରରେ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ବରୁଣ ଗୁଣ୍ଟୁପାଲ୍ଲୀ, ଅତିରିକ୍ତ ଜିଲ୍ଲାପାଳ ନେତ୍ରାନନ୍ଦ ମଲ୍ଲିକ, ଅତିରିକ୍ତ ଜିଲ୍ଲାପାଳ ଦୁଃଖବନ୍ଧୁ ନାୟକ, ଅତିରିକ୍ତ ଜିଲ୍ଲାପାଳ ଇଶ୍ୱର ଚନ୍ଦ୍ର ନାଏକ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଧର୍ମାନନ୍ଦ ବେହେରା, ବାରିପଦା ଉପ-ଜିଲ୍ଲାପାଳ କସ୍ତୁରୀ ପଣ୍ଡା, ବାରିପଦା ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ପ୍ରକଳ୍ପ ପ୍ରଶାସକ ପ୍ରଣୟ ରଞ୍ଜନ ବେହେରା ପ୍ରମୁଖ ଉପସ୍ଥିତ ରହି ଜନସାଧାରଣଙ୍କର ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ । ଆଜିର ଶୁଣାଣିରେ ବାରିପଦା ଉପଖଣ୍ଡର ସର୍ବମୋଟ ୨୦୬ ଗୋଟି ଅଭିଯୋଗର ଶୁଣାଣି କରାଯାଇଛି । ଏଥିରେ ୧୭୧ ଗୋଟି ବ୍ୟକ୍ତିଗତ ସମସ୍ୟା ଆଧାରିତ ଥିବାବେଳେ ୩୫ ଗୋଟି ଗ୍ରାମ୍ୟ ସମସ୍ୟା ଆଧାରିତ ଅଭିଯୋଗ ହୋଇଛି । ଏହାସହ ୧୫ ଜଣଙ୍କୁ ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠିରୁ ଓ ୩ ଜଣଙ୍କୁ ରେଡକ୍ରସ୍ ପାଣ୍ଠିରୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି । ସେହିପରି ଆଜିର ଜନ ଅଭିଯୋଗ ଶୁଣାଣିରେ ଗ୍ରହଣ ହୋଇଥିବା ବିଭିନ୍ନ ବିଭାଗ ସମ୍ପର୍କିତ ଅନ୍ୟାନ୍ୟ ଅଭିଯୋଗ ଗୁଡ଼ିକ ଉପରେ ଅନୁଧ୍ୟାନ ପୂର୍ବକ ବିଚାର କରି ସେଗୁଡ଼ିକର ତ୍ୱରିତ ସମାଧାନ ନିମନ୍ତେ ସମ୍ପୃକ୍ତ ବିଭାଗୀୟ ଅଧିକାରୀ ମାନଙ୍କୁ ଜିଲ୍ଲାପାଳ ଶ୍ରୀ ସୟ଼୍ ନିର୍ଦ୍ଦେଶ ଦେଇଛନ୍ତି । ଜନ ଅଭିଯୋଗ ଶୁଣାଣୀ ଶିବିରରେ ବିଭିନ୍ନ ବିଭାଗର ଜିଲ୍ଲା ସ୍ତରୀୟ ଅଧିକାରୀଙ୍କ ସମେତ ବାରିପଦା ଉପଖଣ୍ଡର ଉପଖଣ୍ଡ ଓ ବ୍ଲକ ସ୍ତରୀୟ ବିଭିନ୍ନ ବିଭାଗୀୟ ଅଧିକାରୀ ମାନେ ଉପସ୍ଥିତ ରହି ଅଭିଯୋଗ ଶୁଣାଣି କାର୍ଯ୍ୟରେ ସହଯୋଗ କରିଥିଲେ । ଉପରୋକ୍ତ ସମସ୍ତ କାର୍ଯ୍ୟକ୍ରମ ପରିଚାଳନାରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର କର୍ମଚାରୀ ମାନେ ସକ୍ରିୟ ଭାବେ ଅଂଶଗ୍ରହଣ କରି ସଫଳ କରିଥିଲେ ।

ଦ୍ୱାଦଶ ଭୀମପାହାଡ଼ ମହୋତ୍ସବର ଲୋଗୋ ଉନ୍ମୋଚିତ: ନଭେମ୍ବର ୯ରୁ ୧୧ ମହୋତ୍ସବ

ବଲାଙ୍ଗୀର,୩/୧୧ (ନି.ପ୍ର): ବଲାଙ୍ଗୀର ଜିଲ୍ଲା ଦେଓଗାଁ ବ୍ଲକ ମକୁନ୍ଦପୁର ଗ୍ରାମପଂଚାୟତର ଭୀମଡୁଙ୍ଗୁରୀ ପର୍ଯ୍ୟଟନସ୍ଥଳୀଠାରେ ଆସନ୍ତା ନଭେମ୍ବରମାସ ୮ ତାରିଖରୁ ୧୨ ତାରିଖ ପର୍ଯ୍ୟନ୍ତ ଦ୍ୱାଦଶ ଭୀମପାହାଡ ମହୋତ୍ସବ-୨୦୨୬ ପାଳିତ ହେବାକୁ ଯାଉଛି। ପ୍ରତିବର୍ଷ ଭଳି ଭୀମପାହାଡ ମହୋତ୍ସବ କମିଟି, ଗିରିଗୋବର୍ଦ୍ଧନ ପୂଜାକମିଟି ତଥା ଅଂଚଳବାସୀଙ୍କ ପକ୍ଷରୁ ଚଳିତବର୍ଷ ମଧ୍ୟ ଦୀର୍ଘ ୫ଦିନ ଧରି ମହୋତ୍ସବ ଆୟୋଜିତ ହେବାକୁଯାଉଛି। ମହୋତ୍ସବ କମିଟି ପକ୍ଷରୁ ଏନେଇ ଆଜି ବଲାଙ୍ଗୀର ସାମ୍ବାଦିକଭବନଠାରେ ମହୋତ୍ସବର ଲୋଗୋକୁ ଉନ୍ମୋଚନ କରିବା ସହ ମହୋତ୍ସବ ବିଷୟରେ ଗଣମାଧ୍ୟମ ଜରିଆରେ ସୂଚନା ଦିଆଯାଇଛି। ମହୋତ୍ସବ କମିଟିର ଅଧ୍ୟକ୍ଷ ଲକ୍ଷ୍ମଣକୁମାର ମେହେରଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବଲାଙ୍ଗିର ଜିଲ୍ଲାପରିଷଦର ଅଧ୍ୟକ୍ଷା ଦେବକୀ ସାହୁ ମୁଖ୍ୟଅତିଥି ଭାବରେ ଯୋଗଦେଇ ଭୀମପାହାଡ ମହୋତ୍ସବ-୨୦୨୬ର ଲୋଗୋକୁ ଉନ୍ମୋଚନ କରିଛନ୍ତି। ଶ୍ରୀ ମେହେର ସୂଚନା ଦେଇଛନ୍ତି ଯେ, ଭୀମପାହାଡ ପର୍ଯ୍ୟଟନସ୍ଥଳୀର ପ୍ରଚାରପ୍ରସାର,ଐତିହ୍ୟ, ସଂସ୍କୃତି, ପରମ୍ପରାର ସୁରକ୍ଷା ତଥା ଅଂଚଳର ବିକାଶ ପାଇଁ ଏହି ମହୋତ୍ସବ ଆୟୋଜିତ ହୋଇଆସୁଛି। ଭୀମପାହାଡ ପର୍ଯ୍ୟଟନସ୍ଥଳୀ ପାଇଁ ପୂର୍ବ ସରକାର ୮କୋଟି ଟଙ୍କାର ଅନୁଦାନ ଦେଇ ଉନ୍ନୟନ କାର୍ଯ୍ୟ କରାଇଛନ୍ତି। ଏବେ ବିଧାୟକ କଳିକେଶ ନାରାୟଣ ସିଂହଦେଓ ଏହାର ପାରିପାର୍ଶ୍ୱିକ ଉନ୍ନୟନ ପାଇଁ ୧୫ କୋଟି ଟଙ୍କାର ଅନୁଦାନ ପାଇଁ ସରକାରଙ୍କୁ ଚିଠି କରିଛନ୍ତି। ପ୍ରଥମଦିନ ନଭେମ୍ବର ୮ ତାରିଖରେ ଅଂଚଳର ମହିଳାଙ୍କ ଦ୍ୱାରା କଳସ ଶୋଭାଯାତ୍ରା ସହିତ ମଶାଲ ଶୋଭାଯାତ୍ରା ଅନୁଷ୍ଠିତ ହେବ। ୯ ତାରିଖରୁ ୧୨ ତାରିଖ ପର୍ଯ୍ୟନ୍ତ ୨୪ପ୍ରହର ନାମଯଜ୍ଞ, ପ୍ରତ୍ୟହ କଂସ ଦରବାର ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବ। ବଲାଙ୍ଗୀର ଜିଲ୍ଲାର ୬ଟି ସାଂସ୍କୃତିକ ଦଳ ସହ ସଂସ୍କୃତି ବିଭାଗ ଓ ଇଜେଡସିସି ପ୍ରାୟୋଜିତ ଦଳକୁ ମିଶାଇ ପ୍ରାୟ ୧୮ଟି ସାଂସ୍କୃତିକ ଦଳ ଏଥିରେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ସେହିପରି ୧୧ ତାରିଖରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହେବ। ଏହି ମହୋତ୍ସବ ଅବସରରେ ବିଶିଷ୍ଟ କଣ୍ଠଶିଳ୍ପୀ ଦୁଃଖିଶ୍ୟାମ ତ୍ରିପାଠୀ, କଳାକାର ସୁରେନ୍ଦ୍ର ସାହୁ, କୋଶଲୀ ଟେଲିଫିଲ୍ମ ନିର୍ମାତା ଯୁଗଳ ସାହୁ, ଜାତୀୟସ୍ତରରେ ଫେନ୍ସିରେ ମେଡାଲ ପାଇଥିବା ଝାନ୍ସିରାଣୀ ସୁନା, ରୁକ୍ମଣୀ ସୁନା, ବିଜ୍ଞାନ ପ୍ରଦର୍ଶନୀରେ ପୁରସ୍କୃତ ହୋଇଥିବା ଲକ୍ଷ୍ମୀପ୍ରିୟା ବାରିକ, ଦେଓଗାଁ ବିଡିଓ ତଥା କଳାକାର ପ୍ରିୟରଂଜନ କୁମାର, ସୋନପୁର ମହାଦେବପାଲିର ରଘୁନାଥ ଯୁବକସଂଘଙ୍କୁ ଭୀମପାହାଡ ସମ୍ମାନ ପ୍ରଦାନ କରାଯିବ। ମହୋତ୍ସବ ସମୟରେ ପ୍ରତ୍ୟହ ଯୋଗଶିବିର ଅନୁଷ୍ଠିତ ହେବ। ଠିକ୍ ସେହିପରି ମାହେଶ୍ୱରୀ ସେନାପକ୍ଷରୁ ରକ୍ତଦାନ ଶିବିର ମଧ୍ୟ କରାଯିବ ବୋଲି ସୂଚନା ଦିଆଯାଇଛି। ଆଜିର ଏହି କାର୍ଯ୍ୟକ୍ରମରେ ଭୀମପାହାଡ ମହୋତ୍ସବ କମିଟିର ଅଧ୍ୟକ୍ଷ ତଥା ପୂର୍ବ ବ୍ଲକ ଅଧ୍ୟକ୍ଷ ଲକ୍ଷ୍ମଣ କୁମାର ମେହେର, ସଭାପତି ପ୍ରମୋଦ କୁମାର ବହିଦାର, ସଂପାଦକ ଗୋବର୍ଦ୍ଧନ ସାହୁ, କୋଷାଧ୍ୟକ୍ଷ ଅଭିମନ୍ୟୁ ମାଝୀ, ଉପଦେଷ୍ଟା ଶୈଳେନ୍ଦ୍ର ସାହୁ, ମକୁନ୍ଦପୁର ସରପଂଚ ଜାନକି ସାହୁ, ଦୟା ମହାକୁର, ରାଜେଶ ନାଏକ, ନନ୍ଦିକିଶୋର ନାଏକ, ପଙ୍କଜ ବର୍ଗତି, ପୀତବାସ ବିଶି, ଜଗତ କୁଅଁର, ଜୟଚନ୍ଦ୍ର ନାଏକ, ଜତନ ବାରିକ, ଯୁବରାଜ ସାହୁ, ଝସକେତନ ଜାନୀ, ନୀଗମ ନାଥ, ସୁବଳ ମହାକୁର ପ୍ରମୁଖ ଉପସ୍ଥିତ ଥିଲେ।

ମଞ୍ଜୁରୀରୋଡ଼ ଡାକ୍ତରଖାନାରେ ଯୋଗଦେଲେ ଡାକ୍ତର

ଭଦ୍ରକ,୩/୧୧ (ନି.ପ୍ର): ମଞ୍ଜୁରୀରୋଡ଼ ଡାକ୍ତରଖାନାରେ ଦୀର୍ଘଦିନ ଧରି ଡାକ୍ତର ନଥିବାରୁ ଏହି ଡାକ୍ତରଖାନା ଉପରେ ନିର୍ଭର କରୁଥିବା ଅଂଚଳର ଲୋକମାନେ ଅସୁବିଧାର ସମ୍ମୁଖୀନ ହେଉଥିଲେ। ଡାକ୍ତର ନିଯୁକ୍ତି ଦେବା ସହ ଅନ୍ୟାନ୍ୟ ସମସ୍ୟାର ସମାଧାନ ପାଇଁ ସ୍ଥାନୀୟ ଲୋକଙ୍କ ଦାବି ସମ୍ପର୍କରେ ଭଦ୍ରକ ଜିଲ୍ଲା ମୁଖ୍ୟ ଚିକତ୍ସାଧିକାରୀଙ୍କ ସହ ଆଲୋଚନା କରାଯାଇଥିଲା। ବିଜେପି ଜିଲ୍ଲା ଉପସଭାନେତ୍ରୀ ତପସ୍ୱିନୀ ମହାପାତ୍ର ସ୍ଥାନୀୟ ଲୋକମାନଙ୍କ ସ୍ୱାକ୍ଷର ସମ୍ବଳିତ ଏକ ସ୍ମାରକପତ୍ର ଭଦ୍ରକ ସାଂସଦ ଅଭିମନ୍ୟୁ ସେଠୀ ଓ ଜିଲ୍ଲା ମୁଖ୍ୟ ଚିକତ୍ସାଧିକାରୀଙ୍କୁ ପ୍ରଦାନ କରିବା ସହ ମଞ୍ଜୁରୀରୋଡ ଡାକ୍ତରଖାନାରେ ସ୍ଥାୟୀ ଡାକ୍ତର ନିଯୁକ୍ତି, ପରିବେଶର ଉନ୍ନୟନ, ନିର୍ମାଣାଧୀନ ଗୃହ ନିର୍ମାଣ କାର୍ଯ୍ୟ ତୁରନ୍ତ ଶେଷ କରି ଏହି ଗୃହରେ ଡାକ୍ତରଖାନା ପରିଚାଳନା କରିବା ପାଇଁ ପଦକ୍ଷେପ ନେବାକୁ ଦାବି କରିଥିଲେ । ସାଂସଦ ଶ୍ରୀ ସେଠୀ ଓ ଜିଲ୍ଲା ମୁଖ୍ୟ ଚିକତ୍ସାଧିକାରୀ ଡାକ୍ତର ପ୍ରମୋଦ କୁମାର ପ୍ରହରାଜ ଯଥାଶୀଘ୍ର ସ୍ଥାୟୀ ଡାକ୍ତର ନିଯୁକ୍ତି ବ୍ୟବସ୍ଥା ସହ ଅନ୍ୟ ସମସ୍ୟା ଦୂର ନେଇ ପଦକ୍ଷେପ ନିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ତଦନୁଯାୟୀ ସୋମବାର ଦିନ ଏହି ଡାକ୍ତରଖାନାରେ ନୂତନ ଡାକ୍ତର ଭାବେ ଡାକ୍ତର ଶୁଭ୍ରାଂଶୁ ଶେଖର ମହାପାତ୍ର ଯୋଗଦେଇଛନ୍ତି। ଏଥିପାଇଁ ସ୍ଥାନୀୟ ଲୋକେ ଖୁସି ବ୍ୟକ୍ତ କରିଛନ୍ତି। ଡାକ୍ତରଖାନାର କର୍ମଚାରୀ ଓ ସ୍ଥାନୀୟ ଲୋକେ ଡାକ୍ତରଙ୍କୁ ସ୍ୱାଗତ କରିଥିଲେ। ଅନ୍ୟାନ୍ୟ ସମସ୍ୟା ଗୁଡ଼ିକ ଯଥାଶୀଘ୍ର ସମାଧାନ ହେବ ବୋଲି ଆଶା ପ୍ରକାଶ ପାଇଛି।

ବୈଜ୍ଞାନିକ ମେଧା ଅନ୍ୱେଷା ଡ୍ରାଇଭ -୨୦୨୬



ବାରିପଦା,୩/୧୧ (ନି.ପ୍ର): ମୟୂରଭଞ୍ଜ ଓ ବାଲେଶ୍ୱର ଜିଲ୍ଲାର କଲେଜ ଏବଂ ହାୟର ସକେଣ୍ଡରୀ ପାଠ୍ୟକ୍ରମ ବିଜ୍ଞାନ ଶ୍ରେଣୀରେ ଅଧ୍ୟୟନରତ ଛାତ୍ରଛାତ୍ରୀଙ୍କ ରାଷ୍ଟ୍ରହିତ ତଥା ମାନବ କଲ୍ୟାଣ ପାଇଁ ଉଦ୍ଦିଷ୍ଟ ସ୍ୱନିର୍ମିତ ବୈଜ୍ଞାନିକ ପ୍ରକଳ୍ପ ଗୁଡ଼ିକର ପ୍ରଦର୍ଶନୀ ରାଜ୍ୟର ଅନ୍ୟତମ ବିଜ୍ଞାନ ଫରୋମ ଆହ୍ୱାନ ଓ ବାରିପଦା ଡିଗ୍ରୀ କଲେଜର ମିଳିତ ସହଯୋଗରେ ବାରିପଦା କଲେଜ ଠାରେ ଅନୁଷ୍ଠିତ ହୋଇଯାଇଅଛି। ବିଜ୍ଞାନ ଭିତ୍ତିକ ଏହି ଶୈକ୍ଷିକ କାର୍ଯ୍ୟକ୍ରମକୁ ମହାରାଜା ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର ମାନ୍ୟବର କୁଳପତି ପ୍ରଫେସର ମହେନ୍ଦ୍ର କୁମାର ମହାନ୍ତି ଉଦଘାଟନ କରିଥିଲେ। ପ୍ରଦର୍ଶନୀରେ ଭାଗ ନେଇଥିବା ସମସ୍ତ ପ୍ରକଳ୍ପକୁ ପ୍ରଖ୍ୟାତ କୃଷିବିଜ୍ଞାନୀ ଓ ବିଶିଷ୍ଟ ଅନୁସନ୍ଧାନ ମାର୍ଗଦର୍ଶକ ମାନ୍ୟବର କୁଳପତି ବୁଲି ଦେଖି ଥିଲେ। ପ୍ରଦର୍ଶନୀର ଡିଗ୍ରୀ ଲେବେଲ ବରିଷ୍ଠ ବିଭାଗରେ ପନ୍ଦର ଗୋଟି ପ୍ରକଳ୍ପ ଭାଗ ନେଇଥିବା ବେଳେ ହାୟର ସକେଣ୍ଡରୀ କନିଷ୍ଠ ବିଭାଗରେ ସତର ଗୋଟି ପ୍ରକଳ୍ପ ଭାଗନେଇଥିଲେ। ବରିଷ୍ଠ ବିଭାଗରେ ଏମ.ପି.ସି. ସ୍ୱୟଂ ଶାସିତ ମହାବିଦ୍ୟାଳୟ ବାରିପଦାର ଅଧ୍ୟାପିକା ଦୀପିକା ରଣାଙ୍କ ମାର୍ଗଦର୍ଶନ ରେ ଖ୍ୟାତି ଦାସ, ସ୍ମିତି ଶତପଥୀ ଓ ଧୀରଜ କୁମାର ଦେଙ୍କ ପ୍ରସ୍ତୁତ ପ୍ରକଳ୍ପ, ଅଧ୍ୟାପିକ କୌଶିକ ଘୋଷଙ୍କ ମାର୍ଗଦର୍ଶନ ଓ ତତ୍ତ୍ୱାବଧାନରେ ସୌମ୍ୟରଞ୍ଜନ ବେହେରା, ନରେଶ କୁମାର ମହାନ୍ତ ଓ ରଞ୍ଜନ କୁମାର ଦାସଙ୍କ ପ୍ରସ୍ତୁତି ଏବଂ ଅଧ୍ୟାପିକା ଡଃ ଅନ୍ନପୂର୍ଣ୍ଣା ଧଳଙ୍କ ମାର୍ଗଦର୍ଶନ ଓ ତତ୍ତ୍ୱାବଧାନରେ କୃଷ୍ଣଚନ୍ଦ୍ର ପରିଡ଼ା, ପ୍ରତ୍ୟୁଷ କୁମାର ବେହେରାଙ୍କ ପ୍ରକଳ୍ପ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ଶ୍ରେଷ୍ଠ ବିବେଚିତ ହୋଇଛନ୍ତି। ସେହିପରି କନିଷ୍ଠ ବିଭାଗରେ ଏମ.ଏସ.ଇ. ହାୟର ସକେଣ୍ଡରୀ ସ୍କୁଲ ଲକ୍ଷ୍ମୀପୋଷିର ଅଧ୍ୟାପକ ବିଭୁ ରଞ୍ଜନ ବେହେରାଙ୍କ ମାର୍ଗଦର୍ଶନରେ ସାଗର ମଣ୍ଡଳ, କ୍ରିସ ମଣ୍ଡଳ ଓ ତନ୍ମୟ ଜେନାଙ୍କ ପ୍ରକଳ୍ପ, ଡି.ଏ.ଭି. ପବ୍ଲିକସ୍କୁଲ ବାଲେଶ୍ୱରର ଅଧ୍ୟାପକ ଧର୍ମାନନ୍ଦ ସାହୁଙ୍କ ତତ୍ତ୍ୱାବଧାନରେ ନିଖିଲ କୁମାର ଜେନା, ଋଷିରାଜ ନାୟକ ଓ ମୃତ୍ୟୁଞ୍ଜୟ ରଥଙ୍କ ପ୍ରସ୍ତୁତି ଏବଂ ସ୍ୱାମୀ ବିବେକାନନ୍ଦ ଶିକ୍ଷାଶ୍ରମ ଶିରିଶବଣି ବାରିପଦାର ଅଧ୍ୟାପକ ପ୍ରତ୍ୟୁଷ ମହାନ୍ତଙ୍କ ତତ୍ତ୍ୱାବଧାନରେ ହରି ପ୍ରସାଦ ଦେବତା, ଶ୍ରୁତିରେଖା ଖିଲାର ଓ ରୂପେଶ କୁମାର ସାହୁଙ୍କ ପ୍ରଜେକ୍ଟ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ଶ୍ରେଷ୍ଠ ବିବେଚିତ ହୋଇଛନ୍ତି। ଆହ୍ୱାନର ସଭାପତି ପଦ୍ମନାଭ ସାହୁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ପୁରସ୍କାର ବିତରଣ ସମାରୋହରେ ଆଇ.ଟି.ଆର. ଡି.ଆର.ଡି.ଓ. ଚାନ୍ଦିପୁରର ଅତିରିକ୍ତ ନିର୍ଦ୍ଦେଶକ ବରିଷ୍ଠ ବୈଜ୍ଞାନିକ ଡ଼ଃ. ନୀଳାଦ୍ରି ରୟ ମୁଖ୍ୟ ଅତିଥି, କିଟସ ବିଶ୍ୱବିଦ୍ୟାଳୟର ଆସୋସିଏଟ ପ୍ରଫେସର ଡ.ମୃଣ୍ମୟ ଗିରି, ମୁଖ୍ୟ ବକ୍ତା ଭାବେ ଯୋଗଦେଇ କୃତି ଛାତ୍ରଛାତ୍ରୀଙ୍କୁ ଟ୍ରଫି ଦେବା ସହିତ ଅନୁଷ୍ଠାନ ତରଫରୁ ଅଂଶଗ୍ରହଣକାରୀ କଲେଜ ଓ ଶିକ୍ଷାନୁଷ୍ଠାନମାନଙ୍କୁ ମୋମେଣ୍ଟ ମଧ୍ୟ ପ୍ରଦାନ କରିଥିଲେ। ଆୟୋଜକ କଲେଜ ଅଧ୍ୟକ୍ଷ ଡଃ ପ୍ରବୋଧ କୁମାର ଦେ, ବାରିପଦା ହାୟର ସେକେଣ୍ଡାରୀ ସ୍କୁଲର ଅଧ୍ୟକ୍ଷ ରାଜେଶ କୁମାର ଷଡଙ୍ଗୀ, ଆହ୍ୱାନର କାର୍ଯ୍ୟକାରୀ ସଭାପତି ଡ.ପ୍ରକାଶ ଚନ୍ଦ୍ର ମହାପାତ୍ର, ଆବାହକ ସତ୍ୟଦୀପ ନାୟକ ମଧ୍ୟ ପୁରସ୍କାର ବିତରଣ ସଭାରେ ବକ୍ତବ୍ୟ ରଖିଥିଲେ। ବରିଷ୍ଠ ସଦସ୍ୟା ଡଃ. ଅନ୍ନପୂର୍ଣ୍ଣା ଧଳ ଧନ୍ୟବାଦ ଅର୍ପଣ କରିଥିବା ବେଳେ ପ୍ରଫେସର ବନଜା ମହାନ୍ତି, ଅଧ୍ୟାପକ ଅରୁଣ କୁମାର ପାତ୍ର, ଅଧ୍ୟାପକ ସଞ୍ଜିତ କୁମାର ଦାସ, ମେଘମାଳା ବେହେରା, ଜୟନ୍ତ କୁମାର ଦ୍ୱରୀ, ଡ. ଅନୁପମା ଭୋଳ, ସୁଶାନ୍ତି ପ୍ରଧାନ, ଅଧ୍ୟାପିକା ସ୍ମିତା ଦାସ, ମାନସ ରଂଜନ ଶୁକ୍ଳା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହାୟତା କରିଥିଲେ।

୮୨ ବର୍ଷର ପଦାର୍ପଣ କଲା ତିହିଡ଼ିରେ ମା' ଶ୍ୟାମା କାଳୀପୂଜା

ଭଦ୍ରକ,୩/୧୧ (ନି.ପ୍ର): ତିହିଡ଼ି ବଜାରସ୍ଥିତ ମା ଶ୍ୟାମାକାଳୀ ପୂଜା ଆଜକୁ ୮୨ ବର୍ଷ ଧରି ପାଳିତ ହୋଇଆସୁଅଛି ।ଶ୍ୟାମାକାଳୀ ପାଇଁ ତିହିଡିରେ ସ୍ୱତନ୍ତ୍ର ପରିଚୟ ରହିଛି ।ମା କାଳୀଙ୍କ ମନ୍ଦିର ସମ୍ମୁଖରେ ଥିବା ପଡିଆକୁ କାଳିପଡିଆ ବୋଲି କୁହାଯାଉଛି ।ସେହିପରି କାଳୀଙ୍କ ନାମରେ ମଧ୍ୟ ଶ୍ୟାମା କ୍ଲବ ରହିଛି। ଶ୍ୟାମାକାଳୀ ପୂଜା ଏ ଅଂଚଳର ଗୁରୁତ୍ୱ ବଢ଼ାଉଛି ।ସବୁ ବର୍ଷ ପରି ଚଳିତ ବର୍ଷ ବଡ ଧୁମ ଧାମରେ ପାଳିତ ହୋଇଛି ଶ୍ୟାମାକାଳୀଙ୍କ ପୂଜା। ଏଥି ପାଇଁ ପୂଜା କମିଟି ପକ୍ଷରୁ ବ୍ୟାପକ ପ୍ରସ୍ତୁତ ଦିଆଯାଇଛି। ମା ଙ୍କ ମୃଣ୍ମୟ ମୂର୍ତି ନିର୍ମାଣ କରାଯାଇ ପୂଜାର୍ଚ୍ଚନା କରାଯାଇଛି। ମା ଙ୍କ ନିକଟରେ ସଚେତନତା ମୂଳକ ପାର୍ଶ୍ୱ ଚିତ୍ର ଆହୁରି ଶୋଭା ବଢ଼ାଉଛି। ଚଳିତ ବର୍ଷ ଶ୍ୟାମାକାଳୀଙ୍କ ପୂଜା ପାଇଁ ତିହିଡ଼ି ବଜାର ଝଲସୁଛି । ଆକର୍ଷଣୀୟ ତୋରଣ ଓ ଆଲୋକ ମାଳରେ ମନ୍ଦିରକୁ ସୁସଜ୍ଜିତ କରାଯାଇଛି। ଏଥିସହ ବିଭିନ୍ନ ଦୋକାନ ବଜାର, ମିନାବଜାର ଓ ଦୋଳି ଖେଳ ସହିତ ସୁନ୍ଦର ସଜ୍ଜା ଭକ୍ତଙ୍କୁ ଆକର୍ଷିତ କରୁଛି ।ଶ୍ୟାମାକାଳୀ ପୂଜା ସ୍ଥାନୀୟ ଲୋକ ଓ ତିହିଡ଼ି ବଜାରର ଦୋକାନୀ ମାନଙ୍କ ସହଯୋଗରେ ୧୯୪୫ ମସିହାରୁ ଆଜି ପର୍ଯ୍ୟନ୍ତ ପ୍ରତି ବର୍ଷ ନିରାବିଚ୍ଛିନ୍ନ ଭାବେ ପାଳିତ ହୋଇଆସୁଛି। ସେତେବେଳେ ତିହିଡ଼ି ଡାକ୍ତରଖାନାର ଜଣେ କମ୍ପାଉଣ୍ଡର ଓ ଜଣେ ପୋଲିସ ଅଧିକାରୀ ଶ୍ୟାମାକାଳୀ ପୂଜା ଆରମ୍ଭ କରିଥିଲେ। ପରେ ଚେମେଇ ନାୟକ, ଇନ୍ଦ୍ରମଣି ଯତି ଓ ଗିରିଧାରୀ ଦାସ ପ୍ରମୁଖ ପୂଜାର ପରମ୍ପରାକୁ ବଜାୟ ରଖିଥିଲେ। ପରବର୍ତୀ ସମୟରେ ୧୯୫୨ ମସିହାରେ ସେମାନେ ଏକ ପକ୍କା ମଣ୍ଡପ ନିର୍ମାଣ କରିଥିଲେ।

ଜିଲ୍ଲାସ୍ତରୀୟ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର: ୧୮୦ଟି ଅଭିଯୋଗ ପଞ୍ଜିକୃତ, ୪୮ଟିର ତୁରନ୍ତ ସମାଧାନ

କେନ୍ଦୁଝର,୩/୧୧ (ନି.ପ୍ର): କେନ୍ଦୁଝର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ଦରବାର ହଲ୍ରେ ସୋମବାର ଜିଲ୍ଲାସ୍ତରୀୟ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ବିଶାଲ ସିଂହଙ୍କ ନିର୍ଦ୍ଦେଶକ୍ରମେ ଆୟୋଜିତ ଏହି ଶିବିରରେ ଜିଲ୍ଲାର ବିଭିନ୍ନ ଅଂଚଳରୁ ଆସିଥିବା ଜନସାଧାରଣ ନିଜ ନିଜର ବ୍ୟକ୍ତିଗତ ଓ ସାମୂହିକ ସମସ୍ୟା ସମ୍ପର୍କରେ ଅଭିଯୋଗ ଉପସ୍ଥାପନ କରିଥିଲେ। ଜିଲ୍ଲାର ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ରହି ଅଭିଯୋଗଗୁଡ଼ିକର ଶୁଣାଣି କରିବା ସହ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରିଥିଲେ। ଆଜିର ଏହି ଶିବିରରେ ମୋଟ ୧୮୦ଟି ଅଭିଯୋଗ ପଞ୍ଜିକୃତ ହୋଇଥିବାବେଳେ ସେଥିମଧ୍ୟରୁ ୧୪୨ଟି ବ୍ୟକ୍ତିଗତ ଏବଂ ୩୮ଟି ସାମୂହିକ ଅଭିଯୋଗ ରହିଥିଲା। ଏଥିସହ ରେଡକ୍ରସ ପାଣ୍ଠିରୁ ସହାୟତା ପାଇବା ନିମନ୍ତେ ୬ଟି ଆବେଦନ ମଧ୍ୟ ଗ୍ରହଣ କରାଯାଇଥିଲା। ପଞ୍ଜିକୃତ ଅଭିଯୋଗଗୁଡ଼ିକ ମଧ୍ୟରୁ ୪୮ଟିର ତୁରନ୍ତ ସମାଧାନ କରାଯାଇଥିବାବେଳେ ଅବଶିଷ୍ଟ ଅଭିଯୋଗଗୁଡ଼ିକର ଆଶୁ ସମାଧାନ ନିମନ୍ତେ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ ପାଇଁ କୁହାଯାଇଥିଲା। ଏହି ଶିବିରରେ ଜିଲ୍ଲା ବନଖଣ୍ଡ ଅଧିକାରୀ ଧନରାଜ ହନୁମନ୍ତ ଧାମଧେରେ, ଆରକ୍ଷୀ ଅଧୀକ୍ଷକ ନୀତିନ କୁଶଲକର, ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ମନ୍ଦରଧର ମହାଳିକ,ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ କୁମାର ନାଗଭୂଷଣ, ସିଡିଏମ୍ଓ ତଥା ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ଧନେଶ୍ୱର ସେଠୀଙ୍କ ସମେତ ବିଭିନ୍ନ ବିଭାଗର ମୁଖ୍ୟ ଓ ଅଧିକାରୀମାନେ ଉପସ୍ଥିତ ରହି ଅଭିଯୋଗଗୁଡ଼ିକର ଶୁଣାଣି କରିଥିଲେ। ଜନସାଧାରଣଙ୍କ ଅଭିଯୋଗର ତ୍ୱରିତ ସମାଧାନ ଓ ସରକାରୀ ସେବାକୁ ଅଧିକ ଲୋକାଭିମୁଖୀ କରିବା ଉଦ୍ଦେଶ୍ୟରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଆଗାମୀ ଦିନରେ ବିଭିନ୍ନ ପଂଚାୟତ ସମିତି କାର୍ଯ୍ୟାଳୟରେ ଜନ ଅଭିଯୋଗ ଶୁଣାଣି ଶିବିର ଆୟୋଜନ କରାଯିବ। ଏହି କ୍ରମରେ ନିମ୍ନଲିଖିତ ତାରିଖରେ ଶିବିର ଅନୁଷ୍ଠିତ ହେବ। ୯ ନଭେମ୍ବର ୨୦୨୬ (ସୋମବାର): ପଂଚାୟତ ସମିତି କାର୍ଯ୍ୟାଳୟ, ହାଟଡିହି। ୧୬ ନଭେମ୍ବର ୨୦୨୬ (ସୋମବାର): ପଂଚାୟତ ସମିତି କାର୍ଯ୍ୟାଳୟ, ବାଂଶପାଳ। ୨୩ ନଭେମ୍ବର ୨୦୨୬ (ସୋମବାର): ପଂଚାୟତ ସମିତି କାର୍ଯ୍ୟାଳୟ, ଚମ୍ପୁଆ। ୩୦ ନଭେମ୍ବର ୨୦୨୬ (ସୋମବାର): ପଂଚାୟତ ସମିତି କାର୍ଯ୍ୟାଳୟ, ଘଟଗାଁ। ଜନସାଧାରଣ ନିଜ ନିଜ ଅଂଚଳରେ ଆୟୋଜିତ ହେବାକୁ ଥିବା ଏହି ଶିବିରଗୁଡ଼ିକରେ ଯୋଗଦେଇ ନିଜର ସମସ୍ୟା ଓ ଅଭିଯୋଗ ଉପସ୍ଥାପନ କରିବାକୁ ଜିଲ୍ଲା ପ୍ରଶାସନ ପକ୍ଷରୁ ଅନୁରୋଧ କରାଯାଇଛି।

ବିଜେଡିର ସ୍ୱତନ୍ତ୍ର ଟିମ୍ ସ୍ୱାଭିମାନ ଅଂଚଳ ଓଡ଼ିଶା-ଆନ୍ଧ୍ର ସୀମାନ୍ତ ୩ ଗ୍ରାମବାସୀଙ୍କ ସହ ଆଲୋଚନା

ମାଲକାନଗିରି ,୩/୧୧ (ନି.ପ୍ର): ମାଲକାନଗିରି ଜିଲ୍ଲା ଚିତ୍ରକୋଣ୍ଡା ନିର୍ବାଚନ ମଣ୍ଡଳୀ ର ଚିତ୍ରକୋଣ୍ଡା ବ୍ଲକ ଧୂଳିପୁଟ ଗ୍ରାମ ପଂଚାୟତ ଅଧିନସ୍ଥ ଝୁମ୍ ଡାଙ୍ଗ ,ବାଙ୍ଗୁରସୁଧା ଏବଂ ସୁଆ ପାଲ୍ଲୀ ଗ୍ରାମରେ ମାଲକାନଗିରି ଜିଲ୍ଲା ବିଜୁ ଜନତା ଦଳର ଏକ ସ୍ୱତନ୍ତ୍ର ଟିମ୍ ଜିଲ୍ଲା ସଭାପତି ତଥା ପୂର୍ବତନ ବିଧାୟକ ମାନସ ମାଡକାମୀଙ୍କ ନେତୃତ୍ୱରେ ଜିଲ୍ଲା ସ୍ତରୀୟ ଏବଂ ବ୍ଲକ ସ୍ତରୀୟ ବିଜେଡି ପ୍ରତିନିଧି ଟିମ୍ ତଥା ମାଲକାନଗିରି ଜିଲ୍ଲା ପରିଷଦ ଅଧ୍ୟକ୍ଷା ସମାରି ଟାଙ୍ଗୁଲ , ଚିତ୍ରକୋଣ୍ଡା ବ୍ଲକ ଅଧ୍ୟକ୍ଷା ରାଜେଶ୍ୱରୀ ଖିଲ ଏବଂ କରୁକୋଣ୍ଡା ବ୍ଲକ ଅଧ୍ୟକ୍ଷ ଜିତୁ ବୁରୁଡ଼ି ଓଡିଶା ର ଆନ୍ଧ୍ର ସୀମାନ୍ତ ଗ୍ରାମ ଝୁମ୍ ଡାଙ୍ଗ ଗ୍ରାମରେ ପହଂଚି ସ୍ଥାନୀୟ ଜନ ସାଧାରଣଙ୍କ ସହ ସିଧାସଳଖ ଆଲୋଚନା କରିଛନ୍ତି । ବର୍ତମାନ ଆନ୍ଧ୍ରପ୍ରଦେଶ ର ପଂଚାୟତ ନିର୍ବାଚନ ହେବାକୁ ଥିବା ବେଳେ ଓଡିଶାର ଆନ୍ଧ୍ର ସୀମାନ୍ତ ଗ୍ରାମ ଝୁମ୍ ଡାଙ୍ଗ ,ବାଙ୍ଗୁରସୁଧା ଏବଂ ସୁଆ ପାଲ୍ଲୀ ଗ୍ରାମର ଲୋକମାନେ ଆନ୍ଧ୍ରପ୍ରଦେଶ ର ପଂଚାୟତ ନିର୍ବାଚନ ରେ ଭୋଟ୍ ଦେଇ ସମର୍ଥନ କରିବା କଥା ଶୁଣି ବିଜୁ ଜନତା ଦଳର ଟିମ୍ ସେମାନଙ୍କ ପାଖରେ ପହଂଚିଥିଲେ । ଅତୀତରେ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏ ଅଂଚଳର ବିକାଶ କରିଥିଲେ ,ସମସ୍ତ ମୌଳିକ ସୁବିଧା ସୁଯୋଗ ଯୋଗାଇ ଦେଇ ଥିଲେ!,ଗୁରୁପ୍ରିୟା ସେତୁ ନିର୍ମାଣ ହେବା ପରେ ସମସ୍ତ ପ୍ରକାର ସୁବିଧା ଯୋଗାଇ ଦିଆ ଯାଇଥିଲା । କିନ୍ତୁ ବର୍ତମାନ ଏ ଡବଲ ଇଞ୍ଜିନ ସରକାର ଅଢେଇ ବର୍ଷ ଭିତରେ କୌଣସି ସେଭଳି ସୁବିଧା ସୁଯୋଗ ଦେଇନାହାନ୍ତି । ବର୍ତମାନ ଏହି ଅଂଚଳର କଂଗ୍ରେସ୍ ର ବିଧାୟକ ମଙ୍ଗୁ ଖିଲ ଏବଂ ଭାରତୀୟ ଜନତା ପାର୍ଟି ଡବଲ ଇଞ୍ଜିନ ର ମାନ୍ୟବର ସାଂସଦ ବଳଭଦ୍ର ମାଝୀ ଅଂଚଳର କୌଣସି ସମସ୍ୟା ସମ୍ପର୍କରେ ପାର୍ଲାମେଂଟ କିମ୍ବା ବିଧାନସଭା ରେ ଉପସ୍ଥାପନ କରିନାହାନ୍ତି । ଏଥିପାଇଁ ଏ ଅଂଚଳର ଜନ ସାଧାରଣ ବର୍ତମାନ କଂଗ୍ରେସ୍ ଓ ବିଜେପି କୁ ଭରସା କରି ପାରୁ ନାହାନ୍ତି କାରଣ ପିଇବା ପାଣି ମିଳୁ ନାହିଁ , ଆବାସ ଯୋଜନା , ଜଙ୍ଗଲ ଜମି ପଟ୍ଟା ,ଘରବାରି ପଟ୍ଟା , ବୁଢ଼ାବୁଢ଼ୀ ବାର୍ଦ୍ଧକ୍ୟ ଭତା ୩ ହଜାର ଟଙ୍କା ,ସୁଭଦ୍ରା ଯୋଜନା , ୩୦୦ ୟୁନିଟ୍ ବିଜୁଳୀ ମାଗଣା ଦେବୁ କହିଥିଲେ ତାହା ମଧ୍ୟ ଦେଇ ନାହାନ୍ତି ଏହିଭଳି ଅନେକ ସମସ୍ୟା ଏହି ଅଢେଇ ବର୍ଷ ମଧ୍ୟରେ ଡବଲ ଇଞ୍ଜିନ ସରକାର ଙ୍କ ଆସ୍ଥା ପ୍ରକଟ କରି ଏବଂ କଂଗ୍ରେସ୍ ବିଧାୟକ ଙ୍କ ଆସ୍ଥା ପ୍ରକଟ କରି ଭୋଟ୍ ଦେଇଥିଲେ ସେ ସମ୍ପୂର୍ଣ୍ଣ ଭାବେ ଭୁଶୁଡି ଯାଇଛି !। ମାଲକାନଗିରି ଜିଲ୍ଲା ବିଜୁ ଜନତା ଦଳର ଟିମ୍ ଆସି ଏଠାରେ ଦେଖିବା କୁ ପାଇଥିଲେ ସମସ୍ତ ଙ୍କ ଆଧାର କାର୍ଡ ଡବଲ୍ ,ରାସନ୍ କାର୍ଡ ଡବଲ୍ , କୁଲି କାର୍ଡ ଡବଲ୍ । ଏ ଅଂଚଳର ଲୋକ ଆନ୍ଧ୍ର ରେ ଯେଉଁ ସୁବିଧା ପାଉଛନ୍ତି ମେଡିକାଲ ହେଉ କି ଅନ୍ୟାନ୍ୟ ସୁବିଧା ପାଉଛନ୍ତି ସେଥିପାଇଁ ଏମାନେ ଆନ୍ଧ୍ରପ୍ରଦେଶର ପଂଚାୟତ ନିର୍ବାଚନ ରେ ଭୋଟ୍ ଦେବା ପାଇଁ ନିଷ୍ପତି ନେଇଥିଲେ କିନ୍ତୁ ବିଜୁ ଜନତା ଦଳର ଟିମ୍ ଆସି ବୁଝାଇଲା ପରେ ବୁଝିଲେ ! ଏଥିର ଏ ଅଂଚଳର ଗ୍ରାମବାସୀ କେବଳ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ବାବୁ ହୀ ଆମ ଦୁଃଖ ବୁଝୁଥିଲେ ବର୍ତମାନ ଡବଲ ଇଞ୍ଜିନ ସରକାର ଆମ କଥା ବୁଝୁ ନାହାନ୍ତି ବୋଲି କହିବା ସହ ବିଜୁ ଜନତା ଦଳ ତରଫରୁ ବୁଝାଇଛନ୍ତି ସେଥିପାଇଁ ଆପଣମାନଙ୍କ କଥା ଏବଂ ବିଶ୍ୱାସ ଭରଷା କରି ଜିଲ୍ଲା ବିଜୁ ଜନତା ଦଳର ସଭାପତି ତଥା ପୂର୍ବତନ ବିଧାୟକ ମାଲକାନଗିରି ,ଜିଲ୍ଲା ପରିଷଦ ଅଧ୍ୟକ୍ଷା , ଜିଲ୍ଲା ପରିଷଦ ସଭ୍ୟ, ସଭ୍ୟା ,ଚିତ୍ରକୋଣ୍ଡା ବ୍ଲକ ଅଧ୍ୟକ୍ଷା ଙ୍କ ଉପରେ ଆସ୍ଥା ପ୍ରକଟ କରି ଆଜି ଆମ୍ଭେ ପୁଣି ଓଡ଼ିଶାର ନବୀନ ପଟ୍ଟନାୟକ ବାବୁଙ୍କର ଉପରେ ଭରଷା କରି ଓଡ଼ିଶାର କଥା ଶୁଣି ଓଡିଶା ସହିତ ରହିବୁ ବୋଲି ୱାର୍ଡ ମେମ୍ବର ସିତାମା ହନ୍ତାଳ , ନାକା ରାଜୁ ଖିଲ ,କାଳିଆ ହନ୍ତାଳ, ମାଲେଶ ରାଓ ହନ୍ତାଳ ,ଜାନବ୍ରି ହନ୍ତାଳ ,ଡମ୍ବୁ ଖିଲ , ସାରିୟା ଗୋଲରୀ ,ଶିବାଜୀ ହନ୍ତାଳ ,ଭେଙ୍କେଟ ରାଓ ହନ୍ତାଳ ,ସାମସନ ହନ୍ତାଳ, ବାବୁ ରାଓ ହନ୍ତାଳ ,ଚିନା ରାଓ ଖିଲ ,ଅଟେଶ୍ ରାଓ ହନ୍ତାଳ ,କେଶବ ରାଓ ଗଲରି ,ମାନିଙ୍ଗା ହନ୍ତାଳ ପ୍ରମୁଖ ପ୍ରତିଶ୍ରୁତି ଦେଇଛନ୍ତି । ଝୁମ୍ ଡାଙ୍ଗ ଗ୍ରାମ ,ବାଙ୍ଗୁରସୁଧା ଗ୍ରାମ ଏବଂ ସୁଆ ପାଲ୍ଲୀ ଗ୍ରାମର ଏହି ପଦକ୍ଷେପ କୁ ମାଲକାନଗିରି ଜିଲ୍ଲା ବିଜୁ ଜନତା ଦଳର ଜିଲ୍ଲା ସଭାପତି ତଥା ପୂର୍ବତନ ବିଧାୟକ ମାନସ ମାଡକାମୀ ନିର୍ଦ୍ଦିଷ୍ଟ ଭାବରେ ମାଲକାନଗିରି ଜିଲ୍ଲାର ଜିଲ୍ଲା ପ୍ରଶାସନ ଏବଂ ଚିତ୍ରକୋଣ୍ଡା ବ୍ଲକ ଉନ୍ନୟନ ଅଧିକାରୀ ଓ ଚିତ୍ରକୋଣ୍ଡା ତହସିଲଦାରଙ୍କ ସହ ଆଲୋଚନା କରି ଧୂଳିପୁଟ ଗ୍ରାମ ପଂଚାୟତ ଓ ପାପେରମେଟାଲ ଗ୍ରାମ ପଂଚାୟତ ର ସମସ୍ତ ସୁବିଧା ସୁଯୋଗ ଯୋଗାଇ ଦେବା ପାଇଁ ବ୍ୟବସ୍ଥା କରିବା କହିବା ସହ ଓଡ଼ିଶା ରାଜ୍ୟ ମାଲକାନଗିରି ଜିଲ୍ଲା ର ଆନ୍ଧ୍ରପ୍ରଦେଶ ଓ ଛତିଶଗଡ ସୀମାନ୍ତ ସମସ୍ତ ଗ୍ରାମ ମାନଙ୍କୁ ଆଦର୍ଶ ଗ୍ରାମ କରିବା ପାଇଁ ଉନ୍ନତି ମୂଳକ ପଦକ୍ଷେପ ନିଅନ୍ତୁ ନଚେତ ଆଗାମୀ ଦିନରେ ମାଲକାନଗିରି ଜିଲ୍ଲା ପ୍ରଶାସନ ଓ ଡବଲ ଇଞ୍ଜିନ ରାଜ୍ୟ ସରକାର ବିରୁଦ୍ଧରେ ବିଜୁ ଜନତା ଦଳ ତରଫରୁ ଲଢ଼େଇ କରିବୁ ଓ ତା ସହିତ ସୀମାନ୍ତ ଗ୍ରାମ ଗୁଡିକ ଆଦର୍ଶ ଗ୍ରାମରେ ପରିଣତ କରିବା ନ ଯାଏ ଏ ଲଢ଼େଇ ଜାରି ରହିବ ବୋଲି ସଭାପତି ମାନସ ମାଡକାମୀ କହିଛନ୍ତି । ବିଜୁ ଜନତା ଦଳର ଏହି ସ୍ୱତନ୍ତ୍ର ଟିମ୍ ମଧ୍ୟରେ ସଂଖ୍ୟାଲଘୁ ସେଲ୍ ଜିଲ୍ଲା ସଭାପତି ରାଜେନ୍ଦ୍ର ଖସଲା , ବିଜେଡି ଜିଲ୍ଲା ସାଧାରଣ ସମ୍ପାଦକ ସତ୍ୟ ପାଣିଗ୍ରାହୀ ,ବିଜେଡି ଜିଲ୍ଲା ସମ୍ପାଦକ ସଦାନନ୍ଦ ଖରା ,ଚିତ୍ରକୋଣ୍ଡା ବ୍ଲକ ସଭାପତି ରାମଚନ୍ଦ୍ର ଗାଲେଲ ,ଚିତ୍ରକୋଣ୍ଡା ବ୍ଲକ ସାଧାରଣ ସମ୍ପାଦକ ତପନ ସାହା ପ୍ରମୁଖ ଙ୍କ ସହ ବିଜୁ ଜନତା ଦଳର ସମସ୍ତ ବରିଷ୍ଠ କର୍ମକର୍ତା ଉପସ୍ଥିତ ଥିଲେ ।

ବନ୍ତ ତହସିଲରେ ନୂତନ ତହସିଲଦାର

ଭଦ୍ରକ,୩/୧୧ (ନି.ପ୍ର): ବନ୍ତ ତହସିଲ କାର୍ଯ୍ୟାଳୟରେ ସାଇଶ୍ରୀ ଲୋକାନାଥ ସେଠୀ ଆଜି ତହସିଲଦାର ଭାବେ କାର୍ଯ୍ୟଭାର ଗ୍ରହଣ କରିଛନ୍ତି। ଭଦ୍ରକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ସେ ଡେପୁଟି କଲେକ୍ଟର (ଜରୁରୀକାଳୀନ) ଭାବେ କାର୍ଯ୍ୟରତ ଥିଲେ । ପ୍ରକାଶଥାଉକି ଓଡିଶା ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରଚାଳନା ବିଭାଗ ଚିଠି ନମ୍ବର ୪୨୭୩୬ ତା ୧୬.୧୦.୨୬ ରେ ବନ୍ତ ତହସିଲଦାର ସୁଶ୍ରୀ ସାରା ହେମ୍ବ୍ରମଙ୍କୁ କଳାହାଣ୍ଡି ଜିଲ୍ଲାକୁ ବଦଳି ହୋଇଥିବା ବେଳେ ଶ୍ରୀ ସେଠୀଙ୍କୁ ବନ୍ତ ତହସିଲଦାର ଭାବେ ନିଯୁକ୍ତି ଦିଆଯାଇଥିଲା । କାର୍ଯ୍ୟଭାର ଗ୍ରହଣ ପରେ ଅତିରିକ୍ତ ତହସିଲଦାର ପ୍ରସନ୍ନ କୁମାର ମହାନ୍ତ, ମୁଖ୍ୟ କିରାଣୀ ବୁଦ୍ଧିରାମ ଟୁଡୁ,ଜ୍ୟୋର୍ତିମୟୀ ମହାନ୍ତି, ରତ୍ନପର୍ଣ୍ଣା ମିଶ୍ର, ଅମ୍ବିକା ଟୁଡୁ, ଦିନକୃଷ୍ଣ ପେଡା, ସ୍ମୃତିରେଖା ଦାସ, ଜାକିର ହୋସେନ, ପ୍ରତାପ କୁମାର ସାହୁ, ଆଲୋକ କୁମାର ରାଉତରାୟ, ମନଜା ମଞ୍ଜରୀ ଜେନା, ପ୍ରତାପ ବେହେରା, ରଶ୍ମିରଞ୍ଜନ ପାଣିଗ୍ରାହୀ, ଦୁର୍ଗାଚରଣ ଜେନା, ଦୟାନିଧି ସାହୁଙ୍କ ସମେତ ସରକାରୀ ଓକିଲ ସୁରେନ୍ଦ୍ର କର, ଦେବେନ୍ଦ୍ର ଦାସ ପ୍ରମୁଖ ଶ୍ରୀ ସେଠୀଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ । ନୂତନ ତହସିଲଦାର ବନ୍ତ ତହିସିଲ ଅଧିନ ସମସ୍ତ ଜନସାଧାରଣଙ୍କୁ ସଠିକ୍ ସମୟରେ ସମସ୍ତ ସରକାରୀ ସେବା ତୁରନ୍ତ ଯୋଗାଇ ଦିଆଯିବା ସହିତ ରାଜସ୍ୱ ଆଦାୟକୁ ଗୁରୁତ୍ୱ ଦେବେ ବୋଲି କହିଛନ୍ତି ।

ଚତୁର୍ଦ୍ଦଶ ଭଦ୍ରକ ମହୋତ୍ସବ ଓ ପୁସ୍ତକ ମେଳା ଉଦ୍ଘାଟିତ

ସମଗ୍ର ଓଡିଶା ରାଜ୍ୟରେ 'ସ୍ୱାଧୀନତା ସଂଗ୍ରାମ ତଥା ସାଂସ୍କୃତିକ ଜାଗରଣ କ୍ଷେତ୍ରରେ ଭଦ୍ରକ ଭୂଖଣ୍ଡର ଅସ୍ମିତା'



ଭଦ୍ରକ, ୦୩/୧୧ (ନି.ପ୍ର): ସମଗ୍ର ଓଡ଼ିଶା ରାଜ୍ୟରେ ଭଦ୍ରକ ଜିଲ୍ଲାର ସ୍ଥାନ ସ୍ୱତନ୍ତ୍ରତା ରହିଛି । ଭାରତର ସ୍ୱାଧୀନତା ସଂଗ୍ରାମରେ ଏହି ମାଟିର ମଣିଷମାନେ ଯୋଗଦେଇ ଯେପରି ଅଦମ୍ୟ ସାହସ ପ୍ରଦର୍ଶନ କରି ବଳିଦାନ ଦେଇଛନ୍ତି ସେପରି ଏହି ମାଟି ସଂସ୍କୃତି, ସାହିତ୍ୟ, ଐତିହ୍ୟର ଗୌରବ ଗୀତିକା ଗାଉଛି। ଏହି ମାଟିର ମଣିଷ ଉତ୍କଳ କେଶରୀ ହରେକୃଷ୍ଣ ମହତାବ ନୂତନ ଓଡ଼ିଶା ଗଠନରେ ଯେପରି ନେତୃତ୍ୱ ନେଇଥିଲେ ସେପରି ଏହି ମାଟିର ଅମର କବି କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ କାଳଜୟୀ ରଚନା ବନ୍ଦେ ଉତ୍କଳ ଜନନୀ..ଆମ ରାଜ୍ୟର ଜାତୀୟ ସଂଗୀତ ହୋଇ ଆମ ମାଟିର ଅସ୍ମିତାକୁ ଉର୍ଦ୍ଧ୍ୱକୁ ଟୋଳି ଧରିଛି। ଏଣୁ ଭାରତର ସ୍ୱାଧୀନତା ସଂଗ୍ରାମ ତଥା ସାଂସ୍କୃତିକ ଜାଗରଣ ଏହି ଭୂମିର ଅସ୍ମିତା ବୋଲି ଭଦ୍ରକ ମହୋତ୍ସବ ଓ ପୁସ୍ତକ ମେଳା ଟ୍ରଷ୍ଟ ଆନୁକୂଲ୍ୟରେ ଭଦ୍ରକ ସହର ମନମୋହନ ସଂଗୀତ ପରିଷଦ ପଡ଼ିଆଠାରେ ଚତୁର୍ଦ୍ଦଶ ଭଦ୍ରକ ମହୋତ୍ସବ ଓ ପୁସ୍ତକ ମେଳା ଉଦ୍ଘାଟନ ଉତ୍ସବରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ଟ୍ରଷ୍ଟର ସଭାପତି ଇଂ. ଅଭୟ ସୂତାରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ସାରସ୍ୱତ ସମାରୋହକୁ ଉଦଘାଟକ ଭାବେ ଭଦ୍ରକ ବିଧାୟକ ସୀତାଂଶୁ ଶେଖର ମହାପାତ୍ର ଆନୁଷ୍ଠାନିକ ଉଦଘାଟନ କରିଥିଲେ କ୍ଷମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ରବି ନାରାୟଣ ସାହୁ ଯୋଗଦେଇ ପୁସ୍ତକର ଉପାଦେୟତା ଉପରେ ଆଲୋକପାତ କରିଥିଲେ। ମୁଖ୍ୟ ବକ୍ତା ଭାବେ ଡାକ୍ତର ଭାଗ୍ୟଶ୍ରୀ ପଣ୍ଡା, ବରେଣ୍ୟ ଅତିଥି ଭାବେ ଜିଲ୍ଲା ହସ୍ତ ଶିଳ୍ପ ବିଭାଗ ର ଉପନିର୍ଦ୍ଦେଶକ ପ୍ରକାଶ କୁମାର ମିଶ୍ର, କାର୍ଯ୍ୟକାରୀ ସଭାପତି ରୋଟାରିୟାନ ଶିଶିର କୁମାର ମିଶ୍ର, ସଂଗଠନ ସମ୍ପାଦକ ନାଟ୍ୟଶ୍ରୀ ନିର୍ମଳ ଚନ୍ଦ୍ର ରାଉତ, ସାଂସ୍କୃତିକ ସମ୍ପାଦକ ରାମନାରାୟଣ ମହାନ୍ତି ପ୍ରମୁଖ ବରେଣ୍ୟ ଅତିଥି ଭାବେ ଯୋଗଦେଇଥିଲେ । ମହୋତ୍ସବ ଆବାହକ ଅଧ୍ୟାପକ ନୀହାର ରଞ୍ଜନ କର ସ୍ୱାଗତ ଭାଷଣ ତଥା ଅତିଥି ପରିଚୟ ଦେଇଥିବା ବେଳେ ସାଧାରଣ ସମ୍ପାଦକ ମଞ୍ଚ ଆମନ୍ତ୍ରଣ ଓ ସହ ସମ୍ପାଦକ ନାରାୟଣ ଚନ୍ଦ୍ର ପାଢ଼ୀ ଧନ୍ୟବାଦ ଅର୍ପଣ କରିଥିଲେ। ନାରୀନେତ୍ରୀ କଳ୍ପନା ଜେନା, ପ୍ରଧାନ ଶିକ୍ଷୟିତ୍ରୀ ଡ.ଜାନକୀ ପାଢ଼ୀ,ସଂଯୁକ୍ତା ଯାଦବ, ଶାନ୍ତିଲତା ବାରିକ, ଶିକ୍ଷୟିତ୍ରୀ ମନୋରମା ରାୟ ,କବୟତ୍ରୀ ଚୈତାଳି ଖିଲାର, ସଂଯୁକ୍ତା ବଳ, ଦମୟନ୍ତୀ ରାଉତ, ଅନିତା ରାୟ ପ୍ରମୁଖ ବନ୍ଦେ ଉତ୍କଳ ଜନନୀ ଗାନ କରିଥିଲେ। ବ୍ରହ୍ମପୁର ଉଚ୍ଚ ବିଦ୍ୟାଳୟ ର ଛାତ୍ରୀ, ଡ୍ରିମ ଇଣ୍ଡିଆ ଡ୍ୟାନ୍ସ ଗ୍ରୁପ ର କଳାକାର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ନଭେମ୍ବର ୨ ରୁ ୧୨ ପର୍ଯ୍ୟନ୍ତ ୧୧ ଦିନ ଧରି ଏହି ପୁସ୍ତକ ମେଳା ଚାଲିବ ବୋଲି ଟ୍ରଷ୍ଟର ସମ୍ପାଦକ ପ୍ରକାଶ କରିଛନ୍ତି। ଶିକ୍ଷକ ରବୀନ୍ଦ୍ର ମହାରଣା, ଶିକ୍ଷକ ସମୀର ଜେନା ଓ ଶିକ୍ଷୟତ୍ରୀ ଭାରତୀ ବାଇ ପିଲାମାନଙ୍କ ମଧ୍ୟରେ କୁଇଜ ପ୍ରତି ଯୋଗିତା କରିଥିଲେ।

ଭାରତର କମ୍ୟୁନିଷ୍ଟ ପାର୍ଟି ନୀଳଗିରି ଆଂଚଳିକ କମିଟି ବୈଠକ



ନୀଳଗିରି , ୦୩/୧୧ (ନି.ପ୍ର): ମଙ୍ଗଳବାର ପୂର୍ବାହ୍ନରେ ଭାରତୀୟ କମ୍ୟୁନିଷ୍ଟ ପାର୍ଟି (ମାର୍କ୍ସବାଦୀ) ନୀଳଗିରି ଆଂଚଳିକ କମିଟି ବୈଠକ ସତ୍ୟଜିତ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଆଗାମୀ ଦିନରେ ଦଳତରଫରୁ ବିଭିନ୍ନ କାର୍ଯ୍ୟକ୍ରମର ରୂପରେଖ ସମ୍ପର୍କରେ ବିଭିନ୍ନ ନିଷ୍ପତ୍ତି ନିଆଯାଇଛି। ଅକ୍ଟୋବର ବିପ୍ଳବ ପରିପ୍ରେକ୍ଷୀରେ ଚଳିତ ନଭେମ୍ବର ୭ତାରିଖ ଦିନ ସକାଳେ ଦଳର ଲାଲ ପତାକା ଉତ୍ତୋଳନ ସହିତ ଦଳୀୟକର୍ମୀ ମାନଙ୍କର ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । କୁଳଡିହା ଅଭୟାରଣ୍ୟ ସମସ୍ୟା ଉପରେ ଭିଟାମାଟି ଜୀବନ ଜୀବିକା ସୁରକ୍ଷାମଞ୍ଚ ତରଫରୁ ପ୍ରଶାସନଠାରେ ଦାବୀ ସହିତ ମାନ୍ୟବର ଉଚ୍ଚ ନ୍ୟାୟାଳୟ ଓଡିଶା ପାଖରେ ଏକ ମୋକଦ୍ଦମା କରାଯାଇଛି। କିନ୍ତୁ ବର୍ତ୍ତମାନ ସୁଦ୍ଧା ମାନ୍ୟବର ଉଚ୍ଚନ୍ୟାୟାଳୟ ଓଡିଶା, ବାଲେଶ୍ୱର ଜିଲ୍ଲାପାଳଙ୍କୁ ସୀମା ନିର୍ଦ୍ଧାରଣ ପାଇଁ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଥିଲେ ହେଁ ପ୍ରଶାସନପକ୍ଷରୁ କୌଣସି କାର୍ଯ୍ୟନୁଷ୍ଠାନ ହୋଇନାହିଁ ।ଏଥିପାଇଁ ସରକାରଙ୍କ ଠାରେ ଦାବୀ କରାଯିବର ନିଷ୍ପତ୍ତି ହୋଇଛି। ପ୍ରଶାସନ ତରଫରୁ ଯାଥାଶୀଘ୍ର ପଦକ୍ଷେପ ନ ନେଲେ ଭିଟାମାଟି ଓ ଜୀବନଜୀବିକା ସୁରକ୍ଷାମଞ୍ଚ ପକ୍ଷରୁ ନୀଳଗିରି ଉପଜିଲ୍ଲାପାଳ ଅଫିସ ସମ୍ମୁଖରେ ଅହୋରାତ୍ର ଧାରଣା ଦିଆଯିବ ବୋଲି ନିଷ୍ପତ୍ତି ହୋଇଛି । ଏହି ବୈଠକରେ ରାଜ୍ୟକମିଟି ସଭ୍ୟ ସିତାଂଶୁ ସେନାପତି, ନିର୍ମଳ ନାୟକ, ଜିଲ୍ଲାସମ୍ପାଦକ ମଣ୍ଡଳୀ ସଭ୍ୟ ବିଜୟ କୁମାର ପାତ୍ର, ଜିଲ୍ଲା କମିଟି ସଭ୍ୟ ସତ୍ୟଜିତ ଦାସ, ଅମରେନ୍ଦ୍ର ନାୟକ, ଯୋଗାନନ୍ଦ ଦାସ,ମନୋରଞ୍ଜନ ସାହୁ, ଭାଗବାନ ମହାନ୍ତି, ନାରାୟଣ ଧାମୁଡ଼ିହା ,ଦିବାକର ବାରିକ, କାଳିଆ ପାତ୍ର, ହେମେନ୍ଦ୍ର ସେଠୀ, ମୃତ୍ୟୁଞ୍ଜୟ ନାୟକଙ୍କ ସମେତ ବହୁ ଦଳୀୟକର୍ମୀ ଉପସ୍ଥିତ ଥିଲେ।

ଆସ୍କାରେ ପ୍ରାୟ ୨୦ଟି ମୋବାଇଲ୍ ହେଲ୍‌ଥ ୟୁନିଟ୍‌ର ଶୁଭାରମ୍ଭ କଲେ ସ୍ୱାସ୍ଥ୍ୟମନ୍ତ୍ରୀ

ଭୁବନେଶ୍ୱର, ୦୩/୧୧ (ନି.ପ୍ର): ବନ୍ୟା ପରବର୍ତୀ ପୁନରୁଦ୍ଧାର କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ସହ ଜନସାଧାରଣଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇଦେବା ପାଇଁ ଆସ୍କା ଉପଖଣ୍ଡ ଚିକିତ୍ସାଳୟରେ ପ୍ରାୟ ୨୦ଟି ମୋବାଇଲ୍ ହେଲ୍‌ଥ ୟୁନିଟ୍ (ଏମଏଚୟୁ) ନିୟୋଜିତ କରାଯାଇଛି। ରାଜ୍ୟ ସ୍ୱାସ୍ଥ୍ୟ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ମଙ୍ଗଳବାର ଏହି ମୋବାଇଲ୍ ହେଲ୍‌ଥ ୟୁନିଟ୍‌ଗୁଡ଼ିକର ଶୁଭାରମ୍ଭ କରିଛନ୍ତି। ବନ୍ୟା ପ୍ରଭାବିତ ଅଂଚଳରେ ଲୋକଙ୍କ ନିକଟରେ ତ୍ୱରିତ ଓ ଉପଯୁକ୍ତ ସ୍ୱାସ୍ଥ୍ୟସେବା ପହଂଚାଇବା ଉପରେ ଗୁରୁତ୍ୱ ଦିଆଯାଉଛି ବୋଲି ମନ୍ତ୍ରୀ ଏହି ଅବସରରେ କହିଛନ୍ତି। ଏହି ମୋବାଇଲ୍ ହେଲ୍‌ଥ ୟୁନିଟ୍ (ଏମଏଚୟୁ) ମଧ୍ୟରୁ ୧୫ ଟି ରାଜ୍ୟ ସରକାରଙ୍କ ତରଫରୁ ନିୟୋଜିତ ହୋଇଥିବା ବେଳେ ବିଭିନ୍ନ ବେସରକାରୀ ମେଡିକାଲ ତରଫରୁ ପାଖାପାଖି ୫ଟିର ବ୍ୟବସ୍ଥା କରାଯାଇଛି। ଏହି ଅବସରରେ ଆସ୍କା ବିଧାୟକ ଶ୍ରୀ ସରୋଜ ପାଢ଼ୀ, ଜିଲ୍ଲାପାଳ ଏବଂ ଅନ୍ୟାନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ।

ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ...

ଓଡ଼ିଶାରେ ବାତ୍ୟା 'ମୁରାସୁ' ...

୬, ୭ ଓ ୮ ତାରିଖରେ ପାଗ ମୁଖ୍ୟତଃ ଶୁଖିଲା ରହିବ। ଆଗାମୀ ଦୁଇ ଦିନ ମଧ୍ୟରେ ଦିନର ତାପମାତ୍ରାରେ ବିଶେଷ ପରିବର୍ତ୍ତନ ହେବ ନାହିଁ, ମାତ୍ର ଉପକୂଳ ଜିଲ୍ଲାଗୁଡ଼ିକରେ ରାତିର ତାପମାତ୍ରା ସ୍ୱାଭାବିକଠାରୁ ୨ରୁ ୫ ଡିଗ୍ରୀ ହ୍ରାସ ପାଇବା କାରଣରୁ ରାତିରେ ଶୀତ ଅନୁଭୂତ ହେବ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଛି। ଏପଟେ ଆଜି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ଏକ ଉଚ୍ଚସ୍ତରୀୟ ବୈଠକରେ ସ୍ଥିତି ସମୀକ୍ଷା କରି ବାତ୍ୟା ତଥା ବନ୍ୟା ପରବର୍ତ୍ତୀ କ୍ଷୟକ୍ଷତି ଆକଳନ, କ୍ଷତିପୂରଣ ପ୍ରଦାନ ଓ ଭିତ୍ତିଭୂମି ସୁଦୃଢ଼ୀକରଣ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ଉପରେ ସର୍ବାଧିକ ଗୁରୁତ୍ୱାରୋପ କରିଛନ୍ତି। ବାତ୍ୟା 'ଅର୍ଣ୍ଣବ' ଓ ତା' ପରବର୍ତ୍ତୀ ବନ୍ୟାରେ ସବୁଠାରୁ ଅଧିକ କ୍ଷତିଗ୍ରସ୍ତ ହୋଇଥିବା ଗଞ୍ଜାମ, ଗଜପତି ଓ କନ୍ଧମାଳ ଜିଲ୍ଲାରେ ପୁନରୁଦ୍ଧାର କାର୍ଯ୍ୟ ତଦାରଖ ପାଇଁ ସ୍ୱତନ୍ତ୍ର ରିଲିଫ୍ କମିଶନର କାର୍ଯ୍ୟାଳୟ ପକ୍ଷରୁ ନିର୍ଦ୍ଦେଶନାମା ଜାରି ହୋଇଛି। ସମ୍ପୃକ୍ତ ଜିଲ୍ଲାପାଳମାନଙ୍କୁ ସହାୟତା କରିବା ଓ କ୍ଷେତ୍ରସ୍ତରୀୟ ରିଲିଫ୍ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ନିମନ୍ତେ ୪ ଜଣ ଆଇଏଏସ୍ ଅଧିକାରୀଙ୍କୁ 'ଅତିରିକ୍ତ ସ୍ପେଶାଲ୍ ରିଲିଫ୍ କମିଶନର' ଭାବେ ଅବସ୍ଥାପିତ କରାଯାଇଛି। ସେମାନଙ୍କ ମଧ୍ୟରେ ଗଜପତି ଜିଲ୍ଲା ପାଇଁ ୨୦୨୪ ବ୍ୟାଚ୍ ଆଇଏଏସ୍ ରେଢ଼ାଖୋଲ ଉପଜିଲ୍ଲାପାଳ ପଥ୍ୱନ କୁମାର, ଗଞ୍ଜାମ ଜିଲ୍ଲା ପାଇଁ ୨୦୨୨ ବ୍ୟାଚ୍ ଆଇଏଏସ୍ ରାଇରଙ୍ଗପୁର ଅତିରିକ୍ତ ଜିଲ୍ଲାପାଳ ଅଜିତ କୁମାର ଓ ୨୦୨୩ ବ୍ୟାଚ୍ ଆଇଏଏସ୍ ସୁନ୍ଦରଗଡ଼ ଉପଜିଲ୍ଲାପାଳ ତେଜସ୍ୱିନୀ ବେହେରାଙ୍କୁ ନିୟୋଜିତ କରାଯାଇଛି।

ଶେଷ ଦର୍ଶନ ପାଇଁ ...

ଏତେ ସଫଳତା, ଏତେ ଖ୍ୟାତି ସତ୍ତ୍ୱେ ତାଙ୍କ ମନରେ ସଂସ୍କୃତି, ଆଧ୍ୟାତ୍ମିକତା ଓ ମାନବବାଦ ପ୍ରତି ଥିଲା ଅପୂର୍ବ ଭାବାବେଗ । କଥାରେ ଝଲସୁଥିଲା ଈଶ୍ୱରଙ୍କ ପ୍ରତି ଆସ୍ଥା, ମଣିଷଙ୍କ ପ୍ରତି ଶ୍ରଦ୍ଧା । ଜଣେ ସୁଯୋଗ୍ୟ ସନ୍ତାନକୁ ହରାଇଛି ଓଡ଼ିଶା। ଜଣେ ଦେବତୁଲ୍ୟ ଡାକ୍ତରଙ୍କୁ ହରାଇଛନ୍ତି ଅଗଣିତ ଶୁଭେଚ୍ଛୁ । ତାଙ୍କ ମିଠା କଥା ରୋଗୀଙ୍କ ମନରେ ଭରୁଥିଲା ଜୀବନ ଜିଇଁବାର ସାହସ । ଏଇ ଯେମିତି କୋରପୁଟର ୮୭ ବର୍ଷୀୟା ତିଳୋତ୍ତମା ସ୍ୱାଇଁ । ୨୦୦୩ରେ ଯେତେବେଳେ କଟକରେ ଜଟିଳ ବ୍ରେନ୍ ଟ୍ୟୁମର୍ ଅପରେସନ ହେଉନଥିଲା, ସେତେବେଳେ ତିଳୋତ୍ତମାଙ୍କୁ ଦିଲ୍ଲୀ ଏମ୍‌ସରେ ସଫଳ ଅସ୍ତ୍ରୋପଚାର କରି ନୂଆ ଜୀବନ ଦେଇଥିଲେ ଡାକ୍ତର ମହାପାତ୍ର । କନ୍ଧମାଳର ଯୋଡ଼ାମୁଣ୍ଡ ଶିଶୁ ଜଗା-ବଳିଆଙ୍କ କଥା କିଏ ବା ନଜାଣେ । ଅସମ୍ଭବ ଲାଗୁଥିବା ଅସ୍ତ୍ରୋପଚାରକୁ ସମ୍ଭବ କରି ଦେଖାଇଥିଲେ ସେ । ଆଜି ରାତିରେ ତାଙ୍କ ମରଶରୀର ଭୁବନେଶ୍ୱର ଫେରିବା ପରେ, ସୋଆ କ୍ୟାମ୍ପସ-୨ କନଭେନ୍ସନ ସେଣ୍ଟରରେ ହେବ ଶେଷଦର୍ଶନ । ଆସନ୍ତାକାଲି ପୁରୀ ସ୍ୱର୍ଗଦ୍ୱାରରେ ରାଷ୍ଟ୍ରୀୟ ମର୍ଯ୍ୟାଦା ସହ ହେବ ଶେଷକୃତ୍ୟ ।

୧୮ଟି ଏମ୍‌ଓୟୁ ...

ଏହି ଅଧିବେଶନରେ ମୁଖ୍ୟମନ୍ତ୍ରୀ ଓ ଉପମୁଖ୍ୟମନ୍ତ୍ରୀଙ୍କ ସହିତ କେନ୍ଦ୍ର ନବୀନ ଓ ଅକ୍ଷୟ ଶକ୍ତି ମନ୍ତ୍ରୀ ପ୍ରହ୍ଲାଦ ଯୋଶୀ, କେନ୍ଦ୍ର ନବୀନ ଓ ଅକ୍ଷୟ ଶକ୍ତି ମନ୍ତ୍ରଣାଳୟର ସଚିବ ସନ୍ତୋଷ କୁମାର ଷଡ଼ଙ୍ଗୀ ଏବଂ ଓଡ଼ିଶା ଶକ୍ତି ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ବିଶାଳ ଦେବ ପ୍ରମୁଖ ଉପସ୍ଥିତ ଥିଲେ। ଅଧିବେଶନକୁ ସମ୍ବୋଧିତ କରି କେନ୍ଦ୍ରମନ୍ତ୍ରୀ ପ୍ରହ୍ଲାଦ ଯୋଶୀ କହିଥିଲେ ଯେ, ଭାରତର ସ୍ୱଚ୍ଛ ଶକ୍ତି ରୂପାନ୍ତରଣ ପ୍ରକ୍ରିୟାରେ ଓଡ଼ିଶାର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ରାଜ୍ୟର ବିପୁଳ ପ୍ରାକୃତିକ ସମ୍ପଦ, ସୁଦୃଢ଼ ଶିଳ୍ପ ଆଧାର ଏବଂ ଉନ୍ନତ ବନ୍ଦର ଭିତ୍ତିଭୂମି ନିବେଶକଙ୍କ ପାଇଁ ଶ୍ରେଷ୍ଠ ସୁଯୋଗ ସୃଷ୍ଟି କରୁଛି। ଅକ୍ଷୟ ଶକ୍ତି, ଶକ୍ତି ସଂରକ୍ଷଣ, ଫ୍ଲୋଟିଂ ସୋଲାର, ପବନ ଶକ୍ତି, ଗ୍ରୀନ୍ ହାଇଡ୍ରୋଜେନ୍ ଓ ଗ୍ରୀନ୍ ଆମୋନିଆ କ୍ଷେତ୍ରରେ ରହିଥିବା ସମ୍ଭାବନା ଉପରେ ସେ ଆଲୋକପାତ କରିବା ସହ ଏହି ସବୁ କ୍ଷେତ୍ରକୁ ତ୍ୱରାନ୍ୱିତ କରିବା ପାଇଁ କେନ୍ଦ୍ର ସରକାରଙ୍କ ନୀତିଗତ ପ୍ରୋତ୍ସାହନ ବିଷୟରେ ଉଲ୍ଲେଖ କରିଥିଲେ। ଦେଶର ସବୁଜ ଶକ୍ତି ଲକ୍ଷ୍ୟ ହାସଲ ପାଇଁ କେନ୍ଦ୍ର, ରାଜ୍ୟ ଓ ଶିଳ୍ପ ସଂସ୍ଥାଗୁଡ଼ିକ ମଧ୍ୟରେ ମିଳିତ ସହଯୋଗ ଉପରେ ସେ ଗୁରୁତ୍ୱାରୋପ କରିଥିଲେ।

ଏବେ ବି ମାଟିତଳୁ ...

ଅନିଶ୍ଚିତତା ଘେରରେ ଅପରେସନ୍ 'ଗିଡ଼ିପାବାଲି' । ଦିନ ପରେ ଦିନ ବିତୁଛି, ହେଲେ ନେପାଳ ଭୂସ୍ଖଳନର ଭ୍ରମ ସୃଷ୍ଟି କରୁଥିବା ଭଞ୍ଜନଗର ଗିଡ଼ିପାବାଲିରେ ଆଶା ଛାଡ଼ି ନାହାନ୍ତି ଦେବଦୂତ । ଏବେ ବି ୧୧ ଜଣଙ୍କ ସନ୍ଧାନ ମିଳୁନି । ଏନ୍‌ଡିଆରଏଫ୍, ଅଗ୍ନିଶମ ବାହିନୀ, ରେଳ କର୍ମଚାରୀ ଓ ଡଗ୍ ସ୍କ୍ୱାଡ୍ ଆଜି ବି ସେଠାରେ ଖୋଜାଖୋଜି ଜାରି ରଖିଛନ୍ତି । ମାଟି ତଳୁ ଉଦ୍ଧାର ହୋଇଥିବା ୨ଟି ମୃତଦେହର ଅନ୍ତିମସଂସ୍କାର କରାଯାଇଛି । ସେପଟେ ଭିଟାମାଟି ଓ ପରିବାର ଲୋକଙ୍କୁ ହରାଇ ଆଶ୍ରୟ ସ୍ଥଳୀରେ ଥିବା ଲୋକେ ଲୁହ ଗଡ଼ାଉଛନ୍ତି । ହେଲେ ସେଭଳି ବିପଦସଂକୁଳ ସ୍ଥାନରେ ଆଉ ଘର କରି ରହିବାକୁ ଚାହୁଁନାହାନ୍ତି । ଜଳ ପ୍ରଳୟକୁ ସପ୍ତାହେ ପୂରିଲାଣି । ହେଲେ ଗଞ୍ଜାମ ଜିଲ୍ଲାରେ ନିଇତି ସାମ୍ନାକୁ ଆସୁଛି କ୍ଷୟକ୍ଷତିର ନୂଆ ନୂଆ ଚିତ୍ର । ଆସିକାର ନବରନ୍ନପୁର ହେଉ କି ଧରାକୋଟର ଯାହାଡ଼ା । ମାଟି କାମୁଡ଼ିଛି ଅଧିକାଂଶ ଘର । ନଦୀ ପେଟରେ ପାଣି କମିଛି। ହେଲେ ବିପନ୍ନଙ୍କ ଆଖିରୁ ଲୁହ ଶୁଖିନି ।

କୋଟିଆରେ ଆନ୍ଧ୍ର-ଓଡ଼ିଶା...

ବିଭିନ୍ନ ସାମାଜିକ ସଙ୍ଗଠନ, ଏବଂ ସ୍ଥାନୀୟ ଲୋକ ଏକତ୍ରିତ ହୋଇ ଆନ୍ଧ୍ର ନିର୍ବାଚନକୁ ବିରୋଧ ପାଇଁ ରଣନୀତି କରିଛନ୍ତି। କାଲିଠୁ ସୀମାରେ ଜଗିବ ବିଜେଡ଼ି। ଆନ୍ଧ୍ରପ୍ରଦେଶର ଏକତରଫା ନିଷ୍ପତ୍ତି ବିରୋଧରେ ଓଡ଼ିଶା ସରକାର ସୁପ୍ରିମକୋର୍ଟରେ ଅଦାଲତ ଅବମାନନା ମାମଲା ଦାୟର କରିଛନ୍ତି। ହେଲେ ବେଆଇନ୍ ଭାବେ କୋଟିଆରେ ନିର୍ବାଚନ କରିବାକୁ ଘୋଷଣା କରିଛି ପଡ଼ୋଶୀ ରାଜ୍ୟ।

ରାହୁଲଙ୍କୁ ଅମିତ...

ନିରୀହ ସାମ୍ବାଦିକ, ସମାଜସେବୀ ଓ ଛାତ୍ରଙ୍କୁ ନିର୍ଯାତନା ଦିଆଯାଇଥିବା ନେଇ ମଧ୍ୟ ସେ ଉଦ୍‌ବେଗ ପ୍ରକାଶ କରିଛନ୍ତି । ଶାହ ଆହୁରି କହିଛନ୍ତି, ଅଟଳ ବିହାରୀ ବାଜପେୟୀ ଛତିଶଗଡ଼ ରାଜ୍ୟ ଗଠନ କରିଥିଲେ ଏବଂ ନରେନ୍ଦ୍ର ମୋଦିଙ୍କ ସରକାର ରାଜ୍ୟକୁ ନକ୍ସଲମୁକ୍ତ କରି ବିକାଶ ପଥରେ ଆଗେଇ ନେଇଛି । ନକ୍ସଲବାଦ ଯୋଗୁଁ ଜଙ୍ଗଲରେ ମହୁଲ ଓ ଲୋକଗୀତ ବଦଳରେ ବାରୁଦ ସୁଡ଼ଙ୍ଗ ତିଆରି ହୋଇଥିଲା ଏବଂ ପିଲାଙ୍କ ହାତରେ ବହି ବସ୍ତାନି ବଦଳରେ ବନ୍ଧୁକ ଧରାଇ ଦିଆଯାଇଥିଲା ବୋଲି କହିଛନ୍ତି ।

ବନ୍ୟା ରିଲିଫ୍ ଚାଉଳରେ ହେରଫେର ଅଭିଯୋଗ: ୭ ଦିନରେ ନ୍ୟାୟ ନହେଲେ ଗଣଧାରଣା



ବାଲିଆପାଳ , ୦୩/୧୧ (ନି.ପ୍ର): ବନ୍ୟାରେ ତିନିରୁ ଚାରିଥର କ୍ଷତିଗ୍ରସ୍ତ ହୋଇଥିବା ବାଲେଶ୍ୱର ଜିଲ୍ଲା ବାଲିଆପାଳ ବ୍ଲକ ବାଲିକୁଟି ପଞ୍ଚାୟତର ଦକ୍ଷିଣ ଓ ଉତ୍ତର ମହାବଳା ଗ୍ରାମବାସୀଙ୍କ ଦୁର୍ଦ୍ଦଶା ବଢ଼ିବାରେ ଲାଗିଛି। ଏକପଟେ ବନ୍ୟାରେ ଘରଦ୍ୱାର ଓ ଧାନ ଫସଲ ନଷ୍ଟ ହୋଇଥିବା ବେଳେ, ଅନ୍ୟପଟେ ରିଲିଫ୍ ଚାଉଳ ବଣ୍ଟନରେ ଅନିୟମିତତା ହେଉଥିବା ନେଇ ଗ୍ରାମବାସୀ ଅଭିଯୋଗ କରିଛନ୍ତି।ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ, ସରକାରୀ ନିୟମ ଅନୁସାରେ ରିଲିଫ୍ ଚାଉଳ ପ୍ରଦାନ କରିବା ପରିବର୍ତ୍ତେ ମୁଣ୍ଡପିଛା ମାତ୍ର ୧ କେଜି ୭୫୦ ଗ୍ରାମ ଚାଉଳ ଦେବାକୁ ଉଦ୍ୟମ କରାଯାଉଛି। ଏଥିସହ ବନ୍ୟା କ୍ଷତିଗ୍ରସ୍ତ ଅନେକ ପରିବାର ଏପର୍ଯ୍ୟନ୍ତ ଜରିପାଲ ଓ ଆବଶ୍ୟକୀୟ ରିଲିଫ୍ ସହାୟତାରୁ ବଞ୍ଚିତ ଥିବା କହିଛନ୍ତି। ଏହି ଘଟଣାରେ ମହାବଳା ଗ୍ରାମବାସୀଙ୍କ ପକ୍ଷରୁ ଆଜି ମାନ୍ୟବର ମୁଖ୍ୟମନ୍ତ୍ରୀ, ସ୍ୱତନ୍ତ୍ର ରିଲିଫ୍ କମିଶନର, ବାଲେଶ୍ୱର ଜିଲ୍ଲାପାଳ ଓ ବାଲିଆପାଳ ବିଡିଓଙ୍କୁ ଲିଖିତ ଅଭିଯୋଗ ପ୍ରଦାନ କରାଯାଇଛି। ରିଲିଫ୍ ଚାଉଳ ବଣ୍ଟନର ନିରପେକ୍ଷ ତଦନ୍ତ, ଯୋଗ୍ୟ ପରିବାରଙ୍କୁ ପ୍ରାପ୍ୟ ଚାଉଳ ଓ ଅନ୍ୟାନ୍ୟ ସହାୟତା ପ୍ରଦାନ ସହ ଦୋଷୀଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଦାବି କରାଯାଇଛି। ଆସନ୍ତା ୭ ଦିନ ମଧ୍ୟରେ ନ୍ୟାୟ ନମିଳିଲେ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣା ଦିଆଯିବ ବୋଲି ସାମାଜିକ ସଂଗଠନ 'ଆମ ଅଧିକାର ଫାଉଣ୍ଡେସନ' ଏବଂ ଗ୍ରାମବାସୀ ଗଣମାଧ୍ୟମ ଜରିଆରେ ଚେତାବନୀ ଦେଇଛନ୍ତି। ଏବେ ପ୍ରଶାସନ ଏହି ଅଭିଯୋଗ ଉପରେ କି ପଦକ୍ଷେପ ନେଉଛି, ତାହାକୁ ଅଞ୍ଚଳବାସୀ ଅପେକ୍ଷା କରିଛନ୍ତି।

ଖୋର୍ଦ୍ଧାରେ ଗଜଲକ୍ଷ୍ମୀ ସମୂହ ଭସାଣୀ: ସମସ୍ତ ପୂଜା ଲକ୍ଷ୍ମୀ ମେଢ଼କୁ ନୂଆ ବସଷ୍ଟାଣ୍ଡ ଛକ ମଧୁସୂଦନ ମାର୍ଗ ପୂଜା କମିଟି ସମର୍ଦ୍ଧିତ



ଖୋର୍ଦ୍ଧା , ୦୩/୧୧ (ନି.ପ୍ର): ବିଭିନ୍ନ ସ୍ଥାନରେ ଗତ ତା ୨୫,୧୦.୨୦୨୬ ରିଖ ଦିନ ଠାରୁ ମା ଲକ୍ଷ୍ମୀ ଖୋର୍ଦ୍ଧା ପୌରପରିଦରେ ୩୨ ମଣ୍ଡପ ପୂଜା ପାଇ ଆସୁଥିଲେ। ଖୋର୍ଦ୍ଧା ଜିଲ୍ଲା ପ୍ରଶାସନ ଓ ସମସ୍ତ ପୂଜା କମିଟି ମୁରବୀ ଏକତ୍ର ହୋଇ ନିଷପ୍ତି କରି ଥିଲେ ।ସମସ୍ତ ପୂଜା ମେଢ଼ ଗୋଟିଏ ଦିନ ତା ୦୧.୧୧.୨୦୨୬ ରିଖ ରବିବାର ଦିନ ସାଜ ସଜା କରି ପରମ୍ପରା ବାଦ୍ୟ (ଡିଯେ ମନା) ବଜାଇ ଆଗ ପଛ ହୋଇ ଖୋର୍ଦ୍ଧା ବ୍ୟାଙ୍କ୍ ଛକ ଏକତ୍ର ହେବେ ଓ ରାତି ୭ ଟା ବିସର୍ଜନ ଅସ୍ଥାୟୀ ପୋଖରୀ ଟୀ .ଲ. ସି .ରୋଡ ପାଖ। ଉକ୍ତ ଦିନ ଖୋର୍ଦ୍ଧା ସହର ଓ ନିକଟସ୍ଥ ଗ୍ରାମର ହଜାର ହଜାର ଲୋକ ଆସି ମା ଲକ୍ଷ୍ମୀ ଓ ମେଢ଼ ଦେଖି ଥିଲେ। ଆଉ ସେମାନଙ୍କ ପାଇଁ ବିଭିନ୍ନ ନାଚ, ଗୀତ, ମେଲୋଡି ଆଦି ମଧୁସୂଦନ ମାର୍ଗ ପୂଜ୍ୟ ପୂଜା ସମିତି ଏକ ଅତି ବଡ଼ ପେଣ୍ଡାଲ କରାଯାଇ ଥିଲା। ଉକ୍ତ ମଣ୍ଡପ ଓ ସାଂସ୍କୃତିକ କାର୍ଯ୍ୟ ସମସ୍ତ ଖର୍ଚ୍ଚ କରି ଥିଲ ସୃଷ୍ଟିଧର ତ୍ରିପାଠୀ (ନାନୁ)। ସମସ୍ତ ଖୋର୍ଦ୍ଧା ମଧୁସୂଦନ ମାର୍ଗ ୱାର୍ଡ଼ ନମ୍ବର ୫ ଲକ୍ଷ୍ମୀ ପୂଜା କମିଟିର ସଭାପତି, ସମ୍ପାଦକ , ଦୁଇ ଜଣ ମୁଖ୍ୟ ପରାମର୍ଶ ଦାତା ବିସର୍ଜନ ପାଇଁ ଆଗ ପଛ ଆସି ନୂଆ ବସଷ୍ଟାଣ୍ଡ ମଣ୍ଡପ ରେ ଉତ୍ତରୀୟ, ପ୍ରମାଣ ପତ୍ର ଦିଆ ଯାଇ ସମ୍ବର୍ଧନାକରାଯାଇ ଥିଲା। ସମସ୍ତ ମୂର୍ତ୍ତି ରାତି ୨ ଟା ସୁଦ୍ଧା ଜଳରେ ପକାଯାଇ ଥିଲା। ଆମର ପ୍ରିୟ ବିଧାୟକ, ଗଣେଶ ଜଗଦେବ, ତାଙ୍କ ବିଜେପି ନେତା ସମୂହ କର୍ମ କର୍ତ୍ତା ଯୋଗ ଦେଇ ଥିଲେ। ସେମାନଙ୍କ ମଦ୍ଧରେ, ଶ୍ରୀମତୀ ବାସନ୍ତୀ ମହାପାତ୍ର ରାଜ୍ୟ ମହିଳା ଉପ ସଭାପତି, ନଗର୍ ସଭାପତି ନିକୁଞ୍ଜ, ପଟ୍ଟନାୟକ, ସଦ୍ୟ ବିଜେପି ଯୋଗ ଦେଇ ଥିବା ଓଟିଭି ପ୍ରତିନିଧି ବଳରାମ ଲେଙ୍କା,ବରିଷ୍ଠ ସାମ୍ବାଦିକ ଈଶ୍ୱର ମଙ୍ଗରାଜ,ସୂର୍ଯ୍ୟ ମାହାନ୍ତି, ପ୍ରମେୟ ପ୍ରତିନିଧି ଦୋରା, ସମୟ ର ଲଳିତ ମୋହନ ସମେତମହାପାତ୍ର , ଦ୍ୱେ ରଥ, ଉକ୍ତ ପୂଜା କମିଟି ମୁଖ୍ୟ ନାନୁ (ସୃଷ୍ଟିଧର ଶତପଥୀ) ଜ୍ଞାନ ରଞ୍ଜନ ଦାସ, ଦିପୁ ଦାଶ, କାଲୁ, କେଦାର ବଳନ୍ତରା, ଆଦୀ ସଭ୍ୟ ମାନେ। ଆମର ପ୍ରିୟ ବିଧାୟକ ବିଧାୟକ ଶ୍ରୀଯୁକ୍ତ ପ୍ରଶାନ୍ତ କୁମାର ଜଗ ଦ୍ୱେ କହିଥିଲେ ଖୋର୍ଦ୍ଧା ସହରକୁ ଭୁବନେଶ୍ୱର ଠାରୁ ଆଉରି ସୁନ୍ଦର କରିବେ।ସେ ଖୋର୍ଦ୍ଧା ର ବେବାସାୟୀ ଙ୍କୁ କୋଠା ଘର ଯୋଗାଇ ଦିଆଯିବ, ଖୋର୍ଦ୍ଧା ନୂଆ ବସଷ୍ଟାଣ୍ଡ୍ ର ଦୋକାନୀ ବଡ ଦୋକାନ ଘର ଯୋଗାଇ ଦିଆ ଯାଇ ନୂଆ ବସଷ୍ଟାଣ୍ଡ ସରସ ସୁନ୍ଦର କାରା ଜୀବ। ହାଟ ପୋଖରୀ ସୌନ୍ଦର୍ଯ୍ୟ କରଣ କରାଯିବ। ଉକ୍ତ ପୋଖରୀ ପୂର୍ବ ଦିଗ ଖାଲି ସରକାରୀ ଯାଗା ଗଣେଶ ମନ୍ଦିର, ୱାର୍ଡ଼ ନମ୍ବର ୫ ରାସ୍ତା କଡ଼ରେ ଥିବା ମା ଲକ୍ଷ୍ମୀ ମନ୍ଦିର ଦକ୍ଷିଣ ପଟେ ଖାଲି ପଡ଼ି ଥିବା ଜଳସେଚନ ବିଭାଗ ଯାଗା କୁ ଘୁଞ୍ଚାଇ ଦିଆ ଯିବ, ଗଣେଶ ମନ୍ଦିରେ ଓ ଲକ୍ଷ୍ମୀ ମନ୍ଦିର ସମସ୍ତ ଟଙ୍କା ବିଧାୟକ କୋଟାରୁ ଦେବ। ଆଉ କାଇପଦର ସତ୍ୟପୀର ପୀଠ ରେ ଥିବା ନୂଆ ଡାକ୍ତରଖାନା କୁ ସରକାର ହାତକୁ ନେବେ। ଏହା ମୋର ଦୃଢ଼ ପ୍ରତିଶ୍ରୁତି। ଉକ୍ତ ତିନୋଟି,ପ୍ରସ୍ତାବକୁ ବରିଷ୍ଠ ସାଂବାଦିକ ୱାର୍ଡ଼ି୫ ମୁରବୀ ଈଶ୍ୱର ଚନ୍ଦ୍ର ମଙ୍ଗରାଜ ବହୁ ବାର ଦାବୀ କରି ଆସୁଛନ୍ତି। ଉକ୍ତ ଲକ୍ଷ୍ମୀ ପୂଜା ସ୍ଥଳର ଦୃଢ଼ ଭାବେ ଘୋଷଣା କରିଥିଲେ। ଉପସ୍ଥିତ ୧୦ ହଜାର ହଜାର ଲୋକ କରତାଳି ଓ ହୁଲ ହୁଲି ତାଙ୍କୁ ଧନ୍ୟବାଦ ଦେଇଥିଲେ। ବିଧାୟକ ଯଦି ସବୁ ଖୋର୍ଦ୍ଧା କହୁଚନ୍ତି ସେ ଅପ୍ରତୋନ୍ତି ବିଧାୟକ ହୋଇ ରହିବେ ରହିବେ, ଉଚ୍ଚ ସ୍ୱର ଜୟେ ଜୟ ମହାବଳି ଗଣେଷ ଜଗଦେବ ଅମର ରହେ।

ଦକ୍ଷିଣ ନରସିଂହପୁର ପଂଚାୟତ କଂଗ୍ରେସ କମିଟି ଗଠିତ



ନୀଳଗିରି, ୦୩/୧୧ (ନି.ପ୍ର): ନୀଳଗିରି ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଔପଦା ବ୍ଲକ ଦକ୍ଷିଣ ନରସିଂହପୁର ଗ୍ରାମପଂଚାୟତର କଂଗ୍ରେସ କର୍ମୀ ମାନଙ୍କୁ ନେଇ ଔପଦା ବ୍ଲକକଂଗ୍ରେସ ଉପସଭାପତି ବାସୁଦେବ ପାତ୍ରଙ୍କ ସଭାପତିତ୍ୱରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା ।ଉକ୍ତ ବୈଠକରେ ମୁଖ୍ୟଅତିଥି ରୂପେ ନୀଳଗିରି କଂଗ୍ରେସ ନେତା ତଥା ନୀଳଗିରି ବ୍ଲକ କଂଗ୍ରେସ ସଭାପତି ତପନ କୁମାର ରାଉତ ଉପସ୍ଥିତ ଥିବା ବେଳେ ସମ୍ମାନୀୟ ଅତିଥିରୂପେ ଜିଲ୍ଲା କଂଗ୍ରେସ ଉପସଭାପତି ରାମକୃଷ୍ଣ ଜେନା,ଜିଲ୍ଲା କଂଗ୍ରେସ ସାଧାରଣ ସମ୍ପାଦକ ଯୋଗେଶ୍ୱର ବେହେରା, ପୂର୍ବତନ ଛାତ୍ରକଂଗ୍ରେସ ସଭାପତି ଅଶ୍ୱିନୀ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ ।ଉକ୍ତ ସଭାରେ ସର୍ବସମ୍ମତି କ୍ରମେ ପଂଚାୟତ କଂଗ୍ରେସ ସଭାପତି ରୂପେ ମହେଶ୍ୱର ପଣ୍ଡା, ଉପସଭାପତି ରୂପେ ନାରାୟଣ ସ, ସମ୍ପାଦକ ରୂପେ ପରମାନନ୍ଦ ବାରିକ, ସହସମ୍ପାଦକ ରୂପେ ରବୀନ୍ଦ୍ର ବେହେରା ଓ କୋଷାଧକ୍ଷ ରୂପେ ଲକ୍ଷ୍ମଣ ସିଂ ମନୋନୀତ ହୋଇ ୨୯ଜଣିଆ କଂଗ୍ରେସକମିଟି ଗଠନ କରାଯାଇଛି ।ଉକ୍ତ ଗ୍ରାମ ପଂଚାୟତ ଦିନେ କଂଗ୍ରେସର ଗଡ଼ ରହିଥିଲା ।ପୂର୍ବ ସ୍ମୃତି ଓ ପୂର୍ବ ଗୌରବକୁ ଫେରାଇ ଆଣିବାପାଇଁ ମୁଖ୍ୟଅତିଥି ଶ୍ରୀ ରାଉତ ବକ୍ତବ୍ୟ ରଖିଥିଲେ । ଏଥିସହ ଦଳ ଓ ରାଜନୀତି ଠାରୁ ଉର୍ଦ୍ଧ୍ୱରେ ରହି ଲୋକଙ୍କ ସମସ୍ୟା ଓ ସୁଖଦୁଃଖର ସାଥି ହେବାପାଇଁ ସେ ପରାମର୍ଶ ଦେଇଥିଲେ ।ଅନ୍ୟ ସମସ୍ତ ବକ୍ତାମାନେ ଅତୀତରେ ଉକ୍ତ ପଂଚାୟତ ପାଇଁ କଂଗ୍ରେସ କରିଥିବା କାର୍ଯ୍ୟକ୍ରମ , ଅନୁଷ୍ଠାନ, ରାସ୍ତା, ଘାଟ, ପୋଲ, ପିଇବାପାଣି, ଇଲେକ୍ଟ୍ରି ବାବଦରେ ମତ ରଖିଥିଲେ। ପରିଶେଷରେ ପୂର୍ବତନ ସରପଞ୍ଚ ବିଦ୍ୟାଧର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ ।

ବୁଧବାର, ନଭେମ୍ବର ୦୪, ୨୦୨୬

ଧ୍ୱନି ପ୍ରତିଧ୍ୱନି


ପୃଷ୍ଠା

କଲେଜ ଫାଟକରେ ସୁରକ୍ଷା କର୍ମୀ ନିଯୁକ୍ତି ଏବଂ ଛାତ୍ର ଛାତ୍ରୀଙ୍କ ସୁରକ୍ଷା ପାଇଁ ଥାନା ଅଧିକାରୀଙ୍କୁ ଦାବିପତ୍ର

ବାଲିଆପାଳ , ୦୩/୧୧ (ନି.ପ୍ର): ବାଲିଆପାଳ ବ୍ଲକ ଅନ୍ତର୍ଗତ ଜଗାଇ ସ୍ଥିତ କୃଷ୍ଣଚନ୍ଦ୍ର ପିପିଲି ମହାବିଦ୍ୟାଳୟର ଛାତ୍ର ଛାତ୍ରୀଙ୍କ ସୁରକ୍ଷା ପାଇଁ ମଙ୍ଗଳବାର ବାଲିଆପାଳ ଥାନା ଅଧିକାରୀଙ୍କୁ ଦାବି ପତ୍ର ପ୍ରଦାନ କରାଯାଇଛି। ସୂଚନାରୁ ପ୍ରକାଶ ମହାବିଦ୍ୟାଳୟର ଫାଟକ ପାଖରେ ଥିବା ବସଟପ ଗୃହ ମଧ୍ୟରେ ଅସମାଜିକ ଲୋକଙ୍କ ଆଡ୍ଡାସ୍ଥଳୀ ପାଲଟିଛି। ପ୍ରତ୍ୟେକ ଦିନ ମଦୁଆ ମାନେ ମଦ ପିଇ ଛାତ୍ରୀ ମାନଙ୍କୁ କମେଟ ମାରିବା ସହିତ ବିଭିନ୍ନ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରୁଛନ୍ତି । ଯାହା ଫଳରେ ଅସୁରକ୍ଷିତ ମନେ କରୁଛନ୍ତି ଛାତ୍ରୀ। ଚିନ୍ତାରେ ଅଭିଭାବକ। ଧିରେ ଧିରେ କଲେଜର ଉପସ୍ଥାପନ କମିବାରେ ଲାଗିଛି। ବସଟପ ଗୃହ ମଧ୍ୟରେ ମଦ ବୋତଲ,ଗ୍ଲାସ, ଖଣ୍ଡିଆ ସିଗାରେଟ, ଗୁଟୁକାଚୋପା ,ଡବ୍ବା ଖୋଳପା ଭଳି ବିଭିନ୍ନ ପଦାର୍ଥ ପଡ଼ି ରହୁଛି। ଫଳରେ ଛାତ୍ରଛାତ୍ରୀଙ୍କ ଉପରେ କୁପ୍ରଭାବ ପଡୁଛି । ଏନେଇ ନିକଟରେ ନିର୍ବାଚିତ ହୋଇଥିବା ଏନ୍.ଏସ୍.ୟୁ.ଆଇର ପ୍ରତିନିଧିମାନେ ବାଲିଆପାଳ ଥାନା ଅଧିକାରୀଙ୍କୁ ଦାବି ପତ୍ର ପ୍ରଦାନ କରିବା ସହିତ ଫାଟକରେ ସୁରକ୍ଷା କର୍ମୀ ନିଯୁକ୍ତି ଏବଂ ସାମାଜିକ ଲୋକଙ୍କ ବିରୋଧ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯାଉ ବୋଲି ଦାବି କରିଛନ୍ତି । ବାଲିଆପାଳ ଆଇଆଇସିଙ୍କ ଅନୁପସ୍ଥିତିରେ ଥାନା ଏସଆଇ ମନୋରଞ୍ଜନ ବେହେରା ଦାବିପତ୍ର ଗ୍ରହଣ କରିବା ସହିତ ଏହାର ସମାଧାନ କରାଯିବ ବୋଲି କହିଛନ୍ତି । ଏହା ବ୍ୟତୀତ ମୁଖ୍ୟମନ୍ତ୍ରୀ ମନ୍ତ୍ରୀ ବସର ସମୟ ପରିବର୍ତ୍ତନ ପାଇଁ ବାଲିଆପାଳ ବିଡିଓ ରାଧାରଞ୍ଜନ ଦାଶଙ୍କୁ ମଧ୍ୟ ଦାବି ପତ୍ର ପ୍ରଦାନ କରାଯାଇଛି। ଏହି ସମୟରେ ଅର୍ଚ୍ଚିତା ରାଉତ, ଜ୍ୟୋସ୍ନା ରାଣୀ ବାରିକ, ପ୍ରଦ୍ୟୁମ୍ନ ରଣସିଂହ, ମାନିନୀ ମହାନ୍ତି, ସୁନିତା ହାଜରା, ଗୈତମ ରାଉତ, ମୈସୁମୀ ମୁଖୀଙ୍କ ସମେତ କଂଗ୍ରେସ ନେତା ତୀର୍ଥ କୁମାର ନାଗ, ଦିଗ ବିଜୟ ବିଶ୍ୱାଳ, ଚନ୍ଦନ ରାଜ ପ୍ରମୁଖ ଉପସ୍ଥିତ ଥିଲେ।

ଭଡ଼ାଘରେ କନିଷ୍ଠଯନ୍ତ୍ରୀଙ୍କ ସନ୍ଦେହ ଜନକ ମୃତ୍ୟୁ: କବାଟଭାଙ୍ଗି ମୃତଦେହ ଉଦ୍ଧାର

ନୀଳଗିରି , ୦୩/୧୧ (ନି.ପ୍ର): ନୀଳଗିରି ବିଜ୍ଞାପିତ ଅଞ୍ଚଳ ପରିଷଦରେ କାର୍ଯ୍ୟରତ କନିଷ୍ଠଯନ୍ତ୍ରୀ ଦେବାଶିଷ ପୃଷ୍ଟି (୫୭)ଙ୍କର ଏକ ଭଡାଘରୁ କବାଟଭାଙ୍ଗି ଉଦ୍ଧାର କରାଯାଇଛି। ସଂପୃକ୍ତ ଯନ୍ତ୍ରୀଜଣକ ଗତ ସେପଟ୍ମେ୍ବର ମାସରେ ନୀଳଗିରି ଏନ୍.ଏସିରେ ଯୋଗଦେଇଥିଲେ। ଏହା ପୂର୍ବରୁ ସେ ବାସୁଦେବପୁର ମ୍ୟୁନିସିପାଲିଟିରରେ ଦୀର୍ଘବର୍ଷ ଧରି କାର୍ଯ୍ୟକରି ଆସିଥିଲେ। ନୀଳଗିରି ଏନ୍.ଏସିରେ ଯୋଗଦେବାପରେ ସେ ବରିସାହି ଗ୍ରାମସ୍ଥ ମନୋଜ ଦାସଙ୍କ ଭଡ଼ାଘରେ ରହୁଥିଲେ। ମଙ୍ଗଳବାର ଦିନ ପ୍ରାୟ ୧୦ଟା ସମୟରେ ଘରର ମାଲିକ କବାଟବନ୍ଦ ଥିବା ଦେଖି ଜେଇଙ୍କୁ ଡାକ ପକାଇଥିଲେ। ମାତ୍ର ଉତ୍ତର ନମିଳବାରୁ ଘରମାଲିକ ଏନ୍.ଏସି କର୍ମଚାରୀଙ୍କୁ ଖବର ଦେବାପରେ କର୍ମଚାରୀମାନେ ମଧ୍ୟ ସଂପୃକ୍ତ ଜେଇଙ୍କୁ ଡାକିବା ସହିତ ଫୋନ୍ ମଧ କରିଥିଲେ। ମାତ୍ର ଉତ୍ତର ନମିଳିବାରୁ ଶେଷରେ କର୍ମଚାରୀମାନେ କବାଟ ଭାଙ୍ଗିବାରୁ ଯନ୍ତ୍ରୀଜଣକ ଖଟରେ ଟଳି ପଡିଥିବାର ଦେଖିବାକୁପାଇ ପରିବାର ବର୍ଗଙ୍କୁ ଖବର ଦେଇଥିଲେ। ସଙ୍ଗେସଙ୍ଗେ କର୍ମଚାରୀମାନେ ନୀଳଗିରୀ ମେଡ଼ିକାଲକୁ ଆଣିଥିଲେ ହେଁ ଡାକ୍ତର ମୃତଘୋଷଣା କରିଛନ୍ତି। ଖବର ପ୍ରଚାରିତ ହେବାପରେ ବାସୁଦେବପୁର ପୌରପାଳିକାର ଅନେକ କର୍ମଚାରୀ ନୀଳଗିରି ମେଡିକାଲରେ ପହଂଚି ଯନ୍ତ୍ରୀଙ୍କ ଶେଷଦର୍ଶନ କରିଛନ୍ତି। ନୀଳଗିରି ଏନ୍.ଏସିର ସମସ୍ତ କର୍ମଚାରୀ, ନିର୍ବାହୀଅଧିକାରୀ ଅଂଶୁମାନ ପରିଡ଼ା, ଅଧକ୍ଷ ମହେନ୍ଦ୍ର ବେହେରା, ସମସ୍ତ କାଉନସିଲର, ଉପସ୍ଥିତ ଥିବାର ଦେଖିବାକୁ ମିଳିଛି। ମୃତକର ଘର ଭୁବନେଶ୍ୱର ହୋଇଥିବାବେଳେ ତାଙ୍କ ସ୍ତ୍ରୀ ନବୋଦୟ ବିଦ୍ୟାଳୟରେ ଚାକିରୀ କରିଥିବାର ଜଣାପଡିଛି। ସଂଧ୍ୟା ପରେ ଶବବ୍ୟବଚ୍ଛେଦ ହେବାର ନିୟମ ନଥିବାବେଳେ ଜରୁରୀକାଳୀନ ପରିସ୍ଥିତିକୁ ଆଖି ଆଗରେ ରଖି ବାଲେଶ୍ୱର ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶଙ୍କ ନିର୍ଦ୍ଦେଶପରେ ଜେନେରେଟର ସାହାଯ୍ୟରେ ଶବବ୍ୟବଚ୍ଛେଦ କରାଯିବାପରେ ମୃତଦେହକୁ ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯାଇଛି । ତେବେ ଶବବ୍ୟବଚ୍ଛେଦ ରିପୋର୍ଟ ଆସିବାପରେ ମୃତ୍ୟୁର କାରଣ ଜଣାପଡ଼ିବ ବୋଲି ପୋଲିସ ସୂଚନା ଦେଇଛି।



ଆନ୍ଧ୍ର ସାମ୍ବିଧାନିକ ସଙ୍କଟ ସୃଷ୍ଟି କରୁଛି : ରାଜସ୍ୱ ମନ୍ତ୍ରୀ

ଭୁବନେଶ୍ୱର, ୦୩/୧୧ (ନି.ପ୍ର): ଆନ୍ଧ୍ର ପ୍ରଦେଶ ସାମ୍ବିଧାନିକ ସଙ୍କଟ ସୃଷ୍ଟି କରୁଛି ବୋଲି କହିଛନ୍ତି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ। କୋଟିଆରେ ଦୁଇ ରାଜ୍ୟର ପୋଲିସ୍ ମୁହାଁମୁହିଁ ହେବା ଘଟଣାରେ ପ୍ରତିକ୍ରିୟା ରଖି ରାଜସ୍ୱ ମନ୍ତ୍ରୀ କହିଛନ୍ତି ଯେ କୋଟିଆ ଓଡ଼ିଶାର ଅବିଚ୍ଛେଦ୍ୟ ଅଙ୍ଗ, କେହି ଏହାକୁ ଅଲଗା କରିପାରିବେନି। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ଅବମାନନା କରି ଆନ୍ଧ୍ର ସାମ୍ବିଧାନିକ ସଙ୍କଟ ସୃଷ୍ଟି କରୁଛି। ଆନ୍ଧ୍ର ବିରୋଧରେ ଆମେ ସୁପ୍ରିମକୋର୍ଟ ଯାଇଛୁ। କୋଟିଆ ପ୍ରସଙ୍ଗରେ ସବୁ ଦଳର ନେତା ବି ଏକଜୁଟ୍ ଅଛନ୍ତି। ୨୦୨୧ ନିର୍ବାଚନରେ ଆନ୍ଧ୍ର କୋଟିଆରେ ପୋଲିଂ ବୁଥ୍ କରିଥିଲା। କିନ୍ତୁ ଓଡ଼ିଶାର ବିରୋଧ ପରେ ଆନ୍ଧ୍ର ଏଥର କୋଟିଆରେ ପୋଲିଂ ବୁଥ୍ କରିନି।

ଗଞ୍ଜେଇ ଚୋରା ଚାଲାଣ ଉପରେ ଭଞ୍ଜପୁର ପୁଲିସର ଚଢ଼ାଉ: ୩ ଗିରଫ

ଦେଢ଼ କୁଇଣ୍ଟାଲରୁ ଉର୍ଦ୍ଧ୍ୱ ଗଞ୍ଜେଇ ସହ କାର ଏବଂ ନଗଦ ଲକ୍ଷାଧିକ ଟଙ୍କା ଜବତ

ବାରିପଦା , ୦୩/୧୧ (ନି.ପ୍ର): ମୟୁରଭଞ୍ଜ ଜିଲ୍ଲାରେ ନିଶା ଦ୍ରବ୍ୟ ଚୋରା ଚାଲାଣ ଘଟଣା ଦିନକୁ ଦିନ ବୃଦ୍ଧି ପାଉଥିବା ବେଳେ, ଚୋରା ଗଞ୍ଜେଇ ଚାଲାଣ ରୋକିବା ଦିଗରେ ବାରିପଦା ଭଞ୍ଜପୁର ଥାନା ପୋଲିସକୁ ଏକ ବଡ଼ ଧରଣର ସଫଳତା ମିଳିଛି। ଲକ୍ଷ୍ମୀପୋଷି ଫାଣ୍ଡି ସ୍ଥିତ କେନ୍ଦ୍ରୀୟ ବିଦ୍ୟାଳୟ ନିକଟ ସୁବର୍ଣ୍ଣରେଖା କେନାଲ ରାସ୍ତାରେ ଗୋଡାଇ ଗୋଡାଇ ବେଆଇନ ଗଞ୍ଜେଇ ଚାଲାଣ କାର ଉପରେ ଚଢ଼ାଉ କରି ପୋଲିସ ୩ ଜଣ ଆନ୍ତଃରାଜ୍ୟ ଗଞ୍ଜେଇ ମାଫିଆଙ୍କୁ ଗିରଫ କରିବାରେ ସଫଳ ହୋଇଛି। ଏଥିସହ ସେମାନଙ୍କ ନିକଟରୁ ବିପୁଳ ପରିମାଣର ଗଞ୍ଜେଇ, ନଗଦ ଟଙ୍କା ଏବଂ ଚାଲାଣରେ ବ୍ୟବହୃତ ଏକ ଦାମୀ କାର ଜବତ କରାଯାଇଛି। ମିଳିଥିବା ସୂଚନା ଅନୁଯାୟୀ, ଲକ୍ଷ୍ମୀପୋଷି ସ୍ଥିତ କେନ୍ଦ୍ରିୟ ବିଦ୍ୟାଳୟ ନିକଟ ଦେଇ ଏକ କାରରେ ବିପୁଳ ପରିମାଣର ନିଶାଦ୍ରବ୍ୟ ଚାଲାଣ ହେଉଥିବା ନେଇ ଭଞ୍ଜପୁର ପୋଲିସକୁ କୌଣସି ସୂତ୍ରରୁ ଗୁଇନ୍ଦା ସୂଚନା ମିଳିଥିଲା। ଖବର ପାଇ ପୋଲିସ ଟିମ ତୁରନ୍ତ ଘଟଣାସ୍ଥଳରେ ନାକାବନ୍ଦୀ କରି ଯାନବାହନ ଯାଞ୍ଚ ଆରମ୍ଭ କରିଥିଲା। ଏହି ସମୟରେ ଏକ ସନ୍ଦିଗ୍ଧ ପଶ୍ଚିମବଙ୍ଗ ନମ୍ବର ଡ଼ବ୍ଲୁବି ୮୯ଡି ୦୬୩୨ ନମ୍ବର କାରକୁ ଅଟକାଇ ତଲାସି କରିବା ପରେ ଗାଡ଼ି ଭିତରୁ ଦେଢ଼ କୁଇଣ୍ଟାଲରୁ ଅଧିକ ଗଞ୍ଜେଇ ମିଳିଥିଲା। ପୋଲିସ ତୁରନ୍ତ ଗାଡ଼ିରେ ଥିବା ୩ ଜଣ ଗଞ୍ଜେଇ ଚାଲାଣକାରୀଙ୍କୁ କାବୁ କରିବା ସହ ଘଟଣା ସ୍ଥଳରୁ ଉକ୍ତ ଗଞ୍ଜେଇ, ନଗଦ ଲକ୍ଷାଧିକ ଟଙ୍କା ଓ କାରଟିକୁ ଜବତ କରିଛି। ଗିରଫ ଅଭିଯୁକ୍ତ ମାନଙ୍କୁ ଥାନାକୁ ଆଣି ପଚରାଉଚରା ଜାରି ରହିଛି। ଏହି ଗଞ୍ଜେଇ କେଉଁଠାରୁ ଆସି କେଉଁ ସ୍ଥାନକୁ ଚାଲାଣ କରାଯାଉଥିଲା ଏବଂ ଏହି ର୍ୟାକେଟ ପଛରେ ଆଉ କେଉଁମାନେ ସମ୍ପୃକ୍ତ ଅଛନ୍ତି, ସେନେଇ ପୋଲିସ ପକ୍ଷରୁ ଅଧିକ ତଦନ୍ତ ଚାଲିଥିବା ଜଣାପଡ଼ିଛି।



ସଇତପୁର ହାଇସ୍କୁଲ ଶିକ୍ଷକଙ୍କ ଘରୁ ଚୋରି

ବୈଶିଙ୍ଗା , ୦୩/୧୧ (ନି.ପ୍ର): ବୈଶିଙ୍ଗା ଥାନା ଅଧିନ ସଇତପୁର ଗ୍ରାମର ବାସିନ୍ଦା ତଥା ସଇତପୁର ହାଇସ୍କୁଲ ରେ କାର୍ଯ୍ୟରତ ହିନ୍ଦୀ ଶିକ୍ଷକ ସୁଶାନ୍ତ ମହାନ୍ତିଙ୍କ ଘରୁ ଗତକାଲି ସୋମବାର ରାତିରେ ଗ୍ରିଲ ଚାବି ଭାଙ୍ଗି ଏକ ବଜାଜ ପଲ୍ସର ବାଇକ, ଗୋଟିଏ ଆଇରନ ଓ ଗୋଟିଏ ଇନଡକ୍ସନ ହିଟର ଚୋରି ହୋଇଥିବା ଜଣା ପଡ଼ିଛି। ଶିକ୍ଷକ ଓ ତାଙ୍କ ପରିବାର ୨ ତାରିଖ ରାତିରେ ଖାଇ ଶୋଇବା ପରେ ରାତ୍ର ୩.୪୦ ମିନିଟ ରେ ତାଙ୍କ ସ୍ତ୍ରୀ ମୀତାଞ୍ଜଳୀ ବାହାରକୁ ଉଠିଥିଲେ। ସେତେବେଳକୁ ଘରେ ବାଇକ୍ ନଥିବାରୁ ସ୍ୱାମୀଙ୍କୁ ଡାକିଥିଲେ। ଶ୍ରୀଯୁକ୍ତ ମହାନ୍ତି ଉଠି ଦେଖନ୍ତି ତ ତାଙ୍କର ଓଡି ୦୧ ଏକ୍ୟୁ ୯୧୯୩ ବାଇକ୍ ନଥିବା ଦେଖି ଚୋର ଘରେ ପଶି ବାଇକ୍ ସହ ଅନ୍ୟ ଜିନିଷ ଗୁଡ଼ିକ ନେଇଥିବା ସନ୍ଦେହ କରିଥିଲେ। ଦେଖୁ ଦେଖୁ ଗୋଟିଏ ଇଲେକ୍ଟ୍ରିକ ଆଇରନ, ଏକ ଇଣ୍ଡକସନ ଚୂଲା ଚୋରୀ ହୋଇଥିବା ଜଣା ପଡିଥିଲା । ଏ ନେଇ ବୈଶିଙ୍ଗା ଥାନାରେ ଅଭିଯୋଗ କରିବା ପରେ ଏକ ମାମଲା ରୁଜୁ ହୋଇ ତଦନ୍ତ ଜାରି ଥିବା ଜଣା ପଡ଼ିଛି।

ୟୁଜିସି ନିୟମାବଳୀ-୨୬ରେ ସାଧାରଣ ବର୍ଗକୁ ଉପେକ୍ଷା

ଆନ୍ଦୋଳନକୁ ଓହ୍ଲାଇଲା ଖଇରା ଆଞ୍ଚଳିକ ବ୍ରାହ୍ମଣ ସମିତି

ଖଇରା, ୦୩/୧୧ (ନି.ପ୍ର): କେନ୍ଦ୍ର ସରକାରଙ୍କ ଦ୍ୱାରା ପ୍ରଣୟନ ହେବାକୁ ଥିବା ୟୁଜିସି (ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ) ନିୟମାବଳୀ-୨୬ରେ ସାଧାରଣ ବର୍ଗକୁ ଯଥେଷ୍ଟ ଉପେକ୍ଷା କରାଯାଇଛି । ସମ୍ବିଧାନର ଧାରା ୧୪ରେ ଥିବା ସମାନତାର ଅଧିକାର ଭଳି ମୌଳିକ ଅଧିକାରକୁ ଉଲ୍ଲଂଘନ କରାଯାଇଛି । ଅନୁସୁଚିତ ଜାତି,ଜନଜାତିଙ୍କୁ ସୁହାଇବା ଏବଂ ସାଧାରଣ ବର୍ଗକୁ ଅଭିଯୁକ୍ତ ଦର୍ଶାଇବା ଭଳି ବ୍ୟବସ୍ଥା ଏଥିରେ ରଖାଯାଇଥିବା ନେଇ ଅଭିଯୋଗ ହୋଇ ଆସୁଛି । ସୁପ୍ରିମକୋର୍ଟ ଏହି ଅଧିନିୟମ ଲାଗୁ ଉପରେ ମଧ୍ୟ କଟକଣା ମଧ୍ୟ ଲଗାଇଛନ୍ତି । ଏହି ନିୟମାବଳୀ ବା ଅଧିନିୟମ ବିରୋଧରେ ରାଜ୍ୟ ବ୍ରାହ୍ମଣ ସମିତି ନିର୍ଦ୍ଦେଶ କ୍ରମେ ଖଇରା ଆଞ୍ଚଳିକ ବ୍ରାହ୍ମଣ ସମିତି ଏକଜୁଟ ହୋଇ ମଙ୍ଗଳବାର ପୂର୍ବାହ୍ନରେ ପ୍ରତିବାଦ ଜଣାଇଛି । ପ୍ରଥମେ ବୃନ୍ଦିରାମ ପାଣିଗ୍ରାହୀଙ୍କ ପୌରହିତ୍ୟରେ ବ୍ଲକ ସଭାଗୃହରେ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା । ଏଥିରେ ରାଜ୍ୟ ଉପସଭାପତି କୃଷ୍ଣଚନ୍ଦ୍ର ପତ୍ରୀ, ଖଇରା ଶାଖାର ସାଧାରଣ ସମ୍ପାଦକ ରମାକାନ୍ତ ଶତପଥି, ବରିଷ୍ଠ ସଦସ୍ୟ ମୁକ୍ତିକାନ୍ତ ଶତପଥି, ରାମଚନ୍ଦ୍ର ପଣ୍ଡା ପ୍ରମୁଖ ଉକ୍ତ ନିୟମାବଳୀ ରେ ପକ୍ଷପାତିତାକୁ ନେଇ ସମାଲୋଚନା କରିଥିଲେ। ପରେ ବ୍ରାହ୍ମଣ ସମିତିର ଶତାଧିକ ସଦସ୍ୟ ଏକ ଶୋଭାଯାତ୍ରାରେ ବିଡିଓଙ୍କ କାର୍ଯ୍ୟାଳୟକୁ ଯିବା ସହ ଏହି ନିୟମାବଳୀ ପ୍ରତ୍ୟାହାର ବା ସଂଶୋଧନ ଦାବିରେ ବିଡିଓ ନାରାୟଣ ସାହୁଙ୍କ ମାଧ୍ୟମରେ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ପ୍ରଦାନ କରାଯାଇଛି ।



ନୀଳମଣି କଲେଜରେ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ କାର୍ଯ୍ୟକ୍ରମ

ବସ୍ତା , ୦୩/୧୧ (ନି.ପ୍ର): ସଦର ବ୍ଲକ ଅନ୍ତର୍ଗତ ରୂପସାସ୍ଥିତ ନୀଳମଣି ମହାବିଦ୍ୟାଳୟ ଜାତୀୟ ସେବା ଯୋଜନା ଆନୁକୂଲ୍ୟରେ ମହାବିଦ୍ୟାଳୟ ସମ୍ମିଳନୀ କକ୍ଷରେ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଅଧକ୍ଷ ଡ. ତପନ କୁମାର ବେହେରା ଅଧକ୍ଷତା କରିବା ସହ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳନର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ପ୍ରୋଗ୍ରାମ ଅଫିସର ଅଧାପକ ଗୌରାଙ୍ଗ ପଣ୍ଡା କାର୍ଯ୍ୟକ୍ରମର ପ୍ରାରମ୍ଭିକ ସୂଚନା ପ୍ରଦାନ କରିବା ସହ ଅତିଥି ପରିଚୟ ପ୍ରଦାନ କରିଥିଲେ । ପ୍ରାଧାପକ ସରୋଜ କୁମାର ପାଣି, ଅଧାପିକା ପିନାକ୍ଷୀ ପଣ୍ଡା, ଇତିଶ୍ରୀ ମହାନ୍ତ ଓ ଅଧାପକ ଶ୍ରବଣ କୁମାର ନାୟକ ପ୍ରମୁଖ ବିଷୟ ବିଶେଷଜ୍ଞ ଭାବରେ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ଦୁର୍ନୀତି ଏକ ସାମାଜିକ ବ୍ୟାଧି ବୋଲି ମତବ୍ୟକ୍ତ କରିବା ସହ ଯୁବପିଢ଼ୀଙ୍କୁ ଏହି ମାରାତ୍ମକ ବ୍ୟାଧିଠାରୁ ଦୂରେଇ ରହିବା ପାଇଁ ପରାମର୍ଶ ପ୍ରଦାନ କରିଥିଲେ । ଏହି କାର୍ଯ୍ୟକ୍ରମ ପାଳନ ଅବସରରେ ଛାତ୍ରଛାତ୍ରୀ ମାନଙ୍କୁ ଦୁର୍ନୀତି ନିବାରଣର ଶପଥ ପାଠ କରାଯାଇଥିଲା ।ଏହି ଅବସରରେ ସ୍ୱେଚ୍ଛାସେବୀ ରିଙ୍କି ମାଇତି, ମାନସୀ ସ୍ୱାଇଁ, ରଶ୍ମିତା ବେହେରା, ଜୟସ୍ମିତା ପରିଡ଼ା, ରାଜେନ୍ଦ୍ର ଦାସ, ଦୀନେଶ କୁମାର ଜେନା, ଧନଞ୍ଜୟ ନାୟକ ଓ ବାଦଲ ସିଂ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଛାତ୍ରଛାତ୍ରୀମାନେ ଏକ ସଚେତନତା ଶୋଭାଯାତ୍ରାରେ ଯାଇ ଜନସାଧାରଣଙ୍କୁ ଦୁର୍ନୀତି ନିବାରଣ ସମ୍ପର୍କରେ ସଚେତନ କରାଇଥିଲେ । ଶେଷରେ ରଞ୍ଜିତ୍ କୁମାର ତପସ୍ୱୀ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

ସାଇବର ଠକେଇ ଅଭିଯୁକ୍ତ ଶେଖ ସାବିର କୋଲକାତା ବିମାନବନ୍ଦରରୁ ଗିରଫ

କୋଲକାତା, ୦୩/୧୧ (ନି.ପ୍ର): କର୍ଣ୍ଣାଟକରେ ସାଇବର ଠକେଇର ଏକାଧିକ ମାମଲାରେ ଖୋଜାଯାଉଥିବା ଅଭିଯୁକ୍ତ ଶେଖ ସାବିରଙ୍କୁ କୋଲକାତାର ନେତାଜୀ ସୁଭାଷଚନ୍ଦ୍ର ବୋଷ ଅନ୍ତର୍ଜାତୀୟ ବିମାନବନ୍ଦରରୁ ଗିରଫ କରାଯାଇଛି। ଅଭିଯୁକ୍ତ ମଙ୍ଗଳବାର ଭୋରରୁ କୋଲକାତାରୁ ଦୁବାଇ ଫେରାର ହେବାକୁ ଯୋଜନା କରୁଥିଲା। ଏହି ସମୟରେ ଆବାସନ ବିଭାଗର ଅଧିକାରୀମାନେ ତାକୁ ଧରିଥିଲେ। ତା' ବିରୋଧରେ ଲୁକ୍‌ଆଉଟ୍ ନୋଟିସ୍ ଜାରି ହୋଇଥିଲା। ପୁଲିସ ସୂତ୍ର ଅନୁଯାୟୀ, ଶେଖ ସାବିର ମଙ୍ଗଳବାର ଭୋରରୁ ଦୁବାଇ ଯିବା ପାଇଁ କୋଲକାତା ବିମାନବନ୍ଦରରେ ପହଂଚିଥିଲା। ଦସ୍ତାବିଜ୍ ଯାଂଚ ସମୟରେ ତା' ବିରୋଧରେ ଜାରି ହୋଇଥିବା ଲୁକ୍‌ଆଉଟ୍ ନୋଟିସ୍ ବିଷୟରେ ଜଣାପଡ଼ିବା ପରେ ଆବାସନ ଅଧିକାରୀମାନେ ତାକୁ ଅଟକ ରଖିଥିଲେ। ପରେ ତାକୁ ବିମାନବନ୍ଦର ଥାନାର ପୁଲିସକୁ ହସ୍ତାନ୍ତର କରାଯାଇଥିଲା।

ବ୍ଲକସ୍ତରୀୟ 'ସୁରଭି' ପ୍ରତିଯୋଗିତାରେ ବାଗୀଶ୍ୱରୀ ସଂସ୍କୃତ ମହାବିଦ୍ୟାଳୟର ବାଜିମାତ: ୩ ଜଣ ଜିଲ୍ଲାସ୍ତରକୁ ମନୋନୀତ

ଜଳେଶ୍ୱର, ୦୩/୧୧ (ନି.ପ୍ର): ଜଳେଶ୍ୱର ବ୍ଲକ ସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି' ପ୍ରତିଯୋଗିତାରେ ଜଳେଶ୍ୱର ବ୍ଲକ ଆରୁହା ପଞ୍ଚାୟତ ଶାଳୀକୋଠା ବାଗୀଶ୍ୱରୀ ସଂସ୍କୃତ ମହାବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଉଲ୍ଲେଖନୀୟ ସଫଳତା ହାସଲ କରି ଅନୁଷ୍ଠାନ ତଥା ଅଞ୍ଚଳ ପାଇଁ ଗୌରବ ଆଣିଦେଇଛନ୍ତି। ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାରେ ଉକ୍ତ ମହାବିଦ୍ୟାଳୟର ନିରଞ୍ଜନ ନନ୍ଦ ବିତର୍କରେ ପ୍ରଥମ,ପ୍ରଣିତା ପଣ୍ଡା ବକ୍ତୃତା (ଭାଷଣ)ରେ ପ୍ରଥମ ଏବଂ ମୋନାଲିସା ଦାସ ପ୍ରବନ୍ଧ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି ।ଏହି କୃତୀ ଛାତ୍ରଛାତ୍ରୀମାନେ ଆଗାମୀ ଜିଲ୍ଲା ସ୍ତରୀୟ ସୁରଭି ପ୍ରତିଯୋଗିତାରେ ଅଂଶଗ୍ରହଣ କରିବା ପାଇଁ ଯୋଗ୍ୟତା ଅର୍ଜନ କରିଛନ୍ତି। ଅନ୍ୟ ପ୍ରତିଯୋଗୀମାନଙ୍କ ମଧ୍ୟରେ ଅର୍ଚ୍ଚିତା ସାମଲ ଚିତ୍ରାଙ୍କନରେ ଦ୍ୱିତୀୟ, ବନିତା ପାତ୍ର ସାଧାରଣ ଜ୍ଞାନ (କୁଇଜ୍)ରେ ତୃତୀୟ ଏବଂ ସ୍ନେହା ପାତ୍ର ସୃଜନଶୀଳ ରଚନାରେ ତୃତୀୟ ସ୍ଥାନ ଅଧିକାର କରି ମହାବିଦ୍ୟାଳୟର ସୁନାମ ବୃଦ୍ଧି କରିଛନ୍ତି। ଛାତ୍ରଛାତ୍ରୀମାନଙ୍କ ଏହି ଉଲ୍ଲେଖନୀୟ ସଫଳତା ପାଇଁ ମହାବିଦ୍ୟାଳୟର ଅଧକ୍ଷ ଡ.ବିବେକାନନ୍ଦ ସାହୁ ସମସ୍ତ କୃତୀ ପ୍ରତିଯୋଗୀଙ୍କୁ ଶୁଭେଚ୍ଛା ଜଣାଇବା ସହ ସେମାନଙ୍କୁ ପ୍ରସ୍ତୁତ କରିବାରେ ସହଯୋଗ କରିଥିବା ଅଧାପକ,ଅଧାପିକା ଓ ଶିକ୍ଷାକର୍ମୀମାନଙ୍କୁ ଧନ୍ୟବାଦ ତଥା କୃତଜ୍ଞତା ଜ୍ଞାପନ କରିଛନ୍ତି। ମହାବିଦ୍ୟାଳୟର ଏହି ସଫଳତା ଖବର ପ୍ରଚାରିତ ହେବା ପରେ ସମଗ୍ର ଆରୁହା ପଞ୍ଚାୟତରେ ଆନନ୍ଦ ଓ ଉତ୍ସାହର ଲହରୀ ଖେଳିଯାଇଛି।



ସୁମାମଣୀଙ୍କ ଅଭିଯୋଗ: ସରପଂଚ, ସମିତି ଅଧକ୍ଷା, ବିଧାୟକ ଓ ଜିଲ୍ଲାପାଳ କେହି ଶୁଣିଲେ ନାହିଁ ଗୁହାରି

ଉଦଳା , ୦୩/୧୧ (ନି.ପ୍ର): ଉଦଳା ବ୍ଲକର ରାଢ଼ୋ ପଂଚାୟତ ଅନ୍ତର୍ଗତ ପହଣ୍ଡା ଗ୍ରାମର ବାସିନ୍ଦା ମନ୍ମଥ ପାତ୍ରଙ୍କର ସହଧର୍ମିଣୀ ସୁମାମଣି ପାତ୍ର ସାମାଜିକ ସୁରକ୍ଷା ଯୋଜନାରେ ସରକାର ପ୍ରଦାନ କରୁଥିବା ଭତା ପାଇପାରିନଥିବାର ଜଣାଇଛନ୍ତି । ଭୋଟ ପରିଚୟପତ୍ର ଓ ଆଧାର କାର୍ଡ଼ ସବୁଥିରେ ତାଙ୍କର ବର୍ତ୍ତମାନ ବୟସ ୬୭ ବର୍ଷ ଛୁଇଁଥିବାର ଜଣାଯାଇଛି। ସାରାଜୀବନ ଦିନମଜୁରିଆ ଭାବରେ କାମ କରି ଦିନ ବିତାଇଥିବା ସୁମାମଣି ବୟସ ଅଧିକ ହୋଇଯାଇଥିବାରୁ ଆଗଭଳି କାମକରି ପାରୁ ନାହାଁନ୍ତି । ତାଛଡ଼ା ବାରମ୍ବାର ଦେହ ଅସୁସ୍ଥ ହେବାରୁ ସେ ନାହିଁନଥିବା ଅସୁବିଧାର ସମ୍ମୁଖିନ ହେଉଥିବାର କଥା କହିଛନ୍ତି । ଏତିକି ବେଳେ ସାମାଜିକ ସୁରକ୍ଷା ଯୋଜନାରେ ତାଙ୍କୁ ଭତା ଯୋଗାଇ ଦେବା ପାଇଁ ସେ ଗତ ୨୦୨୪ ମସିହା ମେ ମାସ ୬ ତାରିଖ ଦିନ ନିର୍ଦ୍ଧାରିତ ଫର୍ମରେ ଆବେଦନ କରିଥିଲେ । ପରେ ସ୍ଥାନୀୟ ସରପଂଚଙ୍କୁ ସାକ୍ଷାତ କରି ଗୁହାରି ଜଣାଇଥିଲେ । କିନ୍ତୁ ସୁଫଳ ନମିଳିବାରୁ କିଛିଦିନ ପରେ ଉଦଳା ଆସି ପଂଚାୟତ ସମିତି ଅଧକ୍ଷା ଙ୍କୁ ସାକ୍ଷାତ କରିବା ସହ ପୁଣିଥରେ ଗୁହାରି ଜଣାଇଥିଲେ । ଏହାପରେ ମଧ କିଛି ଲାଭ ହେଲା ନାହିଁ। ପରେ ବିଧାୟକ ଭାସ୍କର ମଢ଼େଇଙ୍କୁ ସାକ୍ଷାତ କରି ଦୁଃଖ ଜଣାଇବା ପରେ ସେ ଜିଲ୍ଲାପାଳଙ୍କ ଜନଅଭିଯୋଗ ଶୁଣାଣି ଶିବିରରେ ଲିଖିତ ଆକାରରେ ଜଣାଇବା ପାଇଁ ପରାମର୍ଶ ଦେଇ ନିରବ ରହିଲେ । ଏହାପରେ ୨୦୨୫ ମସିହା ଜୁଲାଇ ମାସ ୨୮ ତାରିଖ ଦିନ ଉଦଳା ଠାରେ ଜିଲ୍ଲାପାଳଙ୍କ ଜନଅଭିଯୋଗ ଶୁଣାଣି ଶିବିରରେ ସୁମାମଣି ନିଜେ ଉପସ୍ଥିତ ରହି ଲିଖିତ ଗୁହାରି ଜଣାଇଥିଲେ। ଜିଲ୍ଲାପାଳ ଦରଖାସ୍ତ ଗ୍ରହଣ କରି ଚିରାଚରିତ ଢ଼ଙ୍ଗରେ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇ କର୍ତବ୍ୟ ସମ୍ପାଦନ କଲେ । ଏହାପରେ ଦିର୍ଘ ୧ବର୍ଷ ୪ ମାସ ସମୟ ବିତି ଯାଇଛି। କିନ୍ତୁ ସୁମାମଣି ଏପର୍ଯ୍ୟନ୍ତ ଭତା ପାଇପାରି ନଥିବାର କହିଛନ୍ତି। ଏହାପରେ ସେ ଆଉ କାହାକୁ ଗୁହାରି ଜଣାଇବାକୁ ଯିବେ ବୋଲି ପଚାରୁଛନ୍ତି । ଉକ୍ତ ଘଟଣା ଦେଖିବା ପରେ ସରକାରୀ ବାବୁ ମାନେ 'ତୁ ଗୁହାରି କରିବୁ ଯାହାକୁ...' ଟୁପୁରୁ ଟାପର ହେଉଥିବାର ଶୁଣିବାକୁ ମିଳୁଛି । ଏହିଭଳି ଗରିବ ଗୁରୁବା ଲୋକେ ବହୁ ପ୍ରକାର ଦୁଃଖ, ଯନ୍ତ୍ରଣା ମଧ୍ୟରେ ଦିନ ବିତାଇବା ସହ ବଡ଼ବଡ଼ିଆଙ୍କର ସବୁପ୍ରକାର ଥଟା ପରିହାସକୁ ସହିଯିବାକୁ ବାଧ ହେଉଥିବାର ଦୃଶ୍ୟ ନିୟମିତ ଦେଖିବାକୁ ମିଳୁଛି। ଏହା ହେଉଛି ରାଜକୋଷରୁ ମୋଟା ଅଙ୍କରେ ଦରମା ନେଉଥିବା ସରକାରୀ ବାବୁ ଓ ପେଟପାଟଣା ପାଇଁ ଦିନ ମଜୁରିଆ ଭାବରେ ଖଟୁଥିବା ଲୋକଙ୍କ ମଧ୍ୟରେ ପାର୍ଥକ୍ୟ ବୋଲି କୁହାଯାଉଛି ।



ବିବାହିତ ମହିଳାଙ୍କୁ ପ୍ରେମ ନିବେଦନକରି ବନ୍ଧାହେଲେ ଯୁବକ

ନୀଳଗିରି , ୦୩/୧୧ (ନି.ପ୍ର): ନୀଳଗିରି ଥାନା ଅଞ୍ଚଳରେ ଜଣେ ବିବାହିତ ମହିଳାଙ୍କୁ ବାରମ୍ବାର ପ୍ରେମନିବେଦନ କରି ବିଫଳହେବା, ପରେ ଜୋରଜବରଦସ୍ତ ଟଣାଓଟରା କରିବାସହ ଆକ୍ରମଣକରିବା ଘଟଣାରେ,ଜୈନିକ ଯୁବକ ଗଛରେ ବନ୍ଧାହେବାପରେ ପୋଲିସ ଉକ୍ତ ଯୁବକକୁ ଉଦ୍ଧାରକରି ଥାନାକୁ ଆଣିଥିବା ଜଣାଯାଇଛି। ସୂଚନା ମୁତାବକ ନୀଳଗିରି ଥାନା ବେଗୁନିଆ ଗ୍ରାମର ବିବାହିତା ମହିଳା ଯମୁନା ବେହେରାଙ୍କୁ ଉକ୍ତ ଥାନା ସିଙ୍ଗିର ଗ୍ରାମର ଖଗେଶ୍ୱର କର ନାମକ ଯୁବକ ଜୋରଜବରଦସ୍ତ ପ୍ରେମନିବେଦନ କରି ଟଣାଘୋଷରା କରିବା ଏବଂ ସଂପୃକ୍ତ ମହିଳାଜଣକ ଅରାଜିହେବାରୁ ମହିଳାକୁ ଯୁବକ ଜଣକ ଅଶ୍ଳୀଳଭାଷାରେ ଗାଳିଗୁଲଜ କରି ଛୁରୀରେ ଆକ୍ରମଣ କରିଥିଲା। ଫଳରେ ମହିଳାଙ୍କ ବେକରେ ଗଭୀର କ୍ଷତ ହୋଇଥିବା ଜଣାଯାଇଛି।ଏହି ସମୟରେ ମହିଳାଙ୍କ ପୁଅ ଟିଉସନସାରି ଫେରୁଥିବା ବେଳେ ଏଭଳି ଅଘଟଣ ଦେଖି ନିକଟସ୍ଥ ମାମୁଁଘର ଏବଂ ସମ୍ପର୍କୀୟଙ୍କୁ ଡାକ ପକାଇଥିଲେ। ତୁରନ୍ତ ସେମାନେ ଆସି ଯୁବକ ଜଣକ କବଳରୁ ମହିଳାଙ୍କୁ ଉଦ୍ଧାରକରି ଯୁବକଙ୍କୁ ଏକ ଗଛରେ ବାନ୍ଧି ପକାଇଥିଲେ।ପରେ ୧୧୨କୁ ଖବର ଦେଲାପରେ ପୋଲିସ ଯୁବକଙ୍କୁ ଉଦ୍ଧାରକରି ଥାନାକୁ ଆଣିଛି। ତେବେ ମହିଳାଙ୍କ ସହିତ ଯୁବକଙ୍କର ପୂର୍ବରୁ ପ୍ରେମସମ୍ପର୍କ ରହିଥିବା ଶୁଣିବାକୁ ମିଳିଥିବାବେଳେ ପୂର୍ବ ଘଟଣାକୁନେଇ ଥାନାରେ ଆପୋଷ ସମାଧାନ ହୋଇଥିବା ଜଣାଯାଇଛି। ଏନେଇ ନୀଳଗିରି ଥାନାରେ ମହିଳାଜଣକ ଲିଖିତ ଅଭିଯୋଗ କରିଥିବା ଜଣାଯାଇଛି।

❒ ସଂପାଦିକା : ସୈରିନ୍ଧ୍ରୀ ସାହୁ
❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Editor: Sairindhree Sahoo
❒ Managing & Executive Editor : Srustidhar Parida